



# 27

# ବିତ୍ତୀୟ ବିବରଣୀ ଗୁଡ଼ିକର ବିଶ୍ଳେଷଣ –ଏକ ଉପକ୍ରମ

ତୁମେ ଏହା ପୂର୍ବରୁ 'ଲାଭକାରୀ ସଂସ୍ଥା ଏବଂ ଅଣ-ଲାଭକାରୀ ସଂସ୍ଥାଗୁଡ଼ିକର ବିତ୍ତୀୟ ବିବରଣୀ' ସମ୍ବନ୍ଧରେ ପୂର୍ବ ବର୍ଣ୍ଣିତ ମୋଡ୍ୟୁଲଗୁଡ଼ିକରୁ ଜ୍ଞାନ ଆହରଣ କରି ସାରିଛ । ଏଥିରେ ବିତ୍ତୀୟ ବିବରଣୀର ଉଦ୍‌ବୃତ୍ତ ପତ୍ର ଏବଂ ବ୍ୟାପାରିକ ହିସାବ ଓ ଲାଭ-କ୍ଷତି ହିସାବ କିପରି ପ୍ରସ୍ତୁତ କରାଯାଏ ତାହା ମଧ୍ୟ ଜାଣି ସାରିଛ । ବିତ୍ତୀୟ ବିବରଣୀ ଗୁଡ଼ିକୁ ପ୍ରଥମେ ପ୍ରସ୍ତୁତ କରାଯାଏ ଏବଂ ଏହା ପରେ ତା'କୁ ବିଶ୍ଳେଷଣ କରାଯାଏ । ଏହାକୁ ବିଶ୍ଳେଷଣ କରିବାକୁ ହେଲେ ଆମକୁ ଅନେକ ଗୁଡ଼ିଏ ସାଧନୀ (tools) ର ସାହାଯ୍ୟ ନେବାକୁ ହୁଏ; ସେଗୁଡ଼ିକ ହେଲା ତୁଳନାତ୍ମକ ବିବରଣୀ (Comparative statement), ସମାନ ଆକାରର ବିବରଣୀ (Common size statement), ଆନୁପାତିକ ବିଶ୍ଳେଷଣ, ପ୍ରବୃତ୍ତି ବିଶ୍ଳେଷଣ (Trend analysis), କୋଷ / ପାଣ୍ଠି ପ୍ରବାହ ବିବରଣୀ (Fund flow statement), ଅର୍ଥ ପ୍ରବାହ ବିବରଣୀ ଇତ୍ୟାଦି । ଏହି ପ୍ରକ୍ରିୟା ସାହାଯ୍ୟରେ ତୁଳନା କରିବା ଉଦ୍ଦେଶ୍ୟରେ ଦୁଇଟି କିମ୍ବା ଦୁଇରୁ ଅଧିକ ଅର୍ଥ କାରବାରର ହିସାବ ବିବରଣୀ ମଧ୍ୟରେ ଏକ ଅର୍ଥପୂର୍ଣ୍ଣ ସମ୍ବନ୍ଧ ବିଷୟରେ ସୂଚନା ପ୍ରଦାନ କରିହେବ ଏବଂ ଏହାକୁ ପରସ୍ପର ମଧ୍ୟରେ ତୁଳନା ଓ ତର୍ଜମା କରିହେବ । ପାଠ୍ୟକ୍ରମର ଏହି ଭାଗରେ ତୁମେ ତୁଳନାତ୍ମକ ବିବରଣୀ, ସମାନ ଆକାରର ବିବରଣୀ ଏବଂ ପ୍ରବୃତ୍ତି ବିଶ୍ଳେଷଣ ମାଧ୍ୟମରେ ଆର୍ଥିକ ବିବରଣୀଗୁଡ଼ିକୁ ବିଶ୍ଳେଷଣ କରିପାରିବା ପାଇଁ ଶିକ୍ଷା ଲାଭ କରିବ ।

## ଉଦ୍ଦେଶ୍ୟ

ଏହି ପାଠ ପଢ଼ିବା ପରେ ତୁମେ :

- ବିତ୍ତୀୟ (ଆର୍ଥିକ) ବିବରଣୀର ବିଶ୍ଳେଷଣର ଅର୍ଥ, ଆବଶ୍ୟକତା ଏବଂ ଉଦ୍ଦେଶ୍ୟକୁ ବୁଝିପାରିବ;
- ଯେଉଁ ପକ୍ଷମାନେ ଏହି ଆର୍ଥିକ ବିବରଣୀର ବିଶ୍ଳେଷଣରେ ଆଗ୍ରାହୀ ସେମାନଙ୍କୁ ଜାଣି ପାରିବ;
- ଆର୍ଥିକ ବିବରଣୀ ବା ବିତ୍ତୀୟ ବିବରଣୀର ବିଶ୍ଳେଷଣ କରିବା ପାଇଁ ଆବଶ୍ୟକ ହେଉଥିବା ବିଭିନ୍ନ ଉପାୟ ଓ ସାଧନୀକୁ ବ୍ୟାଖ୍ୟା କରିପାରିବ ।

## 27.1: ଆର୍ଥିକ ବିବରଣୀର ବିଶ୍ଳେଷଣ (ଅର୍ଥ, ଉଦ୍ଦେଶ୍ୟ ଏବଂ ଏଥିରେ ଆଗ୍ରହୀଥିବା ପକ୍ଷ)

ଆମେ ଜାଣୁ ଯେ ବ୍ୟବସାୟ ମୁଖ୍ୟତଃ ଆର୍ଥିକ କାରବାର ସହ ସମ୍ପୃକ୍ତ ଅଟେ । ଗୋଟିଏ ବ୍ୟବସାୟର ଆର୍ଥିକ ସ୍ଥିତି ନିର୍ଦ୍ଧାରଣ କରିବାକୁ ହେଲେ ପ୍ରତ୍ୟେକ ବ୍ୟବସାୟୀ କିଛି ନା କିଛି ବିବରଣୀ ପ୍ରସ୍ତୁତ କରନ୍ତି ଯାହାକୁ କି ଆର୍ଥିକ ବିବରଣୀ କୁହାଯାଏ । ଏହି ଆର୍ଥିକ ବିବରଣୀକୁ କିଛି ବ୍ୟବସାୟିକ ନିଷ୍ପତ୍ତି ନେବା ପାଇଁ







ହିଁ ପ୍ରସ୍ତୁତ କରାଯାଏ । କିନ୍ତୁ ସାଧାରଣ ଭାବରେ ଯେଉଁ ଆର୍ଥିକ ବିବରଣୀ ପ୍ରସ୍ତୁତ ହୋଇଥାଏ, ତାହା କୌଣସି ବ୍ୟବସାୟିକ ନିଷ୍ପତ୍ତି ବା ସାର୍ଥକ ସିଦ୍ଧାନ୍ତ ଗ୍ରହଣ କରିବାରେ ପର୍ଯ୍ୟାପ୍ତ ରୂପରେ ସହାୟକ ହୋଇ ନଥାଏ । ତେଣୁ ଏହି ଆର୍ଥିକ ବିବରଣୀର ଏକ ଫଳପ୍ରଦ ବିଶ୍ଳେଷଣ ଓ ବ୍ୟାଖ୍ୟାକରଣରର ଆବଶ୍ୟକତା ରହିଛି ।

ବିଶ୍ଳେଷଣ କହିଲେ ଦୁଇଟି ଆର୍ଥିକ ବିବରଣୀର ବିଭିନ୍ନ ଆଇଟମ୍ ଗୁଡ଼ିକ ମଧ୍ୟରେ ଏପରି ଏକ ଅର୍ଥପୂର୍ଣ୍ଣ ସମ୍ବନ୍ଧ ସ୍ଥାପନ କରିବା ଯେଉଁଥିରୁ କି ଏକ ଉଲ୍ଲେଖନୀୟ ନିଷ୍କର୍ଷ ବାହାରିପାରିବ । ବିତ୍ତୀୟ ବିବରଣୀ କହିଲେ ଆମେ ଦୁଇଟି ବିବରଣୀକୁ ବୁଝୁ । ତାହା ହେଲା :

(i) ଲାଭ-କ୍ଷତି ହିସାବ ବା ଆୟ ବିବରଣୀ

(ii) ଉଦ୍‌ବୃତ୍ତ ପତ୍ର ବା ସ୍ଥିତି ବିବରଣୀ

ଏହି ବିବରଣୀଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ସମୟ ଅବଧି ଶେଷରେ ପ୍ରସ୍ତୁତ କରାଯାଏ । ଏ ଗୁଡ଼ିକ ଏକ ବ୍ୟବସାୟର ଲାଭ କରିବାର କ୍ଷମତା ଓ ଆର୍ଥିକ ସ୍ୱଚ୍ଛଳତାର ସୂଚକ ଅଟେ । ଆର୍ଥିକ ବିବରଣୀର ବିଶ୍ଳେଷଣ ଶବ୍ଦଟି ଆର୍ଥିକ ବିବରଣୀର ବିଶ୍ଳେଷଣ ଓ ବ୍ୟାଖ୍ୟାକରଣ ନାମରେ ମଧ୍ୟ ଅଭିହିତ କରାଯାଏ ।

ଏହି ବିଶ୍ଳେଷଣର ଦୁଇଟି ଅନ୍ତର୍ନିହିତ ଅର୍ଥ ଥାଏ । ତାହା ହେଲା ଆୟ ବିବରଣୀର ବିଶ୍ଳେଷଣ ଓ ସ୍ଥିତି ବିବରଣୀର ବିଶ୍ଳେଷଣ କରି ଏହି ଦୁଇଟି ବିବରଣୀରେ ସ୍ଥାନିତ ବିଭିନ୍ନ ଆଇଟମ୍ ଗୁଡ଼ିକ ମଧ୍ୟରେ ଅର୍ଥପୂର୍ଣ୍ଣ ସମ୍ବନ୍ଧ ସ୍ଥାପନ କରି ସବିଶେଷ ବିବରଣୀ ପ୍ରସ୍ତୁତ କରିବା । ଏହା ଏକ ସଂସ୍ଥାର ଆର୍ଥିକ ଗୁଣବତ୍ତା (ସ୍ୱଚ୍ଛଳତା) ବା ଦୁର୍ବଳତା (ଦୁରବସ୍ଥା) ବିଷୟରେ ସୂଚନା ପ୍ରଦାନ କରିଥାଏ ।

କୌଣସି ଏକ ବ୍ୟବସାୟ ପ୍ରତିଷ୍ଠାନର କାର୍ଯ୍ୟକୁଶଳତା ଓ ଦକ୍ଷତା ମାପିବା ପାଇଁ ଆର୍ଥିକ ବିବରଣୀର ବିଶ୍ଳେଷଣ ପ୍ରଚେଷ୍ଟା କରିଥାଏ । ତେଣୁ କୌଣସି ଏକ ବ୍ୟବସାୟ ପ୍ରତିଷ୍ଠାନର କାର୍ଯ୍ୟଦକ୍ଷତା, ଲାଭାର୍ଜନ କ୍ଷମତା, ଆର୍ଥିକ ସ୍ୱଚ୍ଛଳତା ଓ ଭବିଷ୍ୟତର ସମ୍ଭାବନାକୁ ମାପିବା ପାଇଁ ଆର୍ଥିକ ବିବରଣୀର ବିଶ୍ଳେଷଣ ଓ ବ୍ୟାଖ୍ୟାକରଣ ବହୁତ ଆବଶ୍ୟକ ହୋଇଥାଏ । ଆର୍ଥିକ ବିଶ୍ଳେଷଣ ନିମ୍ନଲିଖିତ ଉଦ୍ଦେଶ୍ୟ ସାଧନ କରିଥାଏ :

- **ଲାଭାର୍ଜନ କ୍ଷମତାର ପରିମାପ**

  ଯେକୌଣସି ବ୍ୟବସାୟର ମୁଖ୍ୟ ଉଦ୍ଦେଶ୍ୟ ହେଲା ସେଥିରେ ଯେଉଁ ଅର୍ଥ (ପାଣ୍ଠି) ବିନିଯୋଗ କରାଯାଇଛି ତା' ଉପରେ ଏକ ସନ୍ତୋଷ ଜନକ ଲାଭୋପାର୍ଜନ କରିବା । ଆର୍ଥିକ ବିଶ୍ଳେଷଣ ଆମକୁ ଏହି ବିଷୟରେ ସହାୟତା ପ୍ରଦାନ କରେ, ଅର୍ଥାତ୍ ବ୍ୟବସାୟରେ ବିନିଯୁକ୍ତ ପୁଞ୍ଜି ଉପରେ ଯେଉଁ ଲାଭୋପାର୍ଜିତ ହେଉଛି ତାହା ଯଥେଷ୍ଟ କି ନାହିଁ ତାହା ନିର୍ଦ୍ଧାରଣ କରିବାରେ ସାହାଯ୍ୟ କରେ । ଏହା ଆହୁରି ମଧ୍ୟ ବ୍ୟବସାୟର ସୁଧ ଓ ଲାଭାଂଶ ପ୍ରଦାନ କ୍ଷମତାକୁ ଜଣାଇବାରେ ସହାୟକ ହୋଇଥାଏ ।

- **ବ୍ୟାବସାୟିକ ଉପଲବ୍ଧିର ପ୍ରବୃତ୍ତି (ଧାରା) ବିଷୟରେ ଇଙ୍ଗିତ ପ୍ରଦାନ**

  ବିଗତ ବର୍ଷଗୁଡ଼ିକର ବିତ୍ତୀୟ ବିବରଣୀଗୁଡ଼ିକୁ ତୁଳନା କରିବା ପୂର୍ବକ ବ୍ୟବସାୟର ବିଭିନ୍ନ ଖର୍ଚ୍ଚ, କ୍ରୟ, ବିକ୍ରୟ, ମୋଟ ଲାଭ ଓ ନିଟ୍ ଲାଭ ଇତ୍ୟାଦିର ପ୍ରବୃତ୍ତି (ଧାରା) ସମ୍ବନ୍ଧରେ ଜାଣିହୁଏ । ପରିସମ୍ପତ୍ତି ଓ ଦାୟର ମୂଲ୍ୟକୁ ତୁଳନା କରାଯାଇପାରେ ଏବଂ ବ୍ୟବସାୟର ଭବିଷ୍ୟତର ସମ୍ଭାବନାକୁ ପୂର୍ବାନୁମାନ କରାଯାଇ ପାରେ ।



ଟିପ୍ପଣୀ

- **ବ୍ୟବସାୟର ଅଭିବୃଦ୍ଧି କ୍ଷମତାର ମୂଲ୍ୟାୟନ**

  ଏହା ବ୍ୟବସାୟର ପ୍ରବୃତ୍ତି ଓ ଅନ୍ୟାନ୍ୟ ବିଶ୍ଳେଷଣ ମାଧ୍ୟମରେ ବ୍ୟବସାୟିକ ଅଭିବୃଦ୍ଧି କ୍ଷମତା ସମ୍ବନ୍ଧରେ ପର୍ଯ୍ୟାପ୍ତ ସୂଚନା ପ୍ରଦାନ କରିଥାଏ ।

- **ଅନ୍ୟାନ୍ୟ ବ୍ୟବସାୟିକ ସଂସ୍ଥା ସମ୍ବନ୍ଧରେ ତୁଳନାତ୍ମକ ସ୍ଥିତି**

  କୌଣସି ବ୍ୟବସାୟିକ ସଂସ୍ଥାର ଆର୍ଥିକ ବିବରଣୀର ବିଶ୍ଳେଷଣର ଉଦ୍ଦେଶ୍ୟ ହେଲା ବ୍ୟବସାୟର ପରିଚାଳକମାନଙ୍କୁ ସେହି ପ୍ରକାରର ବ୍ୟବସାୟ ସଂସ୍ଥାମାନଙ୍କର ଲାଭ ଅର୍ଜନ କରିବାର କ୍ଷମତା ବିଷୟରେ ତୁଳନାତ୍ମକ ବିବରଣୀ ପ୍ରଦାନ କରିବା । ଏହା ପରିଚାଳକଙ୍କୁ ନିଜର ବ୍ୟବସାୟର ବିକ୍ରୟ, ବ୍ୟୟ, ଲାଭ ଅର୍ଜନ କ୍ଷମତା ଏବଂ ପୁଞ୍ଜିର ଉପଯୋଗ ଇତ୍ୟାଦି ପ୍ରସଙ୍ଗରେ ବର୍ତ୍ତମାନର ସ୍ଥିତିକୁ ପୁଙ୍ଖାନୁପୁଙ୍ଖ ଭାବରେ ଅଧ୍ୟୟନ କରିବା ପାଇଁ ସହାୟତା କରିଥାଏ ।

- **ସମୁଦାୟ ବିତ୍ତୀୟ ସୁଦୃଢ଼ତାର ମୂଲ୍ୟାୟନ**

  ବିତ୍ତୀୟ ବିଶ୍ଳେଷଣର ଉଦ୍ଦେଶ୍ୟ ହେଲା ଏକ ବ୍ୟବସାୟର ବିତ୍ତୀୟ ବା ଆର୍ଥିକ ସୁଦୃଢ଼ତା ବିଷୟରେ ସୂଚନା ପ୍ରଦାନ କରିବା । ଏହି ବିଶ୍ଳେଷଣ କେତେକ ବିଶେଷ ବ୍ୟବସାୟିକ ନିଷ୍ପତ୍ତି ନେବାରେ ମଧ୍ୟ ସହାୟକ ହୋଇଥାଏ, ଯେପରିକି କିଛି ନୂଆ ମେସିନ୍ ଓ ଉପକରଣ କ୍ରୟ ପାଇଁ ବ୍ୟବସାୟର ନିଜସ୍ୱ ତଥା ଆଭ୍ୟନ୍ତରୀଣ ଉତ୍ସରୁ ଅର୍ଥ ଯୋଗାଡ଼ ହୋଇପାରିବ କି ନାହିଁ ; ଏବଂ ଯଦି ହୋଇପାରିବ ତେବେ କେତେ ପରିମାଣର ? ଏହା ସହିତ ଯଦି ଅର୍ଥ ବାହାରର କୌଣସି ଉତ୍ସରୁ ଯୋଗାଡ଼ କରିବାର ଆବଶ୍ୟକ ହେବ, ତେବେ ତାହାର ପରିମାଣ କେତେ ହେବ ?

- **ବ୍ୟବସାୟର ପରିଶୋଧ କରିବା କ୍ଷମତାର ମୂଲ୍ୟାୟନ**

  ବିତ୍ତୀୟ ବିଶ୍ଳେଷଣର ବିଭିନ୍ନ ସାଧନରୁ ଏହା ଜଣା ପଡ଼ି ଯାଇଥାଏ ଯେ ବ୍ୟବସାୟ ପାଖରେ ଯେତିକି ପାଣ୍ଠି ଅଛି ତାହା ନିଜର ସ୍ୱଳ୍ପ ମିଆଦୀ ଓ ଦୀର୍ଘ ମିଆଦୀ ଦାୟର ଭରଣା (ପରିଶୋଧ) ନିମନ୍ତେ ଯଥେଷ୍ଟ ନା ନୁହେଁ ।

## ଆଗ୍ରହୀ ପକ୍ଷ (ବ୍ୟକ୍ତି ବିଶେଷ)

ଆର୍ଥିକ ବିବରଣୀର ବିଶ୍ଳେଷଣ ଆଜିକାଲି ବ୍ୟବସାୟ ନିମନ୍ତେ ଏକ ଅପରିହାର୍ଯ୍ୟ ବିଷୟ ହୋଇଛି କାରଣ ବ୍ୟବସାୟର ଏହି ଆର୍ଥିକ ବିବରଣୀର ବିଶ୍ଳେଷଣ ବିଷୟରେ ଜାଣିବା ପାଇଁ ଅନେକ ପକ୍ଷ ଆଗ୍ରହ ପ୍ରକାଶ କରନ୍ତି ଓ ରୁଚି ରଖନ୍ତି । ଏହି ବିଭିନ୍ନ ପକ୍ଷଗୁଡ଼ିକ ହେଲେ :

(i) **ନିବେଶକ :** ବ୍ୟବସାୟର ଅଂଶଧାରୀ କିମ୍ବା ମାଲିକ ବ୍ୟବସାୟର ଭଲମନ୍ଦ ଜାଣିବା ପାଇଁ ଆଗ୍ରହ ରଖିଥା'ନ୍ତି । ସେମାନେ ବ୍ୟବସାୟର ଉପାର୍ଜନ କ୍ଷମତା ଏବଂ ଏହାର ଭବିଷ୍ୟତର ଅଭିବୃଦ୍ଧିର ସମ୍ଭାବନା ବିଷୟରେ ମଧ୍ୟ ଜାଣିବାରେ ଆଗ୍ରହୀ ।

(ii) **ପରିଚାଳକ :** ବ୍ୟବସାୟର ପରିଚାଳକମାନେ ସାମଗ୍ରିକ ଭାବରେ ବ୍ୟବସାୟ ପ୍ରତିଷ୍ଠାନର ତଥା ଏହାର ବିଭିନ୍ନ ବିଭାଗର ଆର୍ଥିକ ସ୍ଥିତି ଓ କାର୍ଯ୍ୟଦକ୍ଷତାକୁ ଜାଣିବାରେ ଆଗ୍ରହୀ ଥା'ନ୍ତି । ଏହା ସେମାନଙ୍କୁ ବ୍ୟବସାୟର ଆଗାମୀ ବଜେଟ୍ ପ୍ରସ୍ତୁତ କରିବାରେ ଏବଂ ବିଭିନ୍ନ ବିଭାଗୀୟ ମୁଖ୍ୟଙ୍କର କାର୍ଯ୍ୟଦକ୍ଷତାକୁ ମୂଲ୍ୟାୟନ କରିବାରେ ସାହାଯ୍ୟ କରେ ।



ଟିପ୍ପଣୀ



(iii) **ଶ୍ରମିକ ସଂଘ :** ଏହି ଶ୍ରମିକ ସଂଘ ବ୍ୟବସାୟର ଆର୍ଥିକ ବିବରଣୀକୁ ବିଶ୍ଳେଷଣ କରି ସେମାନଙ୍କର ମଜୁରୀ ବା ଦରମା ବା ବାର୍ଷିକ ବୋନସ୍ ପାଉଣା ବିଷୟରେ ପରିଚାଳକମାନଙ୍କ ସହିତ ଆପୋଷ ବୁଝାମଣା କରନ୍ତି ।

(iv) **ଋଣଦାତା :** ବ୍ୟବସାୟର ଋଣଦାତା ଯଥା ଋଣପତ୍ରଧାରୀ, ଋଣ ଯୋଗାଣକାରୀ ଏବଂ ପଟ୍ଟା (ଲିଜ୍) ପ୍ରଦାନ କାରୀମାନେ ବ୍ୟବସାୟର ସ୍ୱଳ୍ପକାଳୀନ ଓ ଦୀର୍ଘକାଳୀନ ଅର୍ଥ ପରିଶୋଧ କ୍ଷମତା ବିଷୟରେ ଜାଣିବା ଲାଗି ଆଗ୍ରହ ପ୍ରକାଶ କରନ୍ତି ।

(v) **ଯୋଗାଣକାରୀ ଓ ବ୍ୟାପାରିକ ମହାଜନ ସମୂହ :** ବ୍ୟବସାୟର କଞ୍ଚାମାଲ ବା ଅନ୍ୟ ଦ୍ରବ୍ୟର ଯୋଗାଣକାରୀମାନେ ତଥା ଉଧାରଦାତାମାନେ ବ୍ୟବସାୟର ପରିଶୋଧନ କ୍ଷମତା ବିଷୟରେ, ଅର୍ଥାତ୍ ବ୍ୟବସାୟକୁ ଯେତେବେଳେ ଋଣ ଦେୟ ପରିଶୋଧ କରିବାର ଥିବ ସେତେବେଳେ ସେ ତାହା ପରିଶୋଧ କରିପାରିବ କି ନାହିଁ, ଏହି କଥା ଜାଣିବାକୁ ଆଗ୍ରହୀ ଥା'ନ୍ତି ।

(vi) **କର ଅଧିକାରୀ :** ବ୍ୟବସାୟ ଉପରେ କେତେ କର ଧାର୍ଯ୍ୟ କରାଯିବ ତାହା ହିସାବ କରିବା ପାଇଁ କର ଅଧିକାରୀଗଣ ଆର୍ଥିକ ବିବରଣୀର ବିଶ୍ଳେଷଣରେ ଆଗ୍ରହ ପ୍ରକାଶ କରିଥା'ନ୍ତି ।

(vii) **ଗବେଷକ :** ବ୍ୟବସାୟିକ ବିଷୟ ଉପରେ ଗବେଷଣା କରିବା ପାଇଁ ତଥା ବ୍ୟବସାୟିକ କାର୍ଯ୍ୟକଳାପ ଓ ପ୍ରୟୋଗଧାରା ସମ୍ବନ୍ଧରେ ଅନୁସନ୍ଧାନ କରି ଅନେକ କଥା ଜାଣିବା ଲାଗି ଗବେଷକମାନେ ଆର୍ଥିକ ବିବରଣୀର ବିଶ୍ଳେଷଣକୁ ଜାଣିବାକୁ ଆଗ୍ରହ ପ୍ରକାଶ କରନ୍ତି ।

(viii) **କର୍ମଚାରୀଗଣ :** ସେମାନେ ବ୍ୟବସାୟର ଲାଭର ବୃଦ୍ଧି ସମ୍ପର୍କରେ ଜାଣିବାକୁ ଆଗ୍ରହୀ ଅଟନ୍ତି । ଯାହା ଫଳରେ କି ସେମାନେ ଅଧିକ ପାରିଶ୍ରମିକ ପାଇବା ତଥା କାର୍ଯ୍ୟ କରିବା ପାଇଁ ଅନୁକୂଳ ବାତାବାରଣ ସୃଷ୍ଟି କରିବା ପାଇଁ ଅପିଲ୍ କରିପାରିବେ ।

(ix) **ସରକାର ଏବଂ ତାଙ୍କର ପ୍ରତିନିଧି :** ସରକାର ଓ ତାଙ୍କର ପ୍ରତିନିଧିମାନେ ବ୍ୟବସାୟ / ଶିଳ୍ପ ସଂସ୍ଥାଗୁଡ଼ିକର କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବା ତଥା ସେଗୁଡ଼ିକ ପାଇଁ କର ନୀତି ନିର୍ଦ୍ଧାରଣ କରିବା ଲାଗି ସେଗୁଡ଼ିକର ଆର୍ଥିକ ବିବରଣୀର ବିଶ୍ଳେଷଣ ଜାଣିବାକୁ ଆଗ୍ରହ ପ୍ରକାଶ କରିଥା'ନ୍ତି । ସେମାନେ କିପରି ବିଭିନ୍ନ ନୀତି ନିର୍ଦ୍ଧାରଣ ହେବ ଓ ନିୟମ କାନୁନ୍ ପ୍ରଣୟନ କରାଯିବ ସେ ବିଷୟରେ ପରାମର୍ଶ ଦିଅନ୍ତି ।

(x) **ପ୍ରତିଭୂତି / ଅଂଶ ବିନିମୟ (Stock exchange) :** ଷ୍ଟକ୍ ଏକ୍ସଚେଞ୍ଜ ଯେଉଁଠିକି ଅଂଶଧନଗୁଡ଼ିକର କିଣାବିକା କାରବାର ହୁଏ, ତାହାର ସଦସ୍ୟଗଣ ବ୍ୟବସାୟର ଆର୍ଥିକ ବିବରଣୀର ବିଶ୍ଳେଷଣ ଜାଣିବାକୁ ଆଗ୍ରହୀ; କାରଣ ସେମାନେ କମ୍ପାନୀ ଗୁଡ଼ିକ ବିଷୟରେ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ସୂଚନା ପ୍ରଦାନ କରିଥାନ୍ତି ।

ଏହି ପ୍ରକାରରେ ଆମେ ଦେଖୁ ଯେ ଭିନ୍ନ ଭିନ୍ନ ପକ୍ଷ ଏବଂ ସଂସ୍ଥା ପୃଥକ୍ ପୃଥକ୍ କାରଣ ପାଇଁ ଆର୍ଥିକ ବିବରଣୀର ବିଶ୍ଳେଷଣରେ ଆଗ୍ରହ ପ୍ରକାଶ କରିଥାନ୍ତି ।

## ପାଠ୍ୟଗତ ପ୍ରଶ୍ନ 27.1

I. ଉପଯୁକ୍ତ ଶବ୍ଦ / ଶବ୍ଦାବଳୀ ବ୍ୟବହାର କରି ଶୂନ୍ୟସ୍ଥାନ ପୂରଣ କର :

(i) ବିତ୍ତୀୟ ବିବରଣୀ ଗୁଡ଼ିକ . . . . . . . . ଏବଂ . . . . . . . . ଅଟେ ।

(ii) ବିତ୍ତୀୟ ବିଶ୍ଳେଷଣ ଶବ୍ଦରେ ଉଭୟ . . . . . . . . ଏବଂ . . . . . . . . ଅନ୍ତର୍ଭୁକ୍ତ ଥାଏ ।

(iii) ବ୍ୟବସାୟର ଆର୍ଥିକ ସ୍ଥିତି ନିର୍ଦ୍ଧାରଣ କରିବା ପାଇଁ ପ୍ରତ୍ୟେକ ବ୍ୟବସାୟ ପ୍ରତିଷ୍ଠାନ ଏକ . . . . . . . . ବିବରଣୀ ପ୍ରସ୍ତୁତ କରିଥାଏ ।

(iv) ଆର୍ଥିକ ବିବରଣୀଗୁଡ଼ିକ ମୁଖ୍ୟତଃ . . . . . . . . ଉଦ୍ଦେଶ୍ୟରେ ପ୍ରସ୍ତୁତ କରାଯାଇଥାଏ ।

II. ନିମ୍ନରେ ଦୁଇଟି ସ୍ତମ୍ଭ ପ୍ରଦତ୍ତ ହୋଇଛି । ପ୍ରଥମ ସ୍ତମ୍ଭରେ ବ୍ୟବସାୟର ଆର୍ଥିକ ବିଶ୍ଳେଷଣରେ ଆଗ୍ରହୀ ପକ୍ଷଙ୍କ ତାଲିକା ଦିଆଯାଇଛି ଏବଂ ଦ୍ୱିତୀୟ ସ୍ତମ୍ଭରେ ସେମାନଙ୍କର ଯେଉଁ ବିଷୟରେ ଆଗ୍ରହ (ରୁଚି) ଅଛି ତାହା ଦିଆଯାଇଛି । ଏହି ସ୍ତମ୍ଭ ଦୁଇଟିକୁ ମିଳାଇ କରି ଲେଖ ।

| | **ପ୍ରଥମ ସ୍ତମ୍ଭ** | | **ଦ୍ୱିତୀୟ ସ୍ତମ୍ଭ** |
|---|---|---|---|
| (i) | ପରିଚାଳକ | (କ) | ବ୍ୟବସାୟର ପରିଶୋଧ କ୍ଷମତା ବିଷୟରେ |
| (ii) | କର୍ମଚାରୀଗଣ | (ଖ) | ଲାଭ ଅର୍ଜନ କରିବାର କ୍ଷମତା |
| (iii) | ଅଂଶଧାରୀଗଣ | (ଗ) | ବ୍ୟବସାୟର ସାମଗ୍ରିକ କାର୍ଯ୍ୟଦକ୍ଷତା |
| (iv) | ଯୋଗାଣକାରୀ ଓ ମହାଜନ | (ଘ) | ଭଲ ପାରିଶ୍ରମିକ |

## 27.2 ବିତ୍ତୀୟ ବିବରଣୀ ବିଶ୍ଳେଷଣର ଉପାୟ ଓ ସାଧନା (Techniques and Tools)

ବିତ୍ତୀୟ ବିବରଣୀଗୁଡ଼ିକ ବ୍ୟବସାୟ ସଂସ୍ଥାର ପରିସମ୍ପତ୍ତି, ଦାୟ, ସମତା (ମାଲିକଙ୍କ ପ୍ରାପ୍ୟ), ସଞ୍ଚିତି, ବ୍ୟୟ ଏବଂ ଲାଭ କ୍ଷତି ବିଷୟରେ ସମ୍ପୂର୍ଣ୍ଣ ସୂଚନା ପ୍ରଦାନ କରିଥାଏ । କିନ୍ତୁ ସେସବୁରେ ଆଗ୍ରହ ରଖିଥିବା ପକ୍ଷ ବା ସଂସ୍ଥାଗୁଡ଼ିକ ଯଥା ମହାଜନ, ଅଂଶଧାରୀ, ନିବେଶକାରୀ ସଂସ୍ଥା ବା ବ୍ୟକ୍ତି ବିଶେଷ ଇତ୍ୟାଦି ସେଗୁଡ଼ିକୁ ସେହି ଅବସ୍ଥାରେ ଠିକ୍ ଭାବରେ ବୁଝି ପାରନ୍ତି ନାହିଁ । ତେଣୁ ବିତ୍ତୀୟ ବିବରଣୀଗୁଡ଼ିକର ବିଶ୍ଳେଷଣ ଓ ବ୍ୟାଖ୍ୟାକରଣ ପାଇଁ ବିଭିନ୍ନ ଉପାୟମାନ ଅବଲମ୍ବନ କରାଯାଏ । ଏହି ଉପାୟ ବା କୌଶଳଗୁଡ଼ିକୁ ମୁଖ୍ୟତଃ ତିନି ଶ୍ରେଣୀରେ ବିଭକ୍ତ କରାଯାଇଥାଏ । ତାହା ହେଲା :

### (i) ଅନୁପ୍ରସ୍ଥ-ଖଣ୍ଡୀୟ ବିଶ୍ଳେଷଣ (Cross-Sectional analysis)

ଏହାକୁ ଆନ୍ତଃ-ବ୍ୟବସାୟ ତୁଳନା ପ୍ରକ୍ରିୟା ନାମରେ ମଧ୍ୟ ଅଭିହିତ କରାଯାଇପାରେ । ଏହା ଦ୍ୱାରା ଗୋଟିଏ ପ୍ରତିଷ୍ଠାନର ଏକ ନିର୍ଦ୍ଦିଷ୍ଟ ହିସାବରକ୍ଷଣ ଅବଧି ଅନ୍ତର୍ଗତ ଆର୍ଥିକ ବୈଶିଷ୍ଟ୍ୟ ଗୁଡ଼ିକୁ ଅନ୍ୟ ଏକ ସାଦୃଶ୍ୟ ପ୍ରତିଷ୍ଠାନର ସେହି ହିସାବରକ୍ଷଣ ଅବଧି ଅନ୍ତର୍ଗତ ଆର୍ଥିକ ବୈଶିଷ୍ଟ୍ୟ ଗୁଡ଼ିକ ସହିତ ତୁଳନାତ୍ମକ ବିଶ୍ଳେଷଣ କରାଯାଇପାରେ । ଉଦାହରଣ ସ୍ୱରୂପ, ଯଦି 'କ' ନାମକ କମ୍ପାନୀ ତା'ର ପୁଞ୍ଜି ନିବେଶ ଉପରେ 15% ଲାଭ ଉପାର୍ଜନ କରିଅଛି,

ତେବେ ଏହା କହି ହେବ ନାହିଁ ଯେ ଏହି ପରିମାଣ ଲାଭ ପର୍ଯ୍ୟାପ୍ତ କି ନୁହେଁ । ଯଦି ଆମେ ଆହୁରି ତର୍ଜମା କରିବା ଏବଂ ଦେଖିବା ଯେ ଅନ୍ୟ ଏକ ସମାନ ଧରଣର 'ଖ' ନାମକ କମ୍ପାନୀ ସେହି ଏକା ଅବଧିରେ 16% ଲାଭ ଉପାର୍ଜନ କରିପାରିଛି, ତେବେ ଯାଇ ଆମେ ଏହି ଉପସଂହାରରେ ଉପନୀତ ହେବା ଯେ 'ଖ' କମ୍ପାନୀର ଲାଭାର୍ଜନ କ୍ଷମତା ଉତ୍ତମ ଅଛି । ଅତଃ, ଏହି ବିଶ୍ଳେଷଣ ଏକ ଅର୍ଥପୂର୍ଣ୍ଣ ବିଶ୍ଳେଷଣ ହେଲା ବୋଲି ଗଣାଯିବ ।

**(ii) ସମୟାନୁକ୍ରମିକ ବା ସମୟ ଶୃଙ୍ଖଳା ବିଶ୍ଳେଷଣ (Time series analysis)**

ଏହାକୁ ଅନ୍ତଃ-ବ୍ୟବସାୟ ତୁଳନା ମଧ୍ୟ କୁହାଯାଏ । ଏହି ପଦ୍ଧତି ଅନୁସାରେ ବିତ୍ତୀୟ ବିବରଣୀର ବିଭିନ୍ନ ଆଇଟମ୍‌ଗୁଡ଼ିକ ମଧ୍ୟରେ ସମ୍ପର୍କ ସ୍ଥାପନା କରାଯାଏ, ତୁଳନା କରାଯାଏ ଏବଂ ପରିଣାମ ବା ନିର୍ଯ୍ୟାସ ବାହାର କରାଯାଏ । ଏହି ତୁଳନାର ଆଧାର ନିମ୍ନ ପ୍ରକାରର ହୋଇପାରେ :

– କୌଣସି ଗୋଟିଏ ବ୍ୟବସାୟ ସଂସ୍ଥାର ବିଭିନ୍ନ ବର୍ଷର ଆର୍ଥିକ ବିବରଣୀଗୁଡ଼ିକ ମଧ୍ୟରେ ତୁଳନା ।

– ଗୋଟିଏ ନିର୍ଦ୍ଦିଷ୍ଟ ବର୍ଷରେ ଭିନ୍ନ ଭିନ୍ନ ବ୍ୟବସାୟ ସଂସ୍ଥାର ଆର୍ଥିକ ବିବରଣୀ ଗୁଡ଼ିକ ମଧ୍ୟରେ ତୁଳନା ।

**(iii) ଅନୁପ୍ରସ୍ଥ ଖଣ୍ଡୀୟ ସହିତ ସମୟାନୁକ୍ରମିକ ବିଶ୍ଳେଷଣ**

ଏହି ପ୍ରକାର ବିଶ୍ଳେଷଣ ଦୁଇ ବା ତତୋଽଧିକ ବ୍ୟବସାୟ ପ୍ରତିଷ୍ଠାନର ଏକ ନିର୍ଦ୍ଦିଷ୍ଟ ହିସାବରକ୍ଷଣ ଅବଧି ଅନ୍ତର୍ଗତ ଆର୍ଥିକ ବୈଶିଷ୍ଟ୍ୟ ଗୁଡ଼ିକର ତୁଳନା କରିବା ନିମନ୍ତେ ଅଭିପ୍ରେତ । ଏହି ପ୍ରକାର ତୁଳନା ବର୍ଷ ବର୍ଷ ଧରି କ୍ରମାଗତ ଭାବେ କରାଯିବା ସମ୍ଭବ । ବିତ୍ତୀୟ ବିବରଣୀର ବିଶ୍ଳେଷଣର ଏହି ଆଭିମୁଖ୍ୟ (ପଦ୍ଧତି) ସବୁଠାରୁ ଅଧିକ ପ୍ରଭାବଶାଳୀ ଅଟେ ।

ବିତ୍ତୀୟ ବିବରଣୀର ବିଶ୍ଳେଷଣ ଓ ବ୍ୟାଖ୍ୟା ଆର୍ଥିକ ସ୍ଥିତି ନିର୍ଦ୍ଧାରଣ ପାଇଁ ବ୍ୟବହୃତ ହୁଏ । ବିତ୍ତୀୟ ବିବରଣୀଗୁଡ଼ିକ ମଧ୍ୟରେ ଥିବା ସମ୍ପର୍କର ଅଧ୍ୟୟନ ପାଇଁ କେତେଗୁଡ଼ିଏ ସାଧନୀ ବା ପଦ୍ଧତିର ଉପଯୋଗ କରାଯାଇଥାଏ । ତେବେ ବିତ୍ତୀୟ ବିବରଣୀ ଗୁଡ଼ିକର ବିଶ୍ଳେଷଣ ଓ ବ୍ୟାଖ୍ୟା କରିବା ପାଇଁ ଯେଉଁ ପଦ୍ଧତିଗୁଡ଼ିକ ସାଧାରଣ ଭାବରେ ବ୍ୟବହୃତ ହୋଇଥାଏ ସେଥି ମଧ୍ୟରୁ କେତେକ ଗୁରୁତ୍ୱପୂର୍ଣ୍ଣ ପଦ୍ଧତି ନିମ୍ନରେ ପ୍ରଦାନ କରାଗଲା :

- ତୁଳନାତ୍ମକ ବିତ୍ତୀୟ ବିବରଣୀ
- ସମାନ ଆକାର ବିଶିଷ୍ଟ ବିବରଣୀ
- ପ୍ରବୃତ୍ତି (ଧାରା) ବିଶ୍ଳେଷଣ
- ଆନୁପାତିକ ବିଶ୍ଳେଷଣ
- ପାଣ୍ଠି (କୋଷ) ପ୍ରବାହ ବିଶ୍ଳେଷଣ
- ଅର୍ଥ ପ୍ରବାହ ବିଶ୍ଳେଷଣ

- **ତୁଳନାତ୍ମକ ବିତ୍ତୀୟ ବିବରଣୀ (Comparative financial statements)**

ସଂକ୍ଷେପରେ କହିବାକୁ ଗଲେ, ବ୍ୟବସାୟର ବିତ୍ତୀୟ ବିବରଣୀର ତୁଳନାତ୍ମକ ଅଧ୍ୟୟନର ଅର୍ଥ ସେହି ବ୍ୟବସାୟର ବିତ୍ତୀୟ ବିବରଣୀକୁ ତାହାର ପୂର୍ବ ବର୍ଷର ବିତ୍ତୀୟ ବିବରଣୀ ସହିତ ତୁଳନା କରିବାକୁ ବୁଝାଏ । ଏହାଦ୍ୱାରା ବିଭାଗୀୟ ଦୋଷ ଦୁର୍ବଳତାକୁ ଚିହ୍ନଟ କରିବା ସହିତ ସେ ସବୁର ସଂଶୋଧନ ନିମନ୍ତେ ଉଚିତ୍ ପଦକ୍ଷେପ ନିଆଯାଇପାରେ । ବ୍ୟବହାରିକ ଭାବରେ ବିଶ୍ଳେଷଣ ଉଦ୍ଦେଶ୍ୟରେ ଦୁଇଟି ବିତ୍ତୀୟ ବିବରଣୀ (ଉଦ୍‌ବୃତ୍ତ ପତ୍ର ଓ ଆୟ ବିବରଣୀ) ତୁଳନାତ୍ମକ ରୂପରେ ପ୍ରସ୍ତୁତ କରାଯାଇଥାଏ ।



ଟିପ୍ପଣୀ

**1. ତୁଳନାତ୍ମକ ଉଦ୍‌ବୃତ୍ତ ପତ୍ର**

ତୁଳନାତ୍ମକ ଉଦ୍‌ବୃତ୍ତ ପତ୍ର ଜରିଆରେ ବ୍ୟବସାୟର ବିଭିନ୍ନ ପରିସମ୍ପତ୍ତି ଓ ଦାୟର କୌଣସି ଏକ ତାରିଖର ବଳକାକୁ ଅନ୍ୟ ଏକ ତାରିଖର ବଳକା ସହିତ ତୁଳନା କରି ଦର୍ଶାଯାଇଥାଏ । ତୁଳନାତ୍ମକ ଉଦ୍‌ବୃତ୍ତ ପତ୍ରରେ ମୂଳ ଉଦ୍‌ବୃତ୍ତ ପତ୍ର ଦ୍ୱୟର ରାଶିଗୁଡ଼ିକୁ ଦର୍ଶାଇବା ପାଇଁ ଦୁଇଟି ସ୍ତମ୍ଭ ରଖାଯାଇଥାଏ । ତୃତୀୟ ସ୍ତମ୍ଭରେ ଏହି ରାଶି ଗୁଡ଼ିକର ପରିବର୍ତ୍ତନ (ବୃଦ୍ଧି/ହ୍ରାସ)କୁ ଦର୍ଶା ଯାଇଥାଏ । ଚତୁର୍ଥ ସ୍ତମ୍ଭ ମଧ୍ୟ ରଖାଯାଇ ପାରେ ଯେଉଁଥିରେ କି ଏହି ବୃଦ୍ଧି ବା ହ୍ରାସର ଶତକଡ଼ାକୁ ହିସାବ କରି ଦର୍ଶାଯାଇ ପାରିବ । ତୁଳନାତ୍ମକ ଉଦ୍‌ବୃତ୍ତ ପତ୍ରର ବ୍ୟାଖ୍ୟା କଲାବେଳେ ବାଖ୍ୟାକାରୀ ନିମ୍ନ ଲିଖିତ ବିଷୟ ଗୁଡ଼ିକୁ ଧ୍ୟାନ ଦେବା ଉଚିତ :

(i) ଚଳନ୍ତି ଆର୍ଥିକ ସ୍ଥିତି ଏବଂ ତାରଲ୍ୟ (ତରଳତା) ସ୍ଥିତି

(ii) ଦୀର୍ଘ-ମିଆଦୀ ଆର୍ଥିକ ସ୍ଥିତି

(iii) ବ୍ୟବସାୟର ଲାଭପ୍ରଦତ୍ତା (ଲାଭାର୍ଜନ କ୍ଷମତା)

(i) କୌଣସି ଏକ ବ୍ୟବସାୟର ଚଳନ୍ତି ଆର୍ଥିକ ସ୍ଥିତି ଅଥବା ତାରଲ୍ୟ ସ୍ଥିତିକୁ ଅଧ୍ୟୟନ କରିବାକୁ ହେଲେ ଦୁଇ ବର୍ଷର କାର୍ଯ୍ୟକାରୀ ପୁଞ୍ଜିକୁ ପରୀକ୍ଷା କରାଯିବା ଉଚିତ୍ । କାର୍ଯ୍ୟକାରୀ ପୁଞ୍ଜି କହିଲେ ଚଳନ୍ତି ଦାୟ ରାଶିଠାରୁ ଚଳନ୍ତି ପରିସମ୍ପତ୍ତିର ଆଧିକ୍ୟକୁ ବୁଝାଏ ।

(ii) ବ୍ୟବସାୟର ଦୀର୍ଘ-ମିଆଦୀ ଆର୍ଥିକ ସ୍ଥିତିର ଅଧ୍ୟୟନ କରିବା ପାଇଁ ସ୍ଥାୟୀ ପରିସମ୍ପତ୍ତି, ଦୀର୍ଘ-ମିଆଦୀ ଦାୟ ରାଶି ଏବଂ ପୁଞ୍ଜିର ଅଧ୍ୟୟନ କରାଯିବା ଉଚିତ ।

(iii) ତୁଳନାତ୍ମକ ଉଦ୍‌ବୃତ୍ତ ପତ୍ରର ଅଧ୍ୟୟନର ପରବର୍ତ୍ତୀ ପ୍ରସଙ୍ଗ ହେଲା ବ୍ୟବସାୟର ଲାଭ ପ୍ରଦତ୍ତାକୁ ଅଧ୍ୟୟନ କରିବା । ଲାଭରେ ବୃଦ୍ଧି କିମ୍ବା ହ୍ରାସର ଅଧ୍ୟୟନ ଦ୍ୱାରା ବ୍ୟାଖ୍ୟାକାରୀ ଏହା ଜାଣିପାରେ ଯେ ବ୍ୟବସାୟର ଲାଭୋପାର୍ଜନ କ୍ଷମତାରେ ଉନ୍ନତି ଆସିଛି କି ନାହିଁ ।

ବିଭିନ୍ନ ପରିସମ୍ପତ୍ତି ଓ ଦାୟ ରାଶିର ଅଧ୍ୟୟନ କରି ସାରିବା ପରେ ବ୍ୟବସାୟର ଆର୍ଥିକ ସ୍ଥିତି ଉପରେ କୌଣସି ମତାମତ ପ୍ରଦାନ କରାଯିବା ଉଚିତ ।

**ଉଦାହରଣ 1**

ନିମ୍ନରେ ଏମ୍. ଏସ୍. ଗୁପ୍ତାଙ୍କର 2006 ଏବଂ 2007 ବର୍ଷ ପାଇଁ ଉଦ୍‌ବୃତ୍ତ ପତ୍ର ଦିଆଯାଇଅଛି । ଏହି ସଂସ୍ଥାର ତୁଳନାତ୍ମକ ଉଦ୍‌ବୃତ୍ତ ପ୍ରସ୍ତୁତ କର ଏବଂ ଏହାର ବିତ୍ତୀୟ ସ୍ଥିତିକୁ ଅଧ୍ୟୟନ କର ।

**31 ଡିସେମ୍ବରର ଉଦ୍‌ବୃତ୍ତ ପତ୍ର**

| ଦାୟ | 2006 (₹) | 2007 (₹) | ପରିସମ୍ପତ୍ତି | 2006 (₹) | 2007 (₹) |
|---|---|---|---|---|---|
| ସମତା ଅଂଶ ପୁଞ୍ଜି | 5,00,000 | 7,00,000 | ଭୂମି (ଜମି) ଓ କୋଠା | 2,70,000 | 1,70,000 |
| ସଞ୍ଚିତି ଏବଂ ଅଧିବଳକା | 3,30,000 | 2,22,000 | ଯନ୍ତ୍ରପାତି ଓ କଳକବ୍ଜା | 4,00,000 | 6,00,000 |
| ଋଣ ପତ୍ର | 2,00,000 | 3,00,000 | ଆସବାବ ପତ୍ର | 20,000 | 25,000 |
| ଦୀର୍ଘ ମିଆଦୀ ବନ୍ଧକ ଋଣ | 1,00,000 | 1,50,000 | ଅନ୍ୟାନ୍ୟ ସ୍ଥାୟୀ ପରିସମ୍ପତ୍ତି | 25,000 | 30,000 |

| | | | | | |
|---|---|---|---|---|---|
| ଦେୟ ହୁଣ୍ଡି | 50,000 | 45,000 | ହାତରେ ଥିବା ଅର୍ଥ | 20,000 | 40,000 |
| ବିବିଧ ମହାଜନ | 1,00,000 | 1,20,000 | ପ୍ରାପ୍ୟ ହୁଣ୍ଡି | 1,00,000 | 80,000 |
| ଅନ୍ୟାନ୍ୟ ଚଳନ୍ତି ଦାୟ | 5,000 | 10,000 | ବିବିଧ ଖାତକ | 2,00,000 | 2,50,000 |
| | | | ମହଜୁଦ୍ ମାଲ୍ | 2,50,000 | 3,50,000 |
| | | | ପୂର୍ବପୈଠ ବ୍ୟୟ | — | 2,000 |
| | 12,85,000 | 15,47,000 | | 12,85,000 | 15,47,000 |

**ସମାଧାନ :**

31 ଡ଼ିସେମ୍ବର 2006 ଏବଂ 2007 ର ଏମ୍. ଏସ୍. ଗୁପ୍ତାଙ୍କର ତୁଳନାତ୍ମକ ଉଦ୍‌ବୃତ୍ତ ପତ୍ର

| | 31 ଡିସେମ୍ବରରେ ଶେଷ ବର୍ଷ | | ବୃଦ୍ଧି / ହ୍ରାସ | ବୃଦ୍ଧି / ହ୍ରାସ |
|---|---|---|---|---|
| | 2006 | 2007 | (ପରିମାଣ) (₹) | (ଶତକଡ଼ା) |
| **ପରିସମ୍ପତ୍ତି** | | | | |
| **I. ଚଳନ୍ତି ପରିସମ୍ପତ୍ତି** | | | | |
| ହାତରେ ଥିବା ଅର୍ଥ | 20,000 | 40,000 | + 20,000 | + 100 |
| ପ୍ରାପ୍ୟ ହୁଣ୍ଡି | 1,00,000 | 80,000 | – 20,000 | – 20 |
| ବିବିଧ ଖାତକ | 2,00,000 | 2,50,000 | + 50,000 | + 25 |
| ମହଜୁଦ ମାଲ୍ | 2,50,000 | 3,50,000 | +1,00,000 | +40 |
| ପୂର୍ବପୈଠ ବ୍ୟୟ | — | 2,000 | +2,000 | +100 |
| ମୋଟ ଚଳନ୍ତି ପରିସମ୍ପତ୍ତି | 5,70,000 | 7,22,000 | +1,52,000 | +26.67 |
| **II. ସ୍ଥାୟୀ ପରିସମ୍ପତ୍ତି** | | | | |
| ଭୂମି ଓ କୋଠା | 2,70,000 | 1,70,000 | – 1,00,000 | – 37.03 |
| ଯନ୍ତ୍ରପାତି ଓ କଳକବ୍‌ଜା | 4,00,000 | 6,00,000 | +2,00,000 | +50.00 |
| ଆସବାବ ପତ୍ର | 20,000 | 25,000 | +5,000 | +25.00 |
| ଅନ୍ୟାନ୍ୟ ସ୍ଥାୟୀ ପରିସମ୍ପତ୍ତି | 25,000 | 30,000 | +5,000 | +20.00 |
| ମୋଟ ସ୍ଥାୟୀ ପରିସମ୍ପତ୍ତି | 7,15,000 | 8,25,000 | +1,10,000 | +13.49 |
| ମୋଟ ପରିସମ୍ପତ୍ତି | 12,85,000 | 15,47,000 | +2,62,000 | +20.39 |
| **ଦାୟ ଓ ପୁଞ୍ଜି :** | | | | |
| **I. ଚଳନ୍ତି ଦାୟ** | | | | |
| ଦେୟ ହୁଣ୍ଡି | 50,000 | 45,000 | –5,000 | –10.00 |



ଟିପ୍ପଣୀ

| | | | | |
|---|---|---|---|---|
| ବିବିଧ ମହାଜନ | 1,00,000 | 1,20,000 | + 20,000 | + 20.00 |
| ଅନ୍ୟାନ୍ୟ ଚଳନ୍ତି ଦାୟ | 5,000 | 10,000 | +5,000 | +100.00 |
| ମୋଟ ଚଳନ୍ତି ଦାୟ | 1,55,000 | 1,75,000 | +20,000 | +12.90 |
| **II.** | | | | |
| ଋଣ ପତ୍ର | 2,00,000 | 3,00,000 | +1,00,000 | +50.00 |
| ଦୀର୍ଘମିଆଦୀ ବନ୍ଧକ ଋଣ | 1,00,000 | 1,50,000 | + 50,000 | +50.00 |
| ମୋଟ ଦୀର୍ଘମିଆଦୀ ଦାୟ | 3,00,000 | 4,50,000 | + 1,50,000 | +50.00 |
| ମୋଟ ଦାୟ | 4,55,000 | 6,25,000 | + 1,70,000 | +37.36 |
| **III.** | | | | |
| ସମତା ଅଂଶ ପୁଞ୍ଜି | 5,00,000 | 7,00,000 | + 2,00,000 | +40.00 |
| ସଞ୍ଚିତ ଏବଂ ଅଧିବଳକା | 3,30,000 | 2,22,000 | –1,08,000 | –32.73 |
| ମୋଟ ମାଲିକାନାଗତ ସମତା | 8,30,00 | 9,22,000 | + 82,000 | +11.08 |
| ମୋଟ ପୁଞ୍ଜି ଏବଂ ଦାୟ | 12,85,000 | 15,47,000 | + 2,62,000 | +20.39 |

**ବ୍ୟାଖ୍ୟା:**

(i) କମ୍ପାନୀର ତୁଳନାତ୍ମକ ଉଦ୍‌ବୃତ୍ତ ପତ୍ରରୁ ଏହା ପ୍ରକଟିତ ହେଉଛି କି 2007 ରେ ସ୍ଥାୟୀ ପରିସମ୍ପତ୍ତିରେ ₹ 1,10,000 ଅର୍ଥାତ୍ 13.49% ର ବୃଦ୍ଧି ହୋଇଅଛି । ଦୀର୍ଘ ମିଆଦୀ ବାହ୍ୟ ଦାୟରେ ₹ 1,50,000 ର ଏବଂ ସମତା ଅଂଶ ପୁଞ୍ଜିରେ ₹ 2,00,000 ର ବୃଦ୍ଧି ହୋଇଅଛି । ଏହି ତଥ୍ୟରୁ ଏହା ସୁସ୍ପଷ୍ଟ ଯେ କମ୍ପାନୀ ଦୀର୍ଘ ମିଆଦୀ ବିତ୍ତୀୟ ଉତ୍ସରୁ ସ୍ଥାୟୀ ପରିସମ୍ପତ୍ତିର କ୍ରୟ କରିବା ନୀତିକୁ ଆପଣାଇ ନେଇଛି ।

(ii) ଚଳନ୍ତି ପରିସମ୍ପତ୍ତିର ₹ 1,52,000 ଅର୍ଥାତ୍ 26 .67% ର ବୃଦ୍ଧି ହୋଇଅଛି ଏବଂ ଅର୍ଥର ପରିମାଣରେ ₹ 20,000 ର ବୃଦ୍ଧି ହୋଇଛି । ଚଳନ୍ତି ଦାୟରେ କେବଳ ₹ 20,000 ଅର୍ଥାତ୍ 12 .9 % ର ବୃଦ୍ଧି ଘଟିଛି । ଏଥିରୁ ଆହୁରି ଦୃଢ଼ ପ୍ରତ୍ୟୟ ଜନ୍ମୁଛି ଯେ କମ୍ପାନୀ ତା'ର ଚଳନ୍ତି ପରିସମ୍ପତ୍ତି ପାଇଁ ମଧ୍ୟ ଦୀର୍ଘ ମିଆଦୀ ବିତ୍ତର ଉପଯୋଗ କରିଅଛି ଯାହାର ଫଳ ସ୍ୱରୂପ କମ୍ପାନୀର ତାରଲ୍ୟ (liquidity) ସ୍ଥିତିରେ ଉନ୍ନତି ଘଟିଛି ।

(iii) ସଞ୍ଚିତି ଏବଂ ଅଧିବଳକା ₹ 3,30,000 ରୁ ₹ 2,22,000 କୁ ଅର୍ଥାତ୍ 32.73% ହ୍ରାସ ହୋଇଅଛି ଯେଉଁଥିରୁ ଏହା ଜଣା ପଡୁଛି କି କମ୍ପାନୀ ତାର ଅଂଶଧାରୀମାନଙ୍କୁ ନଗଦ ଅର୍ଥ ଆକାରରେ କିମ୍ବା ବୋନସ୍ ଆକାରରେ ଲାଭାଂଶ ପ୍ରଦାନ କରିବା ପାଇଁ ସଞ୍ଚିତି ଓ ଅଧିବଳକା ରାଶିର ଉପଯୋଗ କରିଅଛି ।

(iv) ମୋଟ ଉପରେ କମ୍ପାନୀର ବିତ୍ତୀୟ ସ୍ଥିତି ସନ୍ତୋଷ ଜନକ ଅଟେ ।







2. **ତୁଳନାତ୍ମକ ଆୟ ବିବରଣୀ**

ଆୟ ବିବରଣୀରୁ ବ୍ୟବସାୟର କାରବାର ଜନିତ ଫଳାଫଳ ଜଣାପଡ଼େ । ଏହି ବିବରଣୀକୁ ପାରମ୍ପରିକ ଭାବେ ବ୍ୟାପାରିକ ଏବଂ ଲାଭକ୍ଷତି ହିସାବ ନାମରେ ନାମିତ କରାଯାଇଥାଏ । ଆୟ ବିବରଣୀରୁ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଗୁଡ଼ିକ ହେଲା ନିଟ୍ ବିକ୍ରୟ, ବିକ୍ରୀ ହୋଇଥିବା ମାଲ୍‌ର ପରିବ୍ୟୟ, ବିକ୍ରୟ ବ୍ୟୟ, କାର୍ଯ୍ୟାଳୟ ବ୍ୟୟ ଇତ୍ୟାଦି । ଏହି ସବୁ ଉପାଦାନଗୁଡ଼ିକର ରାଶିକୁ ଗୋଟି ଗୋଟି କରି ପୂର୍ବ ବର୍ଷର ସମ୍ପୃକ୍ତ ରାଶି ସହିତ ମିଳାଣ କରାଯାଏ ଏବଂ ସେଥିରେ ହୋଇଥିବା ପରିବର୍ତ୍ତନକୁ ନୋଟ୍ କରାଯାଏ (ଲେଖାଯାଏ) । ତୁଳନାତ୍ମକ ଆୟ ବିବରଣୀରୁ ଏକ ନିର୍ଦ୍ଦିଷ୍ଟ ସମୟାବଧିରେ ବ୍ୟବସାୟରେ ହୋଇଥିବା ପ୍ରଗତି ସମ୍ପର୍କରେ ଧାରଣା ମିଳେ । ବ୍ୟବସାୟର ଲାଭ ପ୍ରଦତ୍ତାକୁ ବିଶ୍ଳେଷଣ କରିବା ନିମନ୍ତେ ମୌଦ୍ରିକ ମୂଲ୍ୟ ତଥା ଶତକଡ଼ାରେ ପରିବର୍ତ୍ତନକୁ ନିର୍ଦ୍ଧାରଣ କରାଯାଇପାରେ ତୁଳନାତ୍ମକ ଉଦ୍‌ବୃତ୍ତ ପତ୍ର ପରି ତୁଳନାତ୍ମକ ଆୟ ବିବରଣୀରେ ମଧ୍ୟ ଚାରୋଟି ସ୍ତମ୍ଭ ଥାଏ । ପ୍ରଥମ ଦୁଇ ସ୍ତମ୍ଭରେ ବିଭିନ୍ନ ଆଇଟମ୍‌ଗୁଡ଼ିକର ଦୁଇବର୍ଷର ରାଶିକୁ ଦର୍ଶାଯାଏ । ତୃତୀୟ ଓ ଚତୁର୍ଥ ସ୍ତମ୍ଭରେ ଯଥାକ୍ରମେ ରାଶିଗୁଡ଼ିକର ବାସ୍ତବିକ ଓ ପ୍ରତିଶତ ବୃଦ୍ଧି ଅଥବା ହ୍ରାସ ଦର୍ଶାଯାଏ ।

ତୁଳନାତ୍ମକ ଆୟ ବିବରଣୀର ବିଶ୍ଳେଷଣ ଓ ବ୍ୟାଖ୍ୟା ନିମ୍ନ ପ୍ରକାରରେ କରାଯାଏ :

– ବିକ୍ରୟରେ ବୃଦ୍ଧି ଅଥବା ହ୍ରାସକୁ ବିକ୍ରୀ ହୋଇଥିବା ମାଲ୍‌ର ପରିବ୍ୟୟରେ ବୃଦ୍ଧି ଅଥବା ହ୍ରାସ ସହିତ ତୁଳନା କରାଯିବା ଉଚିତ ।

– କାରବାର ଜନିତ (ପ୍ରଚାଳିତ) ଲାଭର ଅଧ୍ୟୟନ କରିବା ଉଚିତ ।

– ନିଟ୍ ଲାଭରେ ବୃଦ୍ଧି କିମ୍ବା ହ୍ରାସ ହିସାବ କରାଯାଏ ଯାହା ବ୍ୟବସାୟର ମୋଟ ଲାଭ ପ୍ରଦତ୍ତା ଉପରେ ଏକ ଧାରଣା ଦେଇ ପାରିବ ।

**ଉଦାହରଣ** 2

ନିମ୍ନରେ 31 ଡ଼ିସେମ୍ବର 2006 ଏବଂ 2007 ରେ ଶେଷ ହୋଇଥିବା ଦୁଇ ବର୍ଷ ପାଇଁ ଗୋଟିଏ ବ୍ୟବସାୟର ଆୟ ବିବରଣୀ ଦିଆ ଯାଇଅଛି । ସେଥିରେ ଥିବା ରାଶିଗୁଡ଼ିକୁ ଏକ ତୁଳନାତ୍ମକ ରୂପରେ ସଜାଡ଼ି ଲେଖ ଏବଂ ବ୍ୟବସାୟର ଲାଭ ପ୍ରଦତ୍ତାକୁ ଅଧ୍ୟୟନ କର ।

| ବିଶଦ ବର୍ଣ୍ଣନା | 2006<br>ପରିମାଣ (₹) | 2007<br>ପରିମାଣ (₹) |
|---|---|---|
| ନିଟ୍ ବିକ୍ରୟ | 7,85,000 | 9,00,000 |
| ବିକ୍ରୀ ହୋଇଥିବା ମାଲ୍‌ର ପରିବ୍ୟୟ | 4,50,000 | 5,00,000 |
| କାରବାର ଜନିତ (ପ୍ରଚାଳିତ) ବ୍ୟୟ : | | |
| ସାଧାରଣ ଏବଂ ପ୍ରଶାନିକ ବ୍ୟୟ | 70,000 | 72,000 |
| ବିକ୍ରୟ ଜନିତ ବ୍ୟୟ | 80,000 | 90,000 |
| ଅଣ-କାରବାରୀ ବ୍ୟୟ : | | |





| | | |
|---|---|---|
| ସୁଧ ପ୍ରଦାନ | 25,000 | 30,000 |
| ଆୟ କର | 70,000 | 80,000 |

**ସମାଧାନ :**

31 ଡ଼ିସେମ୍ବର 2006 ଏବଂ 2007 ରେ ସମାପ୍ତ ହୋଇଥିବା ବର୍ଷ ପାଇଁ ତୁଳନାତ୍ମକ ଆୟ ବିବରଣୀ

| ବିଶଦ ବର୍ଣ୍ଣନା | 2006 ପରିମାଣ (₹) | 2007 ପରିଣାମ (₹) | ବୃଦ୍ଧି (+) ହ୍ରାସ (–) (₹) | ବୃଦ୍ଧି (+) ହ୍ରାସ (–) (ପ୍ରତିଶତ) |
|---|---|---|---|---|
| ନିଟ୍ ବିକ୍ରୟ | 7,85,000 | 9,00,000 | +1,15,000 | +14.65 |
| ବିଯୁକ୍ତ: ବିକ୍ରୀ ହୋଇଥିବା ମାଲର ପରିବ୍ୟୟ | 4,50,000 | 5,00,000 | +50,000 | +11.11 |
| ମୋଟ ଲାଭ | 3,35,000 | 4,00,000 | +65,000 | +19.40 |
| କାରବାର ଜନିତ ବ୍ୟୟ : | | | | |
| ସାଧାରଣ ଏବଂ ପ୍ରଶାସନିକ ବ୍ୟୟ | 70,000 | 72,000 | +2,000 | +2.80 |
| ବିକ୍ରୟ ଜନିତ ବ୍ୟୟ | 80,000 | 90,000 | +10,000 | +12.5 |
| ମୋଟ କାରବାର ଜନିତ ବ୍ୟୟ | 1,50,000 | 1,62,000 | +12,000 | +8.0 |
| କାରବାର ଜନିତ ଲାଭ | 1,85,000 | 2,38,000 | +53,000 | +28.65 |
| ବିଯୁକ୍ତ : ଅନ୍ୟାନ୍ୟ ବିୟୋଗ | | | | |
| ପ୍ରଦତ୍ତ ସୁଧ | 25,000 | 30,000 | +5,000 | +20.0 |
| କର ପୂର୍ବରୁ ନିଟ୍ ଲାଭ | 1,60,000 | 2,08,000 | +48,000 | +30.0 |
| ବିଯୁକ୍ତ ଆୟକର | 70,000 | 80,000 | +10,000 | +14.28 |
| କର ପରେ ନିଟ୍ ଲାଭ | 90,000 | 1,28,000 | +38,000 | +42.22 |

**ବ୍ୟାଖ୍ୟା:**

ଉପରେ ପ୍ରଦତ୍ତ ତୁଳନାତ୍ମକ ଆୟ ବିବରଣୀରେ ଦର୍ଶା ଯାଇଛି ଯେ ନିଟ୍ ବିକ୍ରୟ 14.65 ପ୍ରତିଶତ ବୃଦ୍ଧି ପାଇଛି । ବିକ୍ରୀ ହୋଇଥିବା ମାଲ୍‌ର ପରିବ୍ୟୟରେ 11% ର ବୃଦ୍ଧି ହୋଇଛି । ଏହାର ଫଳସ୍ୱରୂପ ମୋଟ (ସ୍ଥୁଳ)ଲାଭ 19.4% ବଢ଼ିଛି ।

କାରବାର ଜନିତ ବ୍ୟୟ 8% ବଢ଼ିଛି । କିନ୍ତୁ ଏହି ବ୍ୟୟ ପାଇଁ ସ୍ଥୁଳ ଲାଭରେ ହୋଇଥିବା ବୃଦ୍ଧି ପର୍ଯ୍ୟାପ୍ତ ଅଟେ । କର ପ୍ରଦାନ ପରେ ରହୁଥିବା ନିଟ୍ ଲାଭରେ ମଧ ₹ 38,000 ଅର୍ଥାତ୍ 42.22% ର ବୃଦ୍ଧି ଘଟିଛି ।

ଉପରୋକ୍ତ ବିଶ୍ଳେଷଣରୁ ଆମେ ଏହି ସିଦ୍ଧାନ୍ତରେ ଉପନୀତ ହେଲୁ ଯେ କମ୍ପାନୀର କାର୍ଯ୍ୟ ଦକ୍ଷତାରେ ଯଥେଷ୍ଟ ପ୍ରଗତି ହୋଇଛି ଏବଂ ମୋଟାମୋଟି ଭାବରେ ଏହାର ଲାଭାର୍ଜନ କ୍ଷମତା ଭଲ ଅଛି ।



ଟିପ୍ପଣୀ

## ପାଠ୍ୟଗତ ପ୍ରଶ୍ନ 27.2

ଉପଯୁକ୍ତ ଶବ୍ଦ / ଶବ୍ଦାବଳୀ ବ୍ୟବହାର କରି ଶୂନ୍ୟସ୍ଥାନ ପୂରଣ କର:

(i) ସମୟାନୁକ୍ରମିକ ବିଶ୍ଳେଷଣ . . . . . . . . . ର ଏକ ଉପାୟ / କୌଶଳ ଅଟେ ।

(ii) ତୁଳନାତ୍ମକ ବିବରଣୀ ବିତ୍ତୀୟ ବିବରଣୀର ବିଶ୍ଳେଷଣ ପାଇଁ ଏକ . . . . . . . . . ଅଟେ ।

(iii) . . . . . . . . . ବ୍ୟବସାୟର ବିତ୍ତୀୟ ବିବରଣୀର ପୂର୍ବ ବର୍ଷର ବିତ୍ତୀୟ ବିବରଣୀ ସହିତ ଏକ ତୁଳନା ଅଟେ ।

(iv) ତୁଳନାତ୍ମକ . . . . . . . . .ବ୍ୟବସାୟର ବିଭିନ୍ନ ପରିସମ୍ପତ୍ତି ଓ ଦାୟଗୁଡ଼ିକୁ ବିଭିନ୍ନ ତାରିଖରେ ଦର୍ଶାଇଥାଏ ଯେପରିକି ଗୋଟିଏ ତାରିଖର ବଳକା ଅନ୍ୟ ତାରିଖର ବଳକା ସହିତ ତୁଳନା କରିହେବ ।

(v) . . . . . . . . . ଆୟ ବିବରଣୀ ଏକ ନିର୍ଦ୍ଦିଷ୍ଟ ସମୟାବଧିରେ ବ୍ୟବସାୟରେ ହୋଇଥିବା ପ୍ରଗତି ସମ୍ପର୍କରେ ଧାରଣା ଦେଇଥାଏ ।

## 27.3 ସମାନ ଆକାର ବିଶିଷ୍ଟ ବିବରଣୀ ଏବଂ ପ୍ରବୃତ୍ତି ବିଶ୍ଳେଷଣ (Common size statements and trend analysis)

ସମାନ ବା ସାଧାରଣ ଆକାର ବିଶିଷ୍ଟ ବିବରଣୀଗୁଡ଼ିକୁ (ଉଦ୍‌ବୃତ୍ତ ପତ୍ର ଏବଂ ଆୟ ବିବରଣୀ) ବିଶ୍ଳେଷଣାତ୍ମକ ପ୍ରତିଶତରେ ପ୍ରସ୍ତୁତ କରାଯାଏ । ଏହି ବିବରଣୀଗୁଡ଼ିକର ରାଶିଗୁଡ଼ିକୁ ଯଥାକ୍ରମେ ମୋଟ ପରିସମ୍ପତ୍ତି, ମୋଟ ଦାୟ ଏବଂ ମୋଟ ବିକ୍ରୟର ଶତକଡ଼ାରେ ଦର୍ଶାଯାଏ । ଉଦ୍‌ବୃତ୍ତ ପତ୍ରର ଉଦାହରଣକୁ ନିଆଯାଉ । ମୋଟ ପରିସମ୍ପତ୍ତିକୁ 100 ବୋଲି ଧରି ନିଆଯାଏ ଏବଂ ବିଭିନ୍ନ ପରିସମ୍ପତ୍ତିକୁ ମୋଟ ପରିସମ୍ପତ୍ତିର ଶତକଡ଼ାରେ ପ୍ରକାଶ କରାଯାଏ । ସେହିପରି ବିଭିନ୍ନ ଦାୟଗୁଡ଼ିକୁ ମୋଟ ଦାୟର ଏକ ଭାଗ ରୂପେ ନିଆଯାଏ ।

**ସମାନ ଆକାର ବିଶିଷ୍ଟ ଉଦ୍‌ବୃତ୍ତ ପତ୍ର :**

ଏକ ବିବରଣୀ ଯେଉଁଥିରେ ଉଦ୍‌ବୃତ୍ତ ପତ୍ରର ଆଇଟମ୍‌ଗୁଡ଼ିକୁ ଅନୁପାତ ଆକାରରେ ଦର୍ଶାଯାଇଥାଏ, ଅର୍ଥାତ୍ ପ୍ରତ୍ୟେକ ପରିସମ୍ପତ୍ତି ମୋଟ ସମ୍ପତ୍ତିର ଅନୁପାତରେ ତଥା ପ୍ରତ୍ୟେକ ଦାୟ ମୋଟ ଦାୟର ଅନୁପାତରେ ଦର୍ଶାଯାଇଥାଏ, ତାହାକୁ ସମାନ ଆକାର ବିଶିଷ୍ଟ ଉଦ୍‌ବୃତ୍ତ ପତ୍ର କୁହାଯାଏ ।

ତେଣୁ ସମାନ ଆକାର ବିଶିଷ୍ଟ ବିବରଣୀ ନିମ୍ନ ଉପାୟରେ ପ୍ରସ୍ତୁତ କରାଯାଇପାରେ:

– ମୋଟ ପରିସମ୍ପତ୍ତି ଅଥବା ମୋଟ ଦାୟକୁ 100 ବୋଲି ଧରାଯାଏ ।

– ବ୍ୟକ୍ତିଗତ ପରିସମ୍ପତ୍ତିକୁ ମୋଟ ପରିସମ୍ପତ୍ତି, ଅର୍ଥାତ୍ 100 ର ଶତକଡ଼ା ଆକାରରେ ପ୍ରକାଶ କରାଯାଏ ଏବଂ ବିଭିନ୍ନ ଦାୟର ପ୍ରତିଶତ ମୋଟ ଦାୟର ଆଧାରରେ ହିସାବ କରାଯାଏ ।

ଉଦାହରଣ ସ୍ୱରୂପ, ଯଦି ମୋଟ ପରିସମ୍ପତ୍ତିର ମୂଲ୍ୟ 10 ଲକ୍ଷ ଟଙ୍କା ଏବଂ ଗଚ୍ଛିତ ସାମଗ୍ରୀର ମୂଲ୍ୟ 91,00,000, ତେବେ ଗଚ୍ଛିତ ସାମଗ୍ରୀର ମୋଟ ପରିସମ୍ପତ୍ତିର10% $\left(\text{ଅର୍ଥାତ୍ } \frac{10000 \times 100}{100000}\right)$ ହେବ ।





**ଉଦାହରଣ 3**

ମେ. ଅନୂପ ପ୍ରାଇଭେଟ ଲିମିଟେଡ଼ ଏବଂ ବଂଶଲ ପ୍ରାଇଭେଟ ଲିମିଟେଡ଼ଙ୍କର ଉଦ୍‌ବୃତ୍ତ ପତ୍ର ନିମ୍ନରେ ହେଲା:

**31 ଡ଼ିସେମ୍ବର, 2007 ର ଉଦ୍‌ବୃତ୍ତ ପତ୍ର**

| | ଅନୂପ ପ୍ରା.ଲି. (₹) | ବଂଶଲ ପ୍ରା.ଲି. (₹) |
|---|---|---|
| **ଦାୟ** | | |
| ଅଗ୍ରାଧିକାର ଅଂଶ ପୁଞ୍ଜି | 1,20,000 | 1,50,000 |
| ସମତା ଅଂଶ ପୁଞ୍ଜି | 1,40,000 | 4,10,000 |
| ସଞ୍ଚିତି ଏବଂ ଅଧିବଳକା | 24,000 | 28,000 |
| ଦୀର୍ଘ-ମିଆଦୀ ଋଣ | 1,10,000 | 1,20,000 |
| ଦେୟ ହୁଣ୍ଡି | 7,000 | 1,000 |
| ବିବିଧ ମହାଜନ | 12,000 | 3,000 |
| ବକେୟା ବ୍ୟୟ | 15,000 | 6,000 |
| ପ୍ରସ୍ତାବିତ ଲାଭାଂଶ | 10,000 | 90,000 |
| | 4,38,000 | 8,08,000 |
| **ପରିସମ୍ପତ୍ତି** | | |
| ଜମି ଓ କୋଠା ବାଡ଼ି | 80,000 | 1,23,000 |
| ଯନ୍ତ୍ରପାତି ଓ କଳକବ୍‌ଜା | 3,34,000 | 6,00,000 |
| ଅସ୍ଥାୟୀ ବିନିଯୋଗ | 5,000 | 40,000 |
| ବିନିଯୋଗ | 6,000 | 20,000 |
| ବିବିଧ ଖାତକ | 4,000 | 13,000 |
| ପୂର୍ବ ପ୍ରଦତ୍ତ ବ୍ୟୟ | 1,000 | 2,000 |
| ଅର୍ଥ ଓ ବ୍ୟାଙ୍କ୍ ବଳକା | 8,000 | 10,000 |
| | 4,38,000 | 8,08,000 |







ସାଧାରଣ ଆକାର ବିଶିଷ୍ଟ ଉଦ୍‌ବୃତ୍ତ ପତ୍ରର ସହାୟତାରେ ଦୁଇ କମ୍ପାନୀର ଆର୍ଥିକ ସ୍ଥିତି ତୁଳନା କର ।

**ସମାଧାନ :**

**31 ଡ଼ିସେମ୍ବର 2007 ର ସାଧାରଣ ଆକାର ବିଶିଷ୍ଟ ଉଦ୍‌ବୃତ୍ତ ପତ୍ର**

| | ଅନୂପ ପ୍ରା.ଲି. | | ବଂଶଲ ପ୍ରା.ଲି. | |
|---|---|---|---|---|
| | ପରିମାଣ (₹) | % | ପରିମାଣ (₹) | % |
| **ସ୍ଥାୟୀ ପରିସମ୍ପତ୍ତି** | | | | |
| ଜମି ଓ କୋଠା ବାଡ଼ି | 80,000 | 18.26 | 1,23,000 | 15.22 |
| ଯନ୍ତ୍ରପାତି ଓ କଳକବ୍‌ଜା | 3,34,000 | 76.26 | 6,00,000 | 74.26 |
| | 4,14,000 | 94.52 | 7,23,000 | 89.48 |
| **ଚଳନ୍ତି ପରିସମ୍ପତ୍ତି** | | | | |
| ଅସ୍ଥାୟୀ ବିନିଯୋଗ | 5,000 | 1.14 | 40,000 | 4.95 |
| ବିନିଯୋଗ | 6,000 | 1.37 | 20,000 | 2,47 |
| ବିବିଧ ଖାତକ | 4,000 | 0.91 | 13,000 | 1.61 |
| ପୂର୍ବ ପ୍ରଦତ୍ତ ବ୍ୟୟ | 1,000 | 0.23 | 2,000 | 0.25 |
| ଅର୍ଥ ଏବଂ ବ୍ୟାଙ୍କ୍ ବଳକା | 8,000 | 1.83 | 10,000 | 1.24 |
| ମୋଟ ଚଳନ୍ତି ପରିସମ୍ପତ୍ତି | 24,000 | 5.48 | 85,000 | 10.52 |
| ମୋଟ ପରିସମ୍ପତ୍ତି | 4,38,000 | 100.00 | 8,08,000 | 100.00 |
| **ଅଂଶ ପୁଞ୍ଜି ଓ ସଞ୍ଚିତି** | | | | |
| ଅଗ୍ରାଧିକାର ଅଂଶ ପୁଞ୍ଜି | 1,20,000 | 27.39 | 1,50,000 | 18,56 |
| ସମତା ଅଂଶ ପୁଞ୍ଜି | 1,40,000 | 31.96 | 4,10,000 | 50.74 |
| ସଞ୍ଚିତି ଏବଂ ଅଧିବଳକା | 24,000 | 5.48 | 28,000 | 3.47 |
| ମୋଟ ପୁଞ୍ଜି ଓ ସଞ୍ଚିତି | 2,84,000 | 64.83 | 5,88,000 | 72.77 |
| ଦୀର୍ଘ -ମିଆଦୀ ଋଣ | 1,10,000 | 25.11 | 1,20,000 | 14.85 |
| **ଚଳନ୍ତି ଦାୟ** | | | | |
| **ଦେୟ ହୁଣ୍ଡି** | 7,000 | 1.60 | 1,000 | 0.12 |
| **ବିବିଧ ମହାଜନ** | 12,000 | 2.74 | 3,000 | 0.37 |
| **ବକେୟା ବ୍ୟୟ** | 15,000 | 3.44 | 6,000 | 0.74 |
| **ପ୍ରସ୍ତାବିତ ଲାଭାଂଶ** | 10,000 | 2.28 | 90,000 | 11.15 |
| | 44,000 | 10.06 | 1,00,000 | 12.38 |
| **ମୋଟ ଦାୟ** | 4,38,000 | 100.00 | 8,08,000 | 100.00 |





**ବ୍ୟାଖ୍ୟା :**

(i) ଉଭୟ କମ୍ପାନୀର ବିତ୍ତୀୟ ଧାରାର ବିଶ୍ଳେଷଣରୁ ଏହା ଦେଖିବାକୁ ମିଳୁଛି ଯେ ବଂଶଲ ଲିଃରେ ଅନୂପ ଲିଃ ତୁଳନାରେ ଅଧିକ ପାରମ୍ପରିକ ଭାବେ ବିତ୍ତୀୟ କରଣ ହୋଇଛି । ଉଦ୍‌ବୃତ୍ତ ପତ୍ରରୁ ଏହା ସ୍ପଷ୍ଟ ଯେ ପ୍ରଥମ କମ୍ପାନୀ ଏହାର ନିଜସ୍ୱ ପାଣ୍ଠି ଉପରେ ଅଧିକ ନିର୍ଭର କରିଛି । ମୋଟ ବିନିଯୋଗ (ନିବେଶ)ର 72.77% ମାଲିକାନା ସ୍ୱତ୍ତ୍ୱ (ନିଜସ୍ୱ) ପାଣ୍ଠିରୁ ଆସିଥିବା ବେଳେ ବାହ୍ୟ ପାଣ୍ଠିରୁ କେବଳ 27.23% ଆସିଛି । ଅନୂପ ଲିଃରେ 64.83% ମାଲିକାନା ସ୍ୱତ୍ତ୍ୱ ପାଣ୍ଠି ଥିବା ବେଳେ ବାହ୍ୟ ପାଣ୍ଠିର ଅଂଶ 35.17% ରହିଛି ଯାହା ଦର୍ଶାଉ ଅଛି ଯେ ଏହି କମ୍ପାନୀ ବାହ୍ୟ ପାଣ୍ଠି ଉପରେ ଅଧିକ ନିର୍ଭର କରିଛି ।

(ii) ଉଭୟ କମ୍ପାନୀର କାର୍ଯ୍ୟକାରୀ ପୁଞ୍ଜି ଅପର୍ଯ୍ୟାପ୍ତ ଅଟେ । ଉଭୟ କମ୍ପାନୀରେ ଚଳନ୍ତି ଦାୟର ପ୍ରତିଶତ ଚଳନ୍ତି ପରିସମ୍ପତ୍ତିର ପ୍ରତିଶତଠାରୁ ଅଧିକ ।

(iii) ଉଦ୍‌ବୃତ୍ତ ପତ୍ରକୁ ଭଲଭାବେ ନିରୀକ୍ଷଣ କଲେ ଏହା ଦେଖିବାକୁ ମିଳୁଛି ଯେ ଉଭୟ କମ୍ପାନୀରେ ସ୍ଥାୟୀ ପରିସମ୍ପତ୍ତିରେ ନିବେଶ ପାଇଁ କାର୍ଯ୍ୟକାରୀ ପୁଞ୍ଜିର ଉପଯୋଗ ହୋଇଅଛି । ଅନୂପ ଲିଃରେ ସ୍ଥାୟୀ ପରିସମ୍ପତ୍ତି ମୋଟ ପରିସମ୍ପତ୍ତିର 94.52% ହୋଇଥିବା ବେଳେ ବଂଶଲ ଲିଃରେ ସ୍ଥାୟୀ ପରିସମ୍ପତ୍ତିର ଭାଗ 89.48% ଅଟେ ।

(iv) ଏହିପରି ଭାବେ ଉଭୟ କମ୍ପାନୀର ସମ୍ମୁଖରେ କାର୍ଯ୍ୟକାରୀ ପୁଞ୍ଜିର ସମସ୍ୟା ବିଦ୍ୟମାନ ଏବଂ ସେଥିପାଇଁ କାର୍ଯ୍ୟକାରୀ ପୁଞ୍ଜିର ସ୍ଥିତିରେ ଉନ୍ନତି ଆଣିବା ପାଇଁ କମ୍ପାନୀ ଦ୍ୱୟକୁ ତତ୍କାଳ ପଦକ୍ଷେପ ସ୍ୱରୂପ ଅଧିକ ପୁଞ୍ଜିର ନିର୍ଗମନ କରିବାକୁ ହେବ କିମ୍ବା ଦୀର୍ଘ ମିଆଦୀ ଋଣ ଉଠାଇବାକୁ ହେବ ।

### ସମାନ ଆକାର ବିଶିଷ୍ଟ ଆୟ ବିବରଣୀ

ଆୟ ବିବରଣୀର ଆଇଟମ୍‌ଗୁଡ଼ିକୁ ବିକ୍ରୟର ଶତକଡ଼ାରେ ପ୍ରକାଶ କରିବା ପୂର୍ବକ ପ୍ରତ୍ୟେକ ଆଇଟମ୍‌ର ବିକ୍ରୟ ସହିତ ସମ୍ବନ୍ଧ ସ୍ଥାପିତ କରି ଦର୍ଶାଯାଇପାରେ ।

**ଉଦାହରଣ 4**

ନିମ୍ନରେ ଏକ କମ୍ପାନୀର 31 ଡିସେମ୍ବର 2006 ଏବଂ 2007 ରେ ସମାପ୍ତ ହୋଇଥିବା ବର୍ଷ ପାଇଁ ଆୟ ବିବରଣୀ ଦିଆଗଲା ।

| (₹) | 2006 (₹) | 2007 |
|---|---|---|
| ବିକ୍ରୟ | 5,00,000 | 7,00,000 |
| ବିବିଧ ଆୟ | 20,000 | 15,0000 |
| | 5,20,000 | 7,15,000 |
| **ବ୍ୟୟ** | | |
| ବିକ୍ରୀ ହୋଇଥିବା ମାଲ୍‌ର ପରିବ୍ୟୟ | 3,30,000 | 5,10,000 |
| କାର୍ଯ୍ୟାଳୟ ବ୍ୟୟ | 20,000 | 30,000 |
| ସୁଧ | 25,000 | 30,000 |





| | | |
|---|---|---|
| ବିକ୍ରୟ ବ୍ୟୟ | 30,000 | 40,000 |
| | 4,05,000 | 6,10,000 |
| ନିଟ୍ ଲାଭ | 1,15,000 | 1,05,000 |
| | 5,20,000 | 7,15,000 |

**ସମାଧାନ :**

31 ଡ଼ିସେମ୍ବର 2006 ଏବଂ 2007 ରେ ସମାପ୍ତ ବର୍ଷ ପାଇଁ ସାଧାରଣ ଆକାର ବିଶିଷ୍ଟ ଆୟ ବିବରଣୀ

| | 2006 | | 2007 | |
|---|---|---|---|---|
| | ପରିମାଣ (₹) | % | ପରିମାଣ (₹) | % |
| **ବିକ୍ରୟ** | 5,00,000 | 100.00 | 7,00,000 | 100.00 |
| ବିଯୁକ୍ତି : ବିକ୍ରୀ ହୋଇଥିବା ମାଲ୍‌ର ପରିବ୍ୟୟ | 3,30,000 | 66.00 | 5,10,000 | 72.86 |
| ସ୍ଥୁଳ ଲାଭ | 1,70,000 | 34.00 | 1,90,000 | 27.14 |
| **କାରବାର ଜନିତ ବ୍ୟୟ** | | | | |
| କାର୍ଯ୍ୟାଳୟ ବ୍ୟୟ | 20,000 | 4.00 | 30,000 | 4.29 |
| ବିକ୍ରୟ ବ୍ୟୟ | 30,000 | 6.00 | 40.000 | 5.71 |
| ମୋଟ କାରବାର ଜନିତ ବ୍ୟୟ | 50,000 | 10.00 | 70,000 | 10.00 |
| କାରବାର ଜନିତ ଲାଭ | 1,20,000 | 24.00 | 1,20,000 | 17.14 |
| ବିବିଧ ଆୟ | 20,000 | 4.00 | 15,000 | 2.14 |
| ମୋଟ ଆୟ | 1,40,000 | 28.00 | 1,35,000 | 19.28 |
| ବିଯୁକ୍ତ :ଅଣ-କାରବାର ବ୍ୟୟ | 25,000 | 5.00 | 30,000 | 4.28 |
| ନିଟ୍ ଲାଭ | 1,15,000 | 23.00 | 1,05,000 | 15.00 |

**ବ୍ୟାଖ୍ୟା**

– 2006 ତୁଳନାରେ 2007 ରେ ବିକ୍ରୟ ଓ ସ୍ଥୁଳ ଲାଭର ପରିମାଣ ବୃଦ୍ଧି ପାଇଛି । କିନ୍ତୁ 2007 ରେ ବିକ୍ରୟ ଉପରେ ସ୍ଥୁଳ ଲାଭର ପ୍ରତିଶତ ହ୍ରାସ ପାଇଛି ।

– ବିକ୍ରୟ ଉପରେ ବିକ୍ରୟ ହୋଇଥିବା ମାଲ୍‌ର ପରିବ୍ୟୟର ପ୍ରତିଶତ ବୃଦ୍ଧି ପାଇଥିବା କାରଣରୁ ଶତକଡ଼ା ଲାଭ 34% ରୁ 27 .14% କୁ ହ୍ରାସ ପାଇଛି ।

– କାର୍ଯ୍ୟ ପ୍ରଚଳନ ଜନିତ ବ୍ୟୟର ପ୍ରତିଶତ ଉଭୟ ବର୍ଷରେ ସମାନ ଅଛି ।

– 2006 ତୁଳନାରେ 2007 ରେ ନିଟ୍ ଲାଭର ପରିମାଣ ଓ ପ୍ରତିଶତ ଉଭୟ ହ୍ରାସ ପାଇଛି ।

**ପ୍ରବୃତ୍ତି ପ୍ରତିଶତ ବିଶ୍ଳେଷଣ (Trend percentage analysis)**

ପ୍ରବୃତ୍ତି ବିଶ୍ଳେଷଣ ହେଉଛି ବିଭିନ୍ନ ବିତ୍ତୀୟ ବିବରଣୀଗୁଡ଼ିକୁ କେତେଗୁଡ଼ିଏ ବର୍ଷର ଅନୁକ୍ରମରେ ଅଧ୍ୟୟନ କରିବାର ଏକ ପଦ୍ଧତି । ଏହି ବିଶ୍ଳେଷଣରେ ପ୍ରତ୍ୟେକ ଆଇଟମ୍ ପାଇଁ ପ୍ରବୃତ୍ତି ପ୍ରତିଶତ





ହିସାବ କରାଯାଏ । ଏଥିପାଇଁ ଗୋଟିଏ ବର୍ଷକୁ ଆଧାର ବର୍ଷରୂପେ ନେଇ ତା'ର ପ୍ରତ୍ୟେକ ଆଇଟମ୍‌ର ରାଶିକୁ 100 ବୋଲି ଧରାଯାଏ ଏବଂ ଅନ୍ୟ ବର୍ଷଗୁଡ଼ିକର ପ୍ରତ୍ୟେକ ଆଇଟମ୍‌ର ରାଶିକୁ ଆଧାର ବର୍ଷର ସମ୍ପୃକ୍ତ ଆଇଟମ୍‌ର ରାଶିର ପ୍ରତିଶତରେ ପ୍ରକାଶ କରାଯାଏ । ସାଧାରଣତଃ ପ୍ରଥମ ବର୍ଷକୁ ଆଧାର ବର୍ଷ ରୂପେ ନିଆଯାଏ । ବିଶ୍ଳେଷଣକାରୀ ରାଶିଗୁଡ଼ିକର ପ୍ରବୃତ୍ତିକୁ ଦେଖିବାରେ ସକ୍ଷମ ହୁଏ କି ଏହା ଉପରକୁ ଗତିକରୁଛି ନା ତଳକୁ ।

ସଂକ୍ଷେପରେ କହିଲେ, ପ୍ରବୃତ୍ତି ହିସାବ କରିବାର ପ୍ରଣାଳୀ ନିମ୍ନ ପ୍ରକାର ଅଟେ :

– ଗୋଟିଏ ବର୍ଷକୁ ଆଧାର ବର୍ଷରୂପେ ନିଆଯାଏ ଯାହା କି ସାଧାରଣତଃ ପ୍ରଥମ ବର୍ଷ କିମ୍ବା ଶେଷ ବର୍ଷ ହୋଇଥାଏ ।

– ପ୍ରବୃତ୍ତି ପ୍ରତିଶତ ଗୁଡ଼ିକ ଆଧାର ବର୍ଷ ସମ୍ବନ୍ଧରେ ହିସାବ କରାଯାଏ ।

**ଉଦାହରଣ 5**

ନିମ୍ନ ପ୍ରଦତ୍ତ କୁମାରୀ ରେଖା ଗୁପ୍ତାଙ୍କର 2004 ରୁ 2007 ପର୍ଯ୍ୟନ୍ତ ବର୍ଷ ଗୁଡ଼ିକର ତଥ୍ୟରୁ ପ୍ରବୃତ୍ତି ପ୍ରତିଶତ ହିସାବ କର (2004 କୁ ଆଧାର ବର୍ଷ ରୂପେ ନେଇ)

| | 2004 | 2005 | 2006 | 2007 |
|---|---|---|---|---|
| ନିଟ୍ ବିକ୍ରୟ | 2,00,000 | 1,90,000 | 2,49,000 | 2,60,000 |
| ବିଯୁକ୍ତ : ବିକ୍ରୀ ହୋଇଥିବା ମାଲ୍‌ର ପରିବ୍ୟୟ | 1,20,000 | 1,17,800 | 1,39,200 | 1,45,600 |
| ସ୍ଥୁଳ ଲାଭ | 80,000 | 72,200 | 1,09,800 | 1,14,400 |
| ବିଯୁକ୍ତ : ବ୍ୟୟ | 20,000 | 19,400 | 22,000 | 24,000 |
| ନିଟ୍ ଲାଭ | 60,000 | 52,800 | 87,800 | 90,400 |

**ସମାଧାନ :**

**ପ୍ରବୃତ୍ତି ପ୍ରତିଶତ**

| | 2004 | 2005 | 2006 | 2007 |
|---|---|---|---|---|
| ନିଟ୍ ବିକ୍ରୟ | 100 | 95.0 | 124.5 | 130.0 |
| ବିଯୁକ୍ତ : ବିକ୍ରୀ ହୋଇଥିବା ମାଲ୍‌ର ପରିବ୍ୟୟ | 100 | 98.2 | 116.0 | 121.3 |
| ସ୍ଥୁଳ ଲାଭ | 100 | 90.3 | 137.3 | 143.0 |
| ବିଯୁକ୍ତ : ବ୍ୟୟ | 100 | 97.0 | 110.0 | 120.0 |
| ନିଟ୍ ଲାଭ | 100 | 88.0 | 146.3 | 150.7 |

**ବ୍ୟାଖ୍ୟା**

ସାମଗ୍ରିକ ଭାବରେ 2005 ଏକ ଖରାପ ବର୍ଷ ଥିଲା, କିନ୍ତୁ 2006 ରେ ସେଥିରୁ ମୁକ୍ତି ମିଳିଲା । ଏହି ବର୍ଷରେ ବିକ୍ରୟ ଓ ଲାଭ ଉଭୟରେ ବୃଦ୍ଧି ଘଟିଛି ।







2005 ର ସଂଖ୍ୟାକୁ 2004 ର ସଂଖ୍ୟା ସହିତ ତୁଳନା କଲେ ଏହା ସ୍ପଷ୍ଟ ହେଉଛି ଯେ ବିକ୍ରୟ 5% କମିଛି । କିନ୍ତୁ ବିକ୍ରୀ ହୋଇଥିବା ମାଲ୍‌ର ପରିବ୍ୟୟ ଏବଂ ବ୍ୟୟ ଯଥାକ୍ରମେ କେବଳ 1 .8% ଏବଂ 3% କମିଛି । ଏହାର ଫଳ ସ୍ୱରୂପ ନିଟ୍ ଲାଭରେ 12% ହ୍ରାସ ଘଟିଛି ।

2006 ରେ ସ୍ଥିତିରେ ସୁଧାର ଆସିଲା ଏବଂ ତତ୍ ସହିତ ଉଭୟ 2006 ଓ 2007 ରେ ସକାରାତ୍ମକ ବିକାଶ ହେଲା । ଅଧିକନ୍ତୁ, ଲାଭରେ ହୋଇଥିବା 46 .3% ( 2006) ଏବଂ 50 .7% (2007)ର ବୃଦ୍ଧି ଏହି ଦୁଇ ବର୍ଷରେ ବିକ୍ରୟରେ ହୋଇଥିବା ବୃଦ୍ଧି ଯଥାକ୍ରମେ 24 .5% ଏବଂ 30% ଠାରୁ ବହୁତ ଅଧିକ ଅଟେ । ଏଥିରୁ ସ୍ପଷ୍ଟ ହେଉଛି ଯେ ବିକ୍ରୀ ହୋଇଥିବା ମାଲ୍‌ର ପରିବ୍ୟୟ ଏବଂ ବ୍ୟୟର ଏକ ବଡ଼ ଭାଗ ସ୍ଥାୟୀ ପ୍ରକୃତିର ଖର୍ଚ୍ଚ ଅଟେ ।

## ପାଠ୍ୟଗତ ପ୍ରଶ୍ନ 27.3

ଉପଯୁକ୍ତ ଶବ୍ଦ / ଶବ୍ଦାବଳୀ ବ୍ୟବହାର କରି ଶୂନ୍ୟସ୍ଥାନ ପୂରଣ କର :

(i) ......... ବିବରଣୀ ବିଶ୍ଳେଷଣାତ୍ମକ ପ୍ରତିଶତ ଦର୍ଶାଇ ଥାଏ । (ତୁଳନାତ୍ମକ, ସାଧାରଣ ଆକାର ବିଶିଷ୍ଟ)

(ii) ......... ଉଦ୍‌ବୃତ୍ତ ପତ୍ରର ଆଇଟମ୍‌ଗୁଡ଼ିକୁ ପ୍ରତ୍ୟେକ ପରିସମ୍ପତ୍ତିକୁ ମୋଟ ପରିସମ୍ପତ୍ତିର ଅନୁପାତରେ ଏବଂ ପ୍ରତ୍ୟେକ ଦାୟକୁ ମୋଟ ଦାୟର ଅନୁପାତରେ ପ୍ରକାଶ କରାଯାଇ ଥାଏ । (ତୁଳନାତ୍ମକ, ସାଧାରଣ ଆକାର ବିଶିଷ୍ଟ)

(iii) .......... ବିଶ୍ଳେଷଣ ହେଉଛି କେତେଗୁଡ଼ିଏ ବର୍ଷର ଅନୁକ୍ରମରେ ବିଭିନ୍ନ ବିତ୍ତୀୟ ବିବରଣୀଗୁଡ଼ିକୁ ଅଧ୍ୟୟନ କରିବାର ଏକ ପଦ୍ଧତି । (ପ୍ରବୃତ୍ତି, ସମୟାନୁକ୍ରମିକ)

(iv) ପ୍ରବୃତ୍ତି ପ୍ରତିଶତ .......... ବର୍ଷର ଆଧାରରେ ହିସାବ କରାଯାଏ । (ଚଳିତ, ଆଧାର)

## ତୁମେ ଯାହା ଶିଖିଲ

- ବିତ୍ତୀୟ ବିବରଣୀଗୁଡ଼ିକର ବିଶ୍ଳେଷଣର ଅର୍ଥ ହେଲା ଦୁଇଟି ବିତ୍ତୀୟ ବିବରଣୀ, ଅର୍ଥାତ୍ ଆୟ ବିବରଣୀ ଓ ସ୍ଥିତି ବିବରଣୀର ବିଭିନ୍ନ ଆଇଟମ୍ ଗୁଡ଼ିକ ମଧ୍ୟରେ ଅର୍ଥପୂର୍ଣ୍ଣ ସମ୍ବନ୍ଧ ସ୍ଥାପନ କରିବା ।
- ବିତ୍ତୀୟ ବିବରଣୀର ବିଶ୍ଳେଷଣରେ ଆଗ୍ରହୀ ଥିବା ମୁଖ୍ୟ ପକ୍ଷ ଗୁଡ଼ିକ ହେଲେ

  (i) ବିନିଯୋଗକାରୀ / ନିବେଶକ  (ii) ପରିଚାଳକ

  (iii) ଶ୍ରମିକ ସଂଘ  (iv) ଋଣଦାତା

  (v) ବ୍ୟାପାରିକ ମହାଜନଗଣ  (vi) କର୍ମଚାରୀ ଗଣ

  (vii) ଅଧିକାରୀଗଣ  (viii) ସରକାର

  (ix) ଷ୍ଟକ୍ ଏକ୍ସଚେଞ୍ଜ  (x) ଗବେଷକ



ଟିପ୍ପଣୀ

- ବିତ୍ତୀୟ ବିବରଣୀ ବିଶ୍ଳେଷଣ କରିବାର ମୁଖ୍ୟ ଉପାୟ / କୌଶଳଗୁଡ଼ିକ ହେଲା
  - (i) ଅନୁପ୍ରସ୍ଥ – ଖଣ୍ଡୀୟ ବିଶ୍ଳେଷଣ
  - (ii) ସମୟାନୁକ୍ରମିକ ବିଶ୍ଳେଷଣ / ସମୟ ଶୃଙ୍ଖଳା ବିଶ୍ଳେଷଣ
  - (iii) ଅନୁପ୍ରସ୍ଥ – ଖଣ୍ଡୀୟ ଏବଂ ସମୟାନୁକ୍ରମିକ ବିଶ୍ଳେଷଣ
- ବିତ୍ତୀୟ ବିବରଣୀ ବିଶ୍ଳେଷଣ କରିବା ପାଇଁ ମୁଖ୍ୟ ସାଧନୀ / ପଦ୍ଧତି ଗୁଡ଼ିକ ହେଲା
  - (i) ତୁଳନାତ୍ମକ ବିବରଣୀ
  - (ii) ସାଧାରଣ (ସମାନ) ଆକାର ବିଶିଷ୍ଟ ବିବରଣୀ
  - (iii) ପ୍ରବୃତ୍ତି ବିଶ୍ଳେଷଣ
  - (iv) ଆନୁପାତିକ ବିଶ୍ଳେଷଣ
  - (v) ପାଣ୍ଠି / କୋଷ ପ୍ରବାହ ବିଶ୍ଳେଷଣ
  - (vi) ଅର୍ଥ ପ୍ରବାହ ବିଶ୍ଳେଷଣ
- ବିତ୍ତୀୟ ବିବରଣୀ ଗୁଡ଼ିକର ତୁଳନାତ୍ମକ ଅଧ୍ୟୟନର ଅର୍ଥ ହେଲା ବ୍ୟବସାୟର ବିତ୍ତୀୟ ବିବରଣୀଗୁଡ଼ିକୁ ପୂର୍ବ ବର୍ଷର ବିତ୍ତୀୟ ବିବରଣୀ ଗୁଡ଼ିକ ସହିତ ତୁଳନା କରିବା ।
- ତୁଳନାତ୍ମକ ଉଦ୍‌ବୃତ୍ତ ପତ୍ର କୌଣସି ବ୍ୟବସାୟର ବିଭିନ୍ନ ପରିସମ୍ପତ୍ତି ଓ ଦାୟର କୌଣସି ଏକ ତାରିଖର ବଳକାକୁ ଅନ୍ୟ ଏକ ତାରିଖର ବଳକା ସହିତ ତୁଳନା କରି ଦର୍ଶାଇ ଥାଏ ।
- ସମାନ / ସାଧାରଣ ଆକାର ବିଶିଷ୍ଟ ଉଦ୍‌ବୃତ୍ତ ପତ୍ରର ଆଇଟମ୍ ଗୁଡ଼ିକୁ ଅନୁପାତ ଆକାରରେ, ଅର୍ଥାତ୍ ପ୍ରତ୍ୟେକ ପରିସମ୍ପତ୍ତି ମୋଟ ପରିସମ୍ପତ୍ତିର ଅନୁପାତରେ ତଥା ପ୍ରତ୍ୟେକ ଦାୟ ମୋଟ ଦାୟର ଅନୁପାତରେ ଦର୍ଶାଯାଇଥାଏ ।

## ପାଠ୍ୟାନ୍ତ ପ୍ରଶ୍ନ

1. ବିତ୍ତୀୟ ବିବରଣୀଗୁଡ଼ିକର ବିଶ୍ଳେଷଣ ଓ ବ୍ୟାଖ୍ୟାକରଣ ପାଇଁ ସାଧାରଣ ଭାବେ ବ୍ୟବହୃତ ହେଉଥିବା ସାଧନୀ / ପଦ୍ଧତି ଗୁଡ଼ିକ ମଧ୍ୟରୁ ଯେ କୌଣସି ଚାରୋଟିର ଉଲ୍ଲେଖ କର ।
2. ବିତ୍ତୀୟ ବିବରଣୀ ବିଶ୍ଳେଷଣ କରିବାର ମୁଖ୍ୟ ଉପାୟ / କୌଶଳ (technique) ଗୁଡ଼ିକ କ'ଣ ?
3. ବିତ୍ତୀୟ ବିବରଣୀର ବିଶ୍ଳେଷଣରେ ଆଗ୍ରହୀ ଥିବା ପକ୍ଷମାନଙ୍କ ବିଷୟରେ ସଂକ୍ଷେପରେ ବୁଝାଅ ।
4. ତୁଳନାତ୍ମକ ବିବରଣୀ, ସାଧାରଣ ଆକାର ବିଶିଷ୍ଟ ବିବରଣୀ ଏବଂ ପ୍ରବୃତ୍ତି ବିଶ୍ଳେଷଣ ଉପରେ ସଂକ୍ଷିପ୍ତ ଟିପ୍ପଣୀ ଲେଖ ।
5. ନିମ୍ନରେ ମେ. ଶିବାନୀ ଲିଃର 31 ଡ଼ିସେମ୍ବର 2006 ଏବଂ 2007 ର ଉଦ୍‌ବୃତ୍ତ ପତ୍ର ଗୁଡ଼ିକ ପ୍ରଦତ୍ତ ଅଛି

| ଦାୟ | 2006 (₹) | 2007 (₹) | ପରିସମ୍ପତ୍ତି | 2006 (₹) | 2007 (₹) |
|---|---|---|---|---|---|
| ସମତା (ସାଧାରଣ ଅଂଶ ପୁଞ୍ଜି) | 2,00,000 | 3,30,000 | ସ୍ଥାୟୀ ପରିସମ୍ପତ୍ତି | | |
| ଅଗ୍ରାଧିକାର ଅଂଶ ପୁଞ୍ଜି | 2,00,000 | 2,50,000 | ବିଯୁକ୍ତ ମୂଲ୍ୟହ୍ରାସ | 3,40,000 | 4,50,000 |







| | | | | | |
|---|---|---|---|---|---|
| ସଞ୍ଚିତି | 20,000 | 30,000 | ମହଜୁଦ ମାଲ | 40,000 | 50,000 |
| ଲାଭ ଓ କ୍ଷତି ହିସାବ | 15,000 | 20,000 | ଖାତକ | 1,00,000 | 1,25,000 |
| ବ୍ୟାଙ୍କ୍ ଅଧିଉଠାଣ | 50,000 | 50,000 | ପ୍ରାପ୍ୟ ହୁଣ୍ଡି | 20,000 | 60,000 |
| ମହାଜନ | 40,000 | 50,000 | ପୂର୍ବ ପ୍ରଦତ୍ତ ବ୍ୟୟ | 10,000 | 12,000 |
| କର ପାଇଁ ପ୍ରାବଧାନ | 20,000 | 25,000 | ହାତରେ ଥିବା ଅର୍ଥ | 40,000 | 53,000 |
| ପ୍ରସ୍ତାବିତ ଲାଭାଂଶ | 15,000 | 25,000 | ବ୍ୟାଙ୍କ୍‌ରେ ଥିବା ଅର୍ଥ | 10,000 | 30,000 |
| | 5,60,000 | 7,80,000 | | 5,60,000 | 7,80,000 |

କମ୍ପାନୀର ତୁଳନାତ୍ମକ ଉଦ୍‌ବୃତ୍ତ ପତ୍ର ପ୍ରସ୍ତୁତ କର ଏବଂ ଏହାର ଆର୍ଥିକ ସ୍ଥିତି ଅଧ୍ୟୟନ କର ।

6. ନିମ୍ନରେ କୁମାରୀ / ଶ୍ରୀମତୀ ଅଞ୍ଜନୀ ଆନନ୍ଦଙ୍କର 2006 ଏବଂ 2007 ବର୍ଷ ପାଇଁ ଉଦ୍‌ବୃତ୍ତ ପତ୍ର ଦ୍ୱୟ ଦିଆଯାଇଛି । ସାଧାରଣ ଆକାର ବିଶିଷ୍ଟ ଉଦ୍‌ବୃତ୍ତ ପତ୍ର ସହାୟତାରେ କମ୍ପାନୀର ଏହି ଦୁଇବର୍ଷର ଆର୍ଥିକ ସ୍ଥିତି ସମ୍ପର୍କରେ ଆଲୋଚନା କର ।

| ଦାୟ | 2006 (₹) | 2007 (₹) | ପରିସମ୍ପତ୍ତି | 2006 (₹) | 2007 (₹) |
|---|---|---|---|---|---|
| ଅଂଶପୁଞ୍ଜି | 6,25,000 | 6,75,000 | ସୁନାମ | 80,000 | 50,000 |
| ସଞ୍ଚିତ ଅଧିବଳକା | 3,52,000 | 3,52,000 | ଯନ୍ତ୍ର (କଳ) | 5,26,000 | 5,13,000 |
| ଅଧିବଳକା | 75,535 | 5,270 | ପେଟେଣ୍ଟ | 30,000 | 26,000 |
| 6% ଋଣ ପତ୍ର | 2,25,000 | 2,00,000 | ବିନିଯୋଗ | 2,05,000 | 1,25,000 |
| ଋଣପତ୍ର ଉପରେ ବକେୟା ସୁଧ | 3,750 | 3,000 | ବ୍ୟାଙ୍କ୍‌ରେଥିବା ଅର୍ଥ | 1,70,650 | 2,87,670 |
| ବିବିଧ ଉଧାର ଦାତା | 1,12,000 | 1,43,000 | ପୂର୍ବପୈଠ ବ୍ୟୟ | 8,200 | 4,600 |
| ଦେୟ ଲାଭାଂଶ | — | 25,000 | ଉଧାର ଗହୀତା | 1,38,760 | 1,53,000 |
| କର ପ୍ରାବଧାନ | 8,000 | 48,000 | ମହଜୁଦ ମାଲ୍ | 2,35,800 | 2,87,670 |
| | | | ଋଣପତ୍ରର ରିହାତି | 6,875 | 5,000 |
| | 14,01,285 | 14,51,270 | | 14,01,285 | 14,51,270 |

## ପାଠ୍ୟଗତ ପ୍ରଶ୍ନଗୁଡ଼ିକର ଉତ୍ତର

**ପାଠ୍ୟଗତ ପ୍ରଶ୍ନ 27.1**

I. (i) ଆୟ ବିବରଣୀ ବା ଲାଭ ଓ କ୍ଷତି ହିସାବ, ସ୍ଥିତି ବିବରଣୀ ବା ଉଦ୍‌ବୃତ୍ତ ପତ୍ର





(ii) ବିଶ୍ଳେଷଣ ଓ ବ୍ୟାଖ୍ୟାକରଣ

(iii) ବିତ୍ତୀୟ ବିବରଣୀ

(iv) ନିଷ୍ପତ୍ତି ଗ୍ରହଣ

II. (i) (ଗ) (ii) (ଘ) (iii) (ଖ) (iv) (କ)

**ପାଠ୍ୟଗତ ପ୍ରଶ୍ନ 27 .2**

(i) ବିତ୍ତୀୟ ବିବରଣୀର ବିଶ୍ଳେଷଣ (ii) ସାଧନୀ / ପଦ୍ଧତି

(iii) ତୁଳନାତ୍ମକ ବିବରଣୀ (iv) ଉଦ୍‌ବୃତ୍ତ ପତ୍ର

(v) ତୁଳନାତ୍ମକ

**ପାଠ୍ୟଗତ ପ୍ରଶ୍ନ 27.3**

(i) ସାଧାରଣ ଆକାର ବିଶିଷ୍ଟ (ii) ସାଧାରଣ ଆକାର ବିଶିଷ୍ଟ

(iii) ପ୍ରବୃତ୍ତି (iv) ଆଧାର

❒

# 28

# ହିସାବରକ୍ଷଣ ଅନୁପାତ - I

ପୂର୍ବ ପାଠରେ ତୁମେ ବିତ୍ତୀୟ ବିବରଣୀ ଗୁଡ଼ିକର ବିଭିନ୍ନ ଆଇଟମ୍‌ଗୁଡ଼ିକ ମଧ୍ୟରେ ଥିବା ସମ୍ପର୍କକୁ ଅଧ୍ୟୟନ କରିଛ । ତୁମେ ଆହୁରି ମଧ୍ୟ ବିତ୍ତୀୟ ବିବରଣୀ ଗୁଡ଼ିକର ବିଶ୍ଳେଷଣର ବିଭିନ୍ନ ସାଧନୀ ଯଥା ତୁଳନାତ୍ମକ ବିବରଣୀ, ସାଧାରଣ ଆକାର ବିଶିଷ୍ଟ ବିବରଣୀ ଏବଂ ପ୍ରବୃତ୍ତି ବିଶ୍ଳେଷଣ ସମ୍ବନ୍ଧରେ ଶିଖି ସାରିଛ । ତେବେ ଉପରୋକ୍ତ ସାଧନୀଗୁଡ଼ିକ ପରି ଆଉ ଏକ ଗୁରୁତ୍ୱ ପୂର୍ଣ୍ଣ ସାଧନୀ ଅଛି ଯାହା ବିତ୍ତୀୟ ବିବରଣୀ ଗୁଡ଼ିକର ତର୍ଜମା କରିବାରେ ବହୁତ ଉପଯୋଗୀ, ତାହା ହେଲା ଆନୁପାତିକ ବିଶ୍ଳେଷଣ (ratio analysis) । ବ୍ୟବସାୟର ତାରଲ୍ୟ / ତରଳତା, ଲାଭପ୍ରଦତ୍ତା ଏବଂ ପରିଶୋଧନ କ୍ଷମତା ସମ୍ବନ୍ଧରେ ଅର୍ଥପୂର୍ଣ୍ଣ ସିଦ୍ଧାନ୍ତ ଗ୍ରହଣ କରିବା ନିମନ୍ତେ ବିତ୍ତୀୟ ବିବରଣୀ ଗୁଡ଼ିକରୁ ହିସାବରକ୍ଷଣ ଅନୁପାତ ଗୁଡ଼ିକ ନିର୍ଣ୍ଣୟ କରାଯାଏ । ହିସାବରକ୍ଷଣ ଅନୁପାତ ବିଭିନ୍ନ ପ୍ରକାରର ହୋଇପାରେ । ଏହି ପାଠରେ ଆମେ ବିଭିନ୍ନ ପ୍ରକାର ହିସାବରକ୍ଷଣ ଅନୁପାତ ଏବଂ ସେଗୁଡ଼ିକର ନିର୍ଣ୍ଣୟ ପଦ୍ଧତି ସମ୍ବନ୍ଧରେ ଶିଖିବା ।

## ଉଦ୍ଦେଶ୍ୟ

ଏହି ପାଠ ପଢ଼ିବା ପରେ ତୁମେ :

- ହିସାବରକ୍ଷଣ ଅନୁପାତର ଅର୍ଥ ଉଲ୍ଲେଖ କରିପାରିବ;
- ହିସାବରକ୍ଷଣ ଅନୁପାତଗୁଡ଼ିକର ଶ୍ରେଣୀ ବିଭାଜନ କରିପାରିବ;
- ତରଳତା ଏବଂ ଆବର୍ତ୍ତ (turnover) ର ଆଧାରରେ ବିଭିନ୍ନ ପ୍ରକାର ହିସାବରକ୍ଷଣ ଅନୁପାତଗୁଡ଼ିକୁ ବୁଝାଇ ପାରିବ ।

## 28.1 ଅର୍ଥ ଓ ଏହାର ଶ୍ରେଣୀ ବିଭାଜନ

ଅନୁପାତ ହେଉଛି ଏକ ପାଟୀଗାଣିତିକ ଅଭିବ୍ୟକ୍ତି, ଅର୍ଥାତ୍ ଗୋଟିଏ ସଂଖ୍ୟା ସହିତ ଅନ୍ୟ ଏକ ସଂଖ୍ୟାର ସମ୍ପର୍କ । ଏହାର ସଂଜ୍ଞା 'ଗାଣିତିକ ଅଭିବ୍ୟକ୍ତିର ଏକ ସୂଚିତ ଭାଗଫଳ' ରୂପରେ ଦିଆଯାଇପାରେ । ଏହାକୁ ଏକ ସମାନୁପାତ କିମ୍ବା ଏକ ଭଗ୍ନାଂଶ କିମ୍ବା ପ୍ରତିଶତ କିମ୍ବା କେତେଗୁଣ ଆକାରରେ ବ୍ୟକ୍ତ କରାଯାଇ ପାରେ । ଏକ ଆର୍ଥିକ ଅନୁପାତ ହେଉଛି ଗାଣିତିକ ରୂପରେ ଅଭିବ୍ୟକ୍ତ ହୋଇଥିବା ଦୁଇଟି ହିସାବ ରକ୍ଷଣ ସଂଖ୍ୟା (ରାଶି) ମଧ୍ୟରେ ସମ୍ପର୍କ । ମନେକର ଗୋଟିଏ ବ୍ୟବସାୟର ଦୁଇଟି ହିସାବରକ୍ଷଣ ସଂଖ୍ୟା ହେଲା ବିକ୍ରୟ ₹1 ,00,000 ଏବଂ ଲାଭ ₹15,000 । ଏହି ଦୁଇ ସଂଖ୍ୟାର ଅନୁପାତ ହେବ

$$\frac{15,000}{1,00,000} = 3:20 \text{ କିମ୍ବା } 15\%$$





ହିସାବରକ୍ଷଣ ଅନୁପାତଗୁଡ଼ିକ ବ୍ୟବସାୟର ଆର୍ଥିକ ସ୍ଥିତିର ସଙ୍କେତ ଦେଇଥାଏ । ଏଗୁଡ଼ିକ ପ୍ରତିଷ୍ଠାନର ଆର୍ଥିକ ସୁଦୃଢ଼ତା, ସ୍ୱଚ୍ଛଳତା, ସ୍ଥିତି (ତରଳତା/ ପରିଶୋଧ କ୍ଷମତା) କିମ୍ବା ଦୁର୍ବଳତାର ସୂଚକ ହୋଇଥାଏ । ଏହି ହିସାବରକ୍ଷଣ ଅନୁପାତ ଗୁଡ଼ିକ ସହାୟତାରେ ଜଣେ ବ୍ୟବସାୟର ଆର୍ଥିକ ସ୍ଥିତି ସମ୍ବନ୍ଧରେ ନିଷ୍କର୍ଷ ବାହାର କରି ପାରିବ ।

ମନେକର ଜଣେ ଦୋକାନୀ 'ଏକ୍ସ' r10,000 ର ଲାଭୋପାର୍ଜନ କଲେ ଏବଂ ଅନ୍ୟ ଜଣେ ଦୋକାନୀ 'ୱାଇ' r 20,000 ର ଲାଭ କଲେ, ତେବେ କେଉଁ ଜଣକ ଅଧିକ ଦକ୍ଷ ? ଆମେ କହି ପାରିବା ଯେ ଯେଉଁ ଜଣକ ଅଧିକ ଲାଭ ଅର୍ଜନ କରିଛନ୍ତି ସେ ତାଙ୍କ ଦୋକାନ ଅନ୍ୟ ଜଣଙ୍କଠାରୁ ଭଲରେ ଚଳାଉଛନ୍ତି । ବାସ୍ତବରେ ଏହି ପ୍ରଶ୍ନର ଉତ୍ତର ଦେବା ପାଇଁ ଆମକୁ ନିଶ୍ଚିତ ଭାବେ ପଚାରିବାକୁ ହେବ ଯେ ପ୍ରତ୍ୟେକ ଦୋକାନୀ କେତେ ଲେଖାଏଁ ପୁଞ୍ଜି ନିବେଶ କରିଛନ୍ତି ? ମନେକର ଏକ୍ସ r 1,00,000 ଏବଂ ୱାଇ r 4,00,000 ପୁଞ୍ଜି ଲଗାଇଛନ୍ତି । ଆମେ ଏବେ ହିସାବ କରିପାରିବା ଯେ ପ୍ରତ୍ୟେକ ଦୋକାନୀ ବିନିଯୁକ୍ତ ପୁଞ୍ଜି ଉପରେ କେତେ ପ୍ରତିଶତ ଲାଭ ଅର୍ଜନ କରିଛନ୍ତି ।

ଅତଃ,

ଏକ୍ସ $$\frac{r\,10,000}{r\,1,00,000}\,'\,100 = 10\%$$

ୱାଇ $$\frac{r\,20,000}{r\,4,00,000}\,'\,100 = 5\%$$

ଉପରୋକ୍ତ ସଂଖ୍ୟାଗୁଡ଼ିକରୁ ଏହା ପ୍ରତୀୟମାନ ଯେ ପ୍ରତି r 100 ର ପୁଞ୍ଜି ପାଇଁ ଏକ୍ସ r 10 ଲାଭାର୍ଜନ କରିଛନ୍ତି ଏବଂ ୱାଇ r 5 ଲାଭାର୍ଜନ କରିଛନ୍ତି । ଅତଃ, ଏହା ସ୍ପଷ୍ଟ ଯେ ଏକ୍ସ ତା'ର ବିନିଯୁକ୍ତ ପୁଞ୍ଜିର ଅଧିକ ଉତ୍ତମ ଉପଯୋଗ କରିପାରୁଛି । ସେ ଦୁହିଁଙ୍କ ମଧ୍ୟରେ ଅଧିକ ଦକ୍ଷ ଅଟେ । ଉପରୋକ୍ତ ଉଦାହରଣରୁ ଏହା ସ୍ପଷ୍ଟ ହେଲା ଯେ ପରମ (absolute) ରାଶି ଗୁଡ଼ିକ ନିଜେ ନିଜେ କୌଣସି ଅର୍ଥପୂର୍ଣ୍ଣ ସୂଚନା ପ୍ରଦାନ କରନ୍ତି ନାହିଁ । ମୋଟ ଉପରେ ହିସାବରକ୍ଷଣ ଅନୁପାତ ଗୁଡ଼ିକୁ ନିମ୍ନ ଶ୍ରେଣୀର ବିଭକ୍ତ କରାଯାଇପାରେ :

(କ) ତରଳତା ଅନୁପାତ (ଖ) କ୍ରିୟାଶୀଳତା ଅନୁପାତ (ଗ) ପରିଶୋଧନ କ୍ଷମତା ଅନୁପାତ (ଘ) ଲାଭପ୍ରଦତ୍ତା ଅନୁପାତ (ଙ) ଉତ୍ତୋଳନ (leverage) ଅନୁପାତ

**ତରଳତା ଅନୁପାତ ( liquidity Ratios)**

'ତରଳତା' (ବା ତାରଲ୍ୟ) ଶବ୍ଦଟି ଚଳନ୍ତି ଦାୟର ଯଥା ସମୟରେ ପରିଶୋଧ କରିବା ନିମନ୍ତେ କମ୍ପାନୀର ସାମର୍ଥ୍ୟକୁ ବୁଝାଏ । ତରଳତା ଅନୁପାତ ଗୁଡ଼ିକ ଦ୍ୱାରା ବ୍ୟବସାୟର ନିଜର ସ୍ୱଳ୍ପମିଆଦୀ ଦାୟଗୁଡ଼ିକୁ ପରିଶୋଧ କରିବାର କ୍ଷମତାର ମୂଲ୍ୟାୟନ କରାଯାଇଥାଏ । ଅତଃ, ତରଳତା ଅନୁପାତ ଗୁଡ଼ିକ ଦ୍ୱାରା ବ୍ୟବସାୟର ନିଜର ତରଳ ପରିସମ୍ପତ୍ତି ଗୁଡ଼ିକରୁ ସ୍ୱଳ୍ପମିଆଦୀ ବଚନବଦ୍ଧତାର ପୈଠ କରିବାର ସାମର୍ଥ୍ୟକୁ ମପାଯାଇଥାଏ । ଗୁରୁତ୍ୱପୂର୍ଣ୍ଣ ତରଳତା ଅନୁପାତ ଗୁଡ଼ିକ ହେଲା

(i) ଚଳନ୍ତି ଅନୁପାତ (Current ratio)

(ii) ତ୍ୱରିତ ଅନୁପାତ (Quick ratio)







**(i) ଚଳନ୍ତି ଅନୁପାତ**

ଚଳନ୍ତି ଅନୁପାତ ହେଉଛି ଏକ ନିର୍ଦ୍ଦିଷ୍ଟ ଅବଧିରେ କୌଣସି ବ୍ୟବସାୟର ଚଳନ୍ତି ପରିସମ୍ପତ୍ତି ଓ ଚଳନ୍ତି ଦାୟ ଗୁଡ଼ିକ ମଧ୍ୟରେ ଥିବା ଅନୁପାତ । ଏହି ଅନୁପାତ ଚଳନ୍ତି ପରିସମ୍ପତ୍ତି ଓ ଚଳନ୍ତି ଦାୟ ଗୁଡ଼ିକ ମଧ୍ୟରେ ଏକ ସମ୍ପର୍କ ସ୍ଥାପନ କରିଥାଏ । ଏହି ଅନୁପାତ ବାହାର କରିବାର ଉଦ୍ଦେଶ୍ୟ ହେଲା ସଂସ୍ଥାର ନିଜର ସ୍ୱଳ୍ପ ମିଆଦୀ ଦାୟ ଗୁଡ଼ିକୁ ପରିଶୋଧ କରିବାର ସାମର୍ଥ୍ୟକୁ ମାପିବା । ଏହା ସଂସ୍ଥାର ଚଳନ୍ତି ପରିସମ୍ପତ୍ତି ଓ ଚଳନ୍ତି ଦାୟ ସମୂହକୁ ତୁଳନା କରିଥାଏ । ଏହି ଅନୁପାତ ନିମ୍ନମତେ ହିସାବ କରାଯାଏ ।

$$\text{ଚଳନ୍ତି ଅନୁପାତ} = \frac{\text{ଚଳନ୍ତି ପରିସମ୍ପ□ସମୂହ}}{\text{ଚଳନ୍ତି ଦାୟ ସମୂହ}}$$

ଚଳନ୍ତି ପରିସମ୍ପତ୍ତିଗୁଡ଼ିକ ହେଉଛି ସେହିସବୁ ପରିସମ୍ପତ୍ତି ଯାହା ଏକ ସ୍ୱଳ୍ପ ଅବଧିରେ (ଅର୍ଥାତ୍, ଅବଧି ଯାହା ଏକ ବର୍ଷରୁ ଅଧିକ ନୁହେଁ) ନଗଦ ଅର୍ଥରେ ରୂପାନ୍ତରିତ ହୋଇଥାଏ । ଏଥିରେ ନିମ୍ନଲିଖିତ ଗୁଡ଼ିକ ଅନ୍ତର୍ଭୁକ୍ତ ଥାଏ:

ହାତରେ ଥିବା ଅର୍ଥ, ବ୍ୟାଙ୍କ୍‌ରେ ଥିବା ଅର୍ଥ, ପ୍ରାପ୍ୟ ହୁଣ୍ଡି, ସ୍ୱଳ୍ପ ମିଆଦୀ ନିବେଶ, ବିବିଧ ଖାତକ, ସମ୍ଭାର (ମହଜୁଦ ମାଲ), ପୂର୍ବ ପ୍ରଦତ୍ତ ବ୍ୟୟ ।

ଚଳନ୍ତି ଦାୟ କହିଲେ ସେହିସବୁ ଦାୟକୁ ବୁଝାଉଥାଏ ଯେଉଁ ଗୁଡ଼ିକ ଗୋଟିଏ ବର୍ଷ ମଧ୍ୟରେ ପୈଠ କରାଯିବାର ଆଶା ଥାଏ । ଏଥିରେ ନିମ୍ନଲିଖିତ ଗୁଡ଼ିକ ଅନ୍ତର୍ଭୁକ୍ତ ଥାଏ :

ଦେୟ ହୁଣ୍ଡି, ବିବିଧ ମହାଜନ, ବ୍ୟାଙ୍କ୍ ଅଧିଉଠାଣ, କରପାଇଁ ପ୍ରାବଧାନ, ବକେୟା ବ୍ୟୟ ।

**ମହତ୍ତ୍ୱ**

ଏହା ଚଳନ୍ତି ଦାୟ ଗୁଡ଼ିକର ପରିଶୋଧ ନିମନ୍ତେ ଚଳନ୍ତି ପରିସମ୍ପତ୍ତି ଗୁଡ଼ିକର ରାଶିର ଉପଲବ୍ଧତାକୁ ସୂଚାଇଥାଏ । ଏହି ଅନୁପାତ ଯେତେ ଅଧିକ, ବ୍ୟବସାୟର ସ୍ୱଳ୍ପମିଆଦୀ ପରିଶୋଧ କ୍ଷମତା ସେତେ ଅଧିକ (ଉନ୍ନତ) ଏବଂ ପ୍ରତିକ୍ରମ । ତେବେ ଅତି ଉଚ୍ଚ ଅନୁପାତ ଅଥବା ଅତି ନିମ୍ନ ଅନୁପାତ ଏକ ଆବେଗ (ଚିନ୍ତା)ର ବିଷୟ ଅଟେ । ଯଦି ଅନୁପାତ ଅତି ଉଚ୍ଚ (ଅଧିକ) ହୋଇଥାଏ, ତେବେ ଏହାର ଅର୍ଥ ହେଲା ଚଳନ୍ତି ପରିସମ୍ପତ୍ତି ଗୁଡ଼ିକ ଅବ୍ୟବହୃତ (ନିରର୍ଥକ) ଭାବେ ପଡ଼ି ରହିଛି । ଅତି ନିମ୍ନ (କମ୍) ଅନୁପାତର ଅର୍ଥ ହେଲା ସଂସ୍ଥାର ସ୍ୱଳ୍ପ ମିଆଦୀ ପରିଶୋଧ କ୍ଷମତା ଭଲ ନାହିଁ । ଅତଃ, କମ୍ପାନୀର ଆଦର୍ଶ ଚଳନ୍ତି ଅନୁପାତ 2 : 1 ଅଟେ; ଅର୍ଥାତ୍ ଚଳନ୍ତି ଦାୟ ପରିଶୋଧ ନିମନ୍ତେ ଦୁଇଗୁଣା ଚଳନ୍ତି ପରିସମ୍ପତ୍ତି ଥିବା ଉଚିତ ।

**ଉଦାହରଣ 1**

ନିମ୍ନ ଲିଖିତ ଗୁଡ଼ିକରୁ ଚଳନ୍ତି ଅନୁପାତ ନିର୍ଣ୍ଣୟ କର :

| | r |
|---|---|
| ବିବିଧ ଖାତକ | 4 , 00, 000 |
| ସମ୍ଭାର | 1, 60, 000 |
| ବିପଣନ ଯୋଗ୍ୟ ପ୍ରତିଭୂତି | 80, 000 |



ଟିପ୍ପଣୀ

| | |
|---|---|
| ନଗଦ ଅର୍ଥ | 1,20, 000 |
| ପୂର୍ବପ୍ରଦତ୍ତ ବ୍ୟୟ | 40, 000 |
| ଦେୟ ହୁଣ୍ଡି | 80, 000 |
| ବିବିଧ ମହାଜନ | 1, 60, 000 |
| ଋଣପତ୍ର | 2, 00, 000 |
| ବକେୟା ବ୍ୟୟ | 1,60, 000 |

**ସମାଧାନ :**

ଚଳନ୍ତି ଅନୁପାତ $= \frac{\text{ଚଳନ୍ତି ପରିସମ୍ପତ୍ତିସମୂହ}}{\text{ଚଳନ୍ତି ଦାୟ ସମହୂ}}$

ଚଳନ୍ତି ପରିସମ୍ପତ୍ତି = ବିବିଧ ଖାତକ + ସମ୍ଭାର + ବିପଣନ ଯୋଗ୍ୟ ପ୍ରତିଭୂତି + ନଗଦ ଅର୍ଥ + ପୂର୍ବପ୍ରଦତ୍ତ ବ୍ୟୟ

= # (4,00, 000 + 1,60, 000 + 80,000 + 1, 20, 000 + 40,000)

= # 8, 00,000

ଚଳନ୍ତି ଦାୟ = ଦେୟ ହୁଣ୍ଡି + ବିବିଧ ମହାଜନ + ବକେୟା ବ୍ୟୟ

= # (80, 000 + 1, 60,000 + 1,60,000) = # 4, 00,000

ଚଳନ୍ତି ଅନୁପାତ $= \frac{\text{r } 8,00,000}{\text{r } 4,00,000} = 2:1$

**(ii) ଦ୍ରୁତ ଅନୁପାତ**

ଦ୍ରୁତ ଅନୁପାତକୁ 'ଏସିଡ଼ ଟେଷ୍ଟ' ବା 'ତରଳ' ଅନୁପାତ ମଧ୍ୟ କୁହାଯାଏ । ଏହା ବ୍ୟବସାୟର ଚଳନ୍ତି ଦାୟ ଶୀଘ୍ର ପୈଠ କରିବାର କ୍ଷମତାକୁ ପରୀକ୍ଷା କରିବାର ଅନ୍ୟ ଏକ ଅନୁପାତ ଅଟେ । ଏହି ଅନୁପାତ ଦ୍ରୁତ ପରିସମ୍ପତ୍ତି ଏବଂ ଚଳନ୍ତି ଦାୟ ଗୁଡ଼ିକ ମଧ୍ୟରେ ସମ୍ବନ୍ଧ ସ୍ଥାପନ କରେ । ଏହି ଅନୁପାତ ଦ୍ୱାରା ମଧ୍ୟ ବ୍ୟବସାୟର ଚଳନ୍ତି ଦାୟ ପୈଠ କରିବାର କ୍ଷମତାର ମାପ କରାଯାଏ । ଏହି ଅନୁପାତର ମୁଖ୍ୟ ଉଦ୍ଦେଶ୍ୟ ହେଲା ବ୍ୟବସାୟର ଚଳନ୍ତି ଦାୟ ପୈଠ କରିବାର ସାମର୍ଥ୍ୟକୁ ମାପିବା । ଏହି ଅନୁପାତ ବାହାର କରିବା ପାଇଁ ସମ୍ଭାର (ମହଜୁଦ୍‌ମାଲ) ଏବଂ ପୂର୍ବପ୍ରଦତ୍ତ ବ୍ୟୟକୁ ହିସାବକୁ ନିଆଯାଏ ନାହିଁ, କାରଣ ଏଗୁଡ଼ିକୁ ଅତି ସ୍ୱଳ୍ପ ଅବଧିରେ ନଗଦ ଅର୍ଥରେ ରୂପାନ୍ତରିତ କରାଯାଇ ପାରେ ନାହିଁ । ଏହି ଅନୁପାତକୁ ନିମ୍ନଲିଖିତ ମତେ ନିର୍ଣ୍ଣୟ କରାଯାଏ :

$$\text{ତରଳ ଅନୁପାତ} = \frac{\text{ତରଳ ବା ଦ୍ରୁତ ପରିସମ୍ପତ୍ତି ସମୂହ}}{\text{ଚଳନ୍ତି ଦାୟ ସମୂହ}}$$

ଯେଉଁଠାରେ, ତରଳ ପରିସମ୍ପତ୍ତି = ଚଳନ୍ତି ପରିସମ୍ପତ୍ତି – (ସମ୍ଭାର + ପୂର୍ବ ପ୍ରଦତ୍ତ ବ୍ୟୟ)

**ମହତ୍ତ୍ୱ**

ଦ୍ୱରିତ ଅନୁପାତ ହେଉଛି ଗୋଟିଏ ବ୍ୟବସାୟ ପ୍ରତିଷ୍ଠାନର ତତ୍‌କ୍ଷଣାତ୍ ଋଣ ପୈଠ କରିବାର କ୍ଷମତାର ଏକ ପରିମାପ । ଏହା ଏପରି ଏକ ପରିମାପ ଯାହାଦ୍ୱାରା ଗୋଟିଏ ବ୍ୟବସାୟ ନିକଟରେ ତା'ର ଚଳନ୍ତି ଦାୟଗୁଡ଼ିକର ତତ୍କାଳ ପରିଶୋଧ ନିମନ୍ତେ କେତେ ମାତ୍ରାରେ ତରଳ ପରିସମ୍ପତ୍ତି ମାନ ଉପଲବ୍ଧ ଅଛି ତାହା ଜଣା ପଡ଼େ । ଏକ କମ୍ପାନୀ ପାଇଁ 1 : 1 ର ଦ୍ୱରିତ ଅନୁପାତକୁ ଉତ୍ତମ / ଅନୁକୂଳ ବିବେଚନା କରାଯାଏ ।

**ଉଦାହରଣ 2**

ଉଦାହରଣ 1 ରେ ପ୍ରଦତ୍ତ ତଥ୍ୟ ଗୁଡ଼ିକରୁ ଦ୍ୱରିତ ଅନୁପାତ ହିସାବ କର ।

**ସମାଧାନ :**

ଦ୍ୱରିତ ଅନୁପାତ $= \dfrac{\text{ଦ୍ୱରିତ ପରିସମ୍ପତ୍ତି}}{\text{ଚଳନ୍ତି ଦାୟ}}$

ଦ୍ୱରିତ ପରିସମ୍ପତ୍ତି = ଚଳନ୍ତି ପରିସମ୍ପତ୍ତି – (ସମ୍ଭାର + ପୂର୍ବପ୍ରଦତ୍ତ ବ୍ୟୟ)

$= r\ 8,00,000 - r(1,60,000 + 40,000) = \#6,00,000$

ଚଳନ୍ତି ଦାୟ $= r\ 6,00,000$

ଦ୍ୱରିତ ଅନୁପାତ $= \dfrac{r\ 6,00,000}{r\ 6,00,000} = 1:1$

**ଉଦାହରଣ 3**

ନିମ୍ନ ଲିଖିତ ସୂଚନାରୁ ତରଳତା ଅନୁପାତ ଗୁଡ଼ିକ ନିର୍ଣ୍ଣୟ କର :

| | |
|---|---|
| ମୋଟ ଚଳନ୍ତି ପରିସମ୍ପତ୍ତି | r 90,000 |
| ସମ୍ଭାର (ଚଳନ୍ତି ପରିସମ୍ପତ୍ତିରେ ଅନ୍ତର୍ଭୁକ୍ତ) | r 30,000 |
| ପୂର୍ବ ପ୍ରଦତ୍ତ ବ୍ୟୟ | r 3,000 |
| ଚଳନ୍ତି ଦାୟ | r 60,000 |

**ସମାଧାନ :**

(କ) ଚଳନ୍ତି ଅନୁପାତ $= \dfrac{\text{ଚଳନ୍ତି ପରସିମ୍ପତ୍ତି}}{\text{ଚଳନ୍ତି ଦାୟ}} = \dfrac{₹90,000}{₹60,000}$

= 3.2 ଅଥବା 1.5 : 1



ଟିପ୍ପଣୀ

(ଖ) ତରଳ ଅନୁପାତ $= \dfrac{\text{ଚଳନ୍ତିପରସିମ୍ପତ୍ତି(ସମ୍ଭାର+ପୂର୍ବ ପ୍ରଦତ୍ତ ବ୍ୟୟ)}}{\text{ଚଳନ୍ତିଦାୟ}}$

$= \dfrac{\backslash\ 57,000}{\backslash\ 60,000} = 0.95 : 1.0$

**ଉଦାହରଣ 4 :**

ଏବିସିଡ଼ି ଲିଃର ଉଦ୍‌ବୃତ୍ତ ପତ୍ରରେ ଦର୍ଶାଯାଇଥିବା କେତେକ ତଥ୍ୟ ନିମ୍ନରେ ପ୍ରଦତ୍ତ ହେଲା :

| | |
|---|---|
| ଅଂଶ ପୁଞ୍ଜି | r 1,52, 000 |
| ହାତରେ ଏବଂ ବ୍ୟାଙ୍କ୍‌ରେ ଥିବା ନଗଦ ଅର୍ଥ | r 30,000 |
| ସ୍ଥାୟୀ ପରିସମ୍ପତ୍ତି | r 1,13,000 |
| ମହାଜନ | r 20,000 |
| 5% ଋଣପତ୍ର | r 24,000 |
| ଦେୟ ହୁଣ୍ଡି | r 4,000 |
| ଖାତକ | r 18,000 |
| ସମ୍ଭାର | r 52,000 |
| ସାଧାରଣ ସଞ୍ଚିତି | r 8,000 |
| ଲାଭ ଓ କ୍ଷତି ହିସାବ | r 5,000 |

ଉପରୋକ୍ତ ତଥ୍ୟରୁ (i) ଚଳନ୍ତି ଅନୁପାତ ଏବଂ (ii) ତରଳ ଅନୁପାତ ବାହାର କର ।

**ସମାଧାନ :**

(i) ଚଳନ୍ତି ଅନୁପାତ $= \dfrac{\text{ଚଳନ୍ତି ପରିସମ୍ପତ୍ତି}}{\text{ଚଳନ୍ତି ଦାୟ}}$

ଯେଉଁଠାରେ, ଚଳନ୍ତି ପରିସମ୍ପତ୍ତି = ହାତରେ ଏବଂ ବ୍ୟାଙ୍କ୍‌ରେ ଥିବା ନଗଦ ଅର୍ଥ + ଖାତକ + ସମ୍ଭାର

= r 30,000 + r 18,000 + r 52,000

= r 1,00,000

ଚଳନ୍ତି ଦାୟ = ମହାଜନ + ଦେୟ ହୁଣ୍ଡି

= r20,000 + r4,000



ଟିପ୍ପଣୀ

$= $ r 24,000

$\therefore$ ଚଳନ୍ତି ଅନୁପାତ $= \dfrac{\backslash\ 1,00,000}{\backslash\ 24,000} = 4.26:1$

(ii) ତ୍ୱରିତ ଅନୁପାତ $= \dfrac{\text{ତ୍ୱରିତ ପରିସମ୍ପତ୍ତି}}{\text{ଚଳନ୍ତି ଦାୟ}}$

ଯେଉଁଠାରେ, ତ୍ୱରିତ ପରିସମ୍ପତ୍ତି = ଚଳନ୍ତି ପରିସମ୍ପତ୍ତି – ସମ୍ଭାର

= r1,00,000 – r 52,000

= r 48,000

$\therefore$ ତ୍ୱରିତ ଅନୁପାତ $= \dfrac{\backslash\ 48,000}{\backslash\ 24,000} = 2:1$

**ଉଦାହରଣ 5**

ନିମ୍ନ ପ୍ରଦତ୍ତ ସୂଚନାରୁ ନିର୍ଣ୍ଣୟ କର ଯେ ଯଦି ମହାଜନ ମାନଙ୍କୁ ö1,000 ପୈଠ କରାଯାଏ ତେବେ ଚଳନ୍ତି ଅନୁପାତ ଉପରେ ଏହାର କ'ଣ ପ୍ରଭାବ ପଡ଼ିବ (ବୃଦ୍ଧି ହେବ, ହ୍ରାସ ହେବ, କିମ୍ବା ଅପରିବର୍ତ୍ତନୀୟ ରହିବ), ଯଦି ପୈଠ ପୂର୍ବରୁ ବଳକା ଥିଲା : ନଗଦ ଅର୍ଥ ö15, 000, ମହାଜନ ö7,500 ?

**ସମାଧାନ :**

ଚଳନ୍ତି ଅନୁପାତ $= \dfrac{\text{ଚଳନ୍ତି ପରିସମ୍ପତ୍ତି}}{\text{ଚଳନ୍ତି ଆୟ}}$

ପୈଠ ପୂର୍ବରୁ $= \dfrac{\text{ନଗଦ ଅର୍ଥ}}{\text{ମହାଜନ}} = \dfrac{\text{r } 15,000}{\text{r } 7,500} = 2:1$

ମହାଜନଙ୍କୁ r 1000 ପୈଠ ପରେ,

ଚଳନ୍ତି ଅନୁପାତ $= \dfrac{\text{ନଗଦ ଅର୍ଥ}}{\text{ମହାଜନ}} = \dfrac{\text{r } 15,000 - \text{r } 1,000}{\text{r } 7,500 - \text{r } 1,000}$

$= \dfrac{\text{r } 14,000}{\text{r } 6,500} = 2.15:1$

ତେଣୁ ଚଳନ୍ତି ଅନୁପାତ 2:1 ରୁ 2.15:1 କୁ ବୃଦ୍ଧି ହୋଇଛି ।



ଟିପ୍ପଣୀ

## ପାଠ୍ୟଗତ ପ୍ରଶ୍ନ 28.1

I. ନିମ୍ନ ପ୍ରଦତ୍ତ ତାଲିକାରୁ ଚଳନ୍ତି ପରିସମ୍ପତ୍ତି ଗୁଡ଼ିକୁ ବାଛ :

| | |
|---|---|
| ବ୍ୟାଙ୍କ୍‌ରେ ଅର୍ଥ | ଖାତକ |
| ସମ୍ଭାର | ପୂର୍ବ ପ୍ରଦତ୍ତ ବ୍ୟୟ |
| ସ୍ୱଳ୍ପମିଆଦୀ ବିନିଯୋଗ | ସୁନାମ |
| କୋଠାବାଡ଼ି | ହାତରେ ଥିବା ଅର୍ଥ |
| ଆସବାବ ପତ୍ର | ପ୍ରାପ୍ୟ ହୁଣ୍ଡି |

II. ଉପଯୁକ୍ତ ଶବ୍ଦ କିମ୍ବା ସଂଖ୍ୟା ବସାଇ ଶୂନ୍ୟ ସ୍ଥାନ ପୂରଣ କର :

(i) ଚଳନ୍ତି ଅନୁପାତ = $\frac{\text{...............}}{\text{ଚଳନ୍ତି ଦାୟ}}$

(ii) ଆଦର୍ଶ ଚଳନ୍ତି ଅନୁପାତ ...................... ଅଟେ ।

(iii) ଆଦର୍ଶ ତରଳ ଅନୁପାତ ...................... ଅଟେ ।

(iv) ତରଳ ପରିସମ୍ପତ୍ତି = ...................... − (ସମ୍ଭାର + ପୂର୍ବ ପ୍ରଦତ୍ତ ବ୍ୟୟ)

## 28.2 କ୍ରିୟାଶୀଳତା ଅଥବା ଆବର୍ତ୍ତ ଅନୁପାତ (ACTIVITY OR TURNOVER RATIOS)

କ୍ରିୟାଶୀଳତା ଅନୁପାତ ଗୁଡ଼ିକ ଦ୍ୱାରା ଏକ ବ୍ୟବସାୟ ତା'ର ସମ୍ବଳ ଗୁଡ଼ିକର କେତେ ଦକ୍ଷ ବା ଫଳପ୍ରଦ ପରିଚାଳନା କରୁଅଛି ତାହା ମପାଯାଏ । ଏହି ଅନୁପାତ ଗୁଡ଼ିକୁ ଆବର୍ତ୍ତ ଅନୁପାତ ମଧ୍ୟ କୁହାଯାଏ, କାରଣ ଏଗୁଡ଼ିକ ବ୍ୟବସାୟର ପରିସମ୍ପତ୍ତି କେତେ ବେଗରେ (କେତେ ଶୀଘ୍ର) ଆବର୍ତ୍ତମାନ ହୋଇ ବିକ୍ରୟରେ ରୂପାନ୍ତରିତ ହେଉ ଅଛି ତାହା ସୂଚାଇ ଥାଏ । ଏହି ଅନୁପାତ ଗୁଡ଼ିକୁ 'ଏତେ ଗୁଣ'(ଥର)ରେ ପ୍ରକାଶ କରାଯାଏ ଏବଂ ଏହା ସବୁବେଳେ ଏକରୁ ଅଧିକ ହେବା ଉଚିତ । କେତେକ ଗୁରୁତ୍ୱ ପୂର୍ଣ୍ଣ କ୍ରିୟାଶୀଳତା ଅନୁପାତ ଗୁଡ଼ିକ ହେଲା :

(i) ସମ୍ଭାର ଆବର୍ତ୍ତ ଅନୁପାତ (Stock turnover ratio)

(ii) ଖାତକ ଆବର୍ତ୍ତ ଅନୁପାତ (Debtors turnover ratio)

(iii) ମହାଜନ ଆବର୍ତ୍ତ ଅନୁପାତ (Creditors turnover ratio)

(iv) କାର୍ଯ୍ୟକାରୀ ପୁଞ୍ଜି ଆବର୍ତ୍ତ ଅନୁପାତ (Working capital turnover ratio)

**(i) ସମ୍ଭାର ଆବର୍ତ୍ତ ଅନୁପାତ**

ସମ୍ଭାର ଆବର୍ତ୍ତ ଅନୁପାତ ହେଉଛି ବିକ୍ରୀ ହୋଇଥିବା ମାଲର ପରିବ୍ୟୟ ଏବଂ ହାରାହାରି ସମ୍ଭାର ବା ମହଜୁଦ ସାମଗ୍ରୀର ମୂଲ୍ୟ ମଧ୍ୟରେ ଥିବା ଅନୁପାତ । ପ୍ରତ୍ୟେକ ବ୍ୟବସାୟ ପାଇଁ ଏକ ନିର୍ଦ୍ଦିଷ୍ଟ ସ୍ତର / ପରିମାଣର ଉତ୍ପାଦିତ ଦ୍ରବ୍ୟ ମହଜୁଦ କରି ରଖିବାକୁ ପଡ଼େ । କିନ୍ତୁ ମହଜୁଦ ସାମଗ୍ରୀର ଏହି ସ୍ତର ଅତି

ଅଧିକ ବା ଅତି କମ୍ ହେବା ଅନୁଚିତ । ଏହା ଏକ ବ୍ୟବସାୟ କେତେ ଦକ୍ଷତାର ସହିତ ତା'ର ମହଜୁଦ ସାମଗ୍ରୀର ପରିଚାଳନା କରୁଅଛି ତା'ର ମୂଲ୍ୟାୟନ କରିଥାଏ । ଏହି ଅନୁପାତ ବିକ୍ରୀ ହୋଇଥିବା ମାଲ୍‌ର ପରିବ୍ୟୟ ଏବଂ ହାରାହାରି ସମ୍ଭାର ମଧ୍ୟରେ ସମ୍ବନ୍ଧ ସ୍ଥାପନ କରିଥାଏ ।

$$\text{ସମ୍ଭାର ଆବର୍ତ୍ତ ଅନୁପାତ} = \frac{\text{ବିକ୍ରୀ ହୋଇଥିବା ମାଲ୍‌ର ପରିବ୍ୟୟ}}{\text{ହାରାହାରି ସମ୍ଭାର}}$$

ବିକ୍ରୀ ହୋଇଥିବା ମାଲ୍‌ର ପରିବ୍ୟୟ = ଆଦ୍ୟ ସମ୍ଭାର + କ୍ରୟ + ପ୍ରତ୍ୟକ୍ଷ ବ୍ୟୟ − ଅନ୍ତିମ ସମ୍ଭାର

କିମ୍ବା, ବିକ୍ରୀ ହୋଇଥିବା ମାଲ୍‌ର ପରିବ୍ୟୟ = ବିକ୍ରୟ − ସ୍ଥୁଳ ଲାଭ

$$\text{ହାରାହାରି ସମ୍ଭାର} = \frac{\text{ଆଦ୍ୟ ସମ୍ଭାର + ଅନ୍ତିମ ସମ୍ଭାର}}{2}$$

(i) ଯଦି ବିକ୍ରୀ ହୋଇଥିବା ମାଲ୍‌ର ପରିବ୍ୟୟ ଦିଆ ଯାଇ ନଥାଏ, ତେବେ ଏହି ଅନୁପାତ 'ବିକ୍ରୟ'ରୁ ହିସାବ କରାଯାଏ ।

(ii) ଯଦି କେବଳ ଅନ୍ତିମ ସମ୍ଭାର ପ୍ରଦତ୍ତ ଥାଏ, ତେବେ ତାହାକୁ ହାରାହାରି ସମ୍ଭାର ରୂପେ ଧରି ନିଆଯାଏ ।

**ମହଜୁଦ / ସମ୍ଭାର ପରିବର୍ତ୍ତନ ଅବଧି**

ମହଜୁଦ୍ ମାଲର ବିକ୍ରୀ ହେବା ନିମନ୍ତେ ହାରାହାରି କେତେ ସମୟ ଲାଗୁଛି ତାହା ଜାଣିବାରେ ମଧ୍ୟ ଆଗ୍ରହ ଜନ୍ମିପାରେ । ଏହା ସମ୍ଭାର ପରିବର୍ତ୍ତନ ଅବଧି ନିର୍ଣ୍ଣୟ କରିବା ଦ୍ୱାରା ସମ୍ଭବ ହୋଇପାରେ । ଏହି ଅବଧି ବର୍ଷର ଦିନ ସଂଖ୍ୟାକୁ ସମ୍ଭାର ଆବର୍ତ୍ତ ଅନୁପାତ ଦ୍ୱାରା ଭାଗ କରି ନିର୍ଣ୍ଣୟ କରାଯାଏ ।

$$\text{ସମ୍ଭାର ପରିବର୍ତ୍ତନ ଅବଧି} = \frac{\text{ବର୍ଷର ଦିନ ସଂଖ୍ୟା}}{\text{ସମ୍ଭାର ଆବର୍ତ୍ତ ଅନୁପାତ (ଗୁଣ / କେତେଥର)}}$$

**ମହତ୍ତ୍ୱ**

ଏହି ଅନୁପାତ ଦ୍ୱାରା ମହଜୁଦ ମାଲ୍ ବା ସମ୍ଭାର ବର୍ଷ ମଧ୍ୟରେ ହାରାହାରି କେତେ ଥର ବିକ୍ରୀ ହୋଇଥାଏ, ତାହା ସ୍ପଷ୍ଟ କରିଥାଏ । ଉଚ୍ଚ ଅନୁପାତ ସମ୍ଭାର ପରିଚାଳନାରେ ପାରଙ୍ଗମତା (ଦକ୍ଷତା)କୁ ସୂଚାଉଥିବା ବେଳେ ନିମ୍ନ ଅନୁପାତ ଏଥିରେ ଅପାରଗତାକୁ ସୂଚାଇଥାଏ ।

**ଉଦାହରଣ 6**

ନିମ୍ନ ଲିଖିତ ସୂଚନାରୁ ସମ୍ଭାର ଆବର୍ତ୍ତ ଅନୁପାତ ହିସାବ କର:

| | |
|---|---|
| ପ୍ରାରମ୍ଭିକ ସମ୍ଭାର | # 45, 000 |
| ଅନ୍ତିମ ସମ୍ଭାର | # 55, 000 |
| କ୍ରୟ | # 1,60, 000 |





**ସମାଧାନ :**

ସମ୍ଭାର ଆବର୍ତ୍ତ ଅନୁପାତ = (ବିକ୍ରୀ ହୋଇଥିବା ମାଲ୍‌ର ପରିବ୍ୟୟ) / (ହାରାହାରି ସମ୍ଭାର)

ହାରାହାରି ସମ୍ଭାର = (ପ୍ରାରମ୍ଭିକ ସମ୍ଭାର + ଅନ୍ତିମ ସମ୍ଭାର) / 2

ହାରାହାରି ସମ୍ଭାର = \ (45,000 + 55,000) / 2

= # 50,000

ବିକ୍ରୀ ହୋଇଥିବା ମାଲ୍‌ର ପରିବ୍ୟୟ = ପ୍ରାରମ୍ଭିକ ସମ୍ଭାର + କ୍ରୟ – ଅନ୍ତିମ ସମ୍ଭାର

= r 45,000 + r 1,60,000 – r 55,000

= r 1,50,000

ସମ୍ଭାର ଆବର୍ତ୍ତ ଅନୁପାତ = \ 1,50,000 / \ 50,000 = 3 ଥର / ଗୁଣ

**ଉଦାହରଣ 7**

| | |
|---|---|
| ଆଦ୍ୟ ସମ୍ଭାର | r 19,000 |
| ଅନ୍ତିମ ସମ୍ଭାର | r 21,000 |
| ବିକ୍ରୟ | r 2,00,000 |

ସ୍ଥୂଳ ଲାଭ ବିକ୍ରୟର 25% ଅଟେ । ସମ୍ଭାର ଆବର୍ତ୍ତ ଅନୁପାତ ହିସାବ କର ।

**ସମାଧାନ :**

ବିକ୍ରୀ ହୋଇଥିବା ମାଲ୍‌ର ପରିବ୍ୟୟ = ବିକ୍ରୟ – ସ୍ଥୂଳ ଲାଭ

= r 2,00,000 – r 2,00,000 ର 25%

= r (2,00,000 – 50,000)

= r 1,50,000

ହାରାହାରି ସମ୍ଭାର = (ଆଦ୍ୟ ସମ୍ଭାର + ଅନ୍ତିମ ସମ୍ଭାର) / 2 = r (19,000 + 21,000) / 2

= r 20,000

ସମ୍ଭାର ଆବର୍ତ୍ତଅନୁପାତ = (ବିକ୍ରି ହୋଇଥିବା ମାଲର୍ ପରିବ୍ୟୟ) / (ହାରାହାରି ସମ୍ଭାର) = \ 1,50,000 / \ 20,000

= 7.5 ଥର





**ଉଦାହରଣ 8**

| | |
|---|---|
| ବାର୍ଷିକ ବିକ୍ରୟ | r4,00,000 |
| ସ୍ଥୁଳ ଲାଭ | ବିକ୍ରୟ ଉପରେ 20% |
| ଆଦ୍ୟ ସମ୍ଭାର | r 38,500 |
| ଅନ୍ତିମ ସମ୍ଭାର | r 41,500 |

2006 ପାଇଁ ସମ୍ଭାର ଆବର୍ତ୍ତ ଅନୁପାତ ଏବଂ ସମ୍ଭାର ପରିବର୍ତ୍ତନ ଅବଧି ନିର୍ଣ୍ଣୟ କର । ବର୍ଷରେ 360 ଦିନ ଧର ।

**ସମାଧାନ :**

ସମ୍ଭାର ଆବର୍ତ୍ତ ଅନୁପାତ $= \dfrac{\text{ବିକ୍ରୀ ହୋଇଥିବା ମାଲ୍‌ର ପରିବ୍ୟୟ}}{\text{ହାରାହାରି ସମ୍ଭାର}}$

ବିକ୍ରୀ ହୋଇଥିବା ମାଲ୍‌ର ପରିବ୍ୟୟ = ବିକ୍ରୟ – ସ୍ଥୁଳ ଲାଭ

= r 4,00,000 – (r 4,00,000 ଉପରେ 20%)

= r 4,00,000 – r 80,000

= r 3,20,000

ହାରାହାରି ସମ୍ଭାର $= \dfrac{\text{ଆଦ୍ୟ ସମ୍ଭାର + ଅନ୍ତିମ ସମ୍ଭାର}}{2}$

$= \dfrac{\backslash\,(38,500+41,500)}{2} = \dfrac{\backslash\,80,000}{2}$

= r 40,000

ସମ୍ଭାର ଆବର୍ତ୍ତ ଅନୁପାତ $= \dfrac{\backslash\,3,20,000}{\backslash\,40,000}$

= 8 ଥର

ସମ୍ଭାର ପରିବର୍ତ୍ତନ ଅବଧି $= \dfrac{\text{ବର୍ଷରେ ଦିନ ସଂଖ୍ୟା}}{\text{ସମ୍ଭାର ଆବର୍ତ୍ତ ଅନୁପାତ (ଥରରେ)}}$

$= \dfrac{360}{8} = 45$ ଦିନ





**ଉଦାହରଣ 9**

ନିମ୍ନ ଲିଖିତ ସୂଚନାରୁ ଆଦ୍ୟ ସମ୍ଭାର ଓ ଅନ୍ତିମ ସମ୍ଭାର ବାହାର କର :

ବର୍ଷ ମଧ୍ୟରେ ବିକ୍ରୟ = r 2,00,000

ବିକ୍ରୟ ଉପରେ ସ୍ଥୁଳ ଲାଭ = 50%

ସମ୍ଭାର ଆବର୍ତ୍ତ ଅନୁପାତ = 4 ଥର

ଯଦି ଅନ୍ତିମ ସମ୍ଭାର ଆଦ୍ୟ ସମ୍ଭାରଠାରୁ r 10,000 ଅଧିକ ଥାଏ ତେବେ ଆଦ୍ୟ ସମ୍ଭାର ଓ ଅନ୍ତିମ ସମ୍ଭାରର ରାଶି (ପରିମାଣ) କେତେ ହେବ ?

**ସମାଧାନ :**

ବିକ୍ରୟ = # 2,00,000 (ଦତ୍ତ)

ବିକ୍ରୟ ଉପରେ ସ୍ଥୁଳ ଲାଭ = 50% (ଦତ୍ତ)

ସ୍ଥୁଳ ଲାଭ $= ₹\ 2,00,000 \ ´ \ \frac{50}{100} = ₹\ 1,00,000$

ବିକ୍ରୀ ହୋଇଥିବା ମାଲ୍‌ର ପରିବ୍ୟୟ = ବିକ୍ରୟ – ସ୍ଥୁଳ ଲାଭ

= ₹ 2,00,000 – ₹ 1,00,000

= ₹ 1,00,000

ସମ୍ଭାର ଆବର୍ତ୍ତ ଅନୁପାତ $= \dfrac{\text{ବକ୍ରି ହୋଇଥିବା ମାଲ୍‌ର ପରିବ୍ୟୟ}}{\text{ହାରାହାରିସମ୍ଭାର}}$

$4 = \dfrac{r\ 1,00,000}{\text{ହାରାହାରି ସମ୍ଭାର}}$

∴ ବଜ୍ର ଗୁଣନ ଦ୍ୱାରା

ହାରାହାରି ସମ୍ଭାର $= ´\ \dfrac{r\ 1,00,000}{4} = r\ 25,000$

ହାରାହାରି ସମ୍ଭାର $= \dfrac{\text{ଆଦ୍ୟ ସମ୍ଭାର} + \text{ଅନ୍ତିମ ସମ୍ଭାର}}{2}$

ମନେକର, ଆଦ୍ୟ ସମ୍ଭାର x ଅଟେ

ଅନ୍ତିମ ସମ୍ଭାର = x + 10,000

ହାରାହାରି ସମ୍ଭାର $= \dfrac{x + x + 10,000}{2} = r\ 25,000$(ଦତ୍ତ)

କିମ୍ବା, x + x + 10,000 = 50,000

କିମ୍ବା, 2x = 50,000 – 10,000

କିମ୍ବା, 2x = 40,000

କିମ୍ବା, x = 20,000

ତେଣୁ ଆଦ୍ୟ ସମ୍ଭାର = r 20,000

ଅନ୍ତିମ ସମ୍ଭାର = r = 20,000 + r 10,000

= r 30,000

## ପାଠ୍ୟଗତ ପ୍ରଶ୍ନ 28.2

ଉପଯୁକ୍ତ ଶବ୍ଦ / ଶବ୍ଦାବଳୀ ଦ୍ୱାରା ଶୂନ୍ୟସ୍ଥାନ ପୂରଣ କର :

(i) ସମ୍ଭାର ଆବର୍ତ୍ତ ଅନୁପାତ ............... ବିଭକ୍ତ ହାରାହାରି ସମ୍ଭାର ଅଟେ ।

(ii) ହାରାହାରି ସମ୍ଭାର $\dfrac{\text{ଆଦ୍ୟ (ପ୍ରାରମ୍ଭିକ) ସମ୍ଭାର + ............}}{2}$

(iii) ସମ୍ଭାର ଆବର୍ତ୍ତ ଅନୁପାତ = $\dfrac{10,000}{?}$ = 5 ଥର

(iv) ସମ୍ଭାର ଆବର୍ତ୍ତ ଅନୁପାତ = $\dfrac{30,000}{10,000}$ =

(v) ................ = $\dfrac{\text{ବର୍ଷରେ ଦିନ ସଂଖ୍ୟା}}{\text{ସମ୍ଭାର ଆବର୍ତ୍ତ ଅନୁପାତ}}$

## 28. 3 କ୍ରିୟାଶୀଳତା ଅଥବା ଆବର୍ତ୍ତ ଅନୁପାତ

**ଖାତକ ଆବର୍ତ୍ତ ଅନୁପାତ (Debtors Turnover ratio)**

ଏହି ଅନୁପାତ ନିଟ୍ ଉଧାର ବିକ୍ରୟ ଏବଂ ହାରାହାରି ହିସାବ ପ୍ରାପ୍ୟ (ଅର୍ଥାତ୍ ହାରାହାରି ବ୍ୟାପାରିକ ଖାତକ ତଥା ପ୍ରାପ୍ୟ ହୁଣ୍ଡି) ମଧ୍ୟରେ ଏକ ସମ୍ବନ୍ଧ ସ୍ଥାପନ କରେ । ଏହି ଅନୁପାତ ବାହାର କରିବାର ଉଦ୍ଦେଶ୍ୟ ହେଲା ବ୍ୟାପାରିକ ଖାତକ ଗୁଡ଼ିକର ପରିଚାଳନା କେତେ ଦକ୍ଷତାର ସହିତ କରାଯାଉଛି ତାହା ସ୍ଥିର କରିବା । ଏହି ଅନୁପାତକୁ ନିଟ୍ ବିକ୍ରୟ ଏବଂ ହାରାହାରି ପ୍ରାପ୍ୟ ସମୂହ ମଧ୍ୟରେ ଅନୁପାତ ବୋଲି ମଧ୍ୟ କୁହାଯାଏ । ଏହି ଅନୁପାତ ନିମ୍ନ ମତେ ହିସାବ କରାଯାଏ —

$$\text{ଖାତକ ଆବର୍ତ୍ତ ଅନୁପାତ} = \frac{\text{ନିଟ୍ ବାର୍ଷିକ ଉଧାର ବିକ୍ରୟ}}{\text{ହାରାହାରି ଖାତକ}}$$





ଯଦି ନିଟ୍ ଉଧାର ବିକ୍ରୟର ପରିମାଣ (ରାଶି) ଉପଲବ୍ଧ ନ ଥାଏ, ତେବେ ମୋଟ ବିକ୍ରୟକୁ ଉଧାର ରୂପେ ଧରି ନେଇ ଉପରୋକ୍ତ ଅନୁପାତ ହିସାବ କରାଯାଏ ।

$$\text{ହାରାହାରି ଖାତକ} = \frac{\text{ଆଦ୍ୟ ଖାତକ} + \text{ଅନ୍ତିମ ଖାତକ}}{2}$$

**ଟିପ୍ପଣୀ:** ଯଦି ଆଦ୍ୟ ଖାତକ ଉପଲବ୍ଧ ନାହିଁ, ତେବେ ଅନ୍ତିମ ଖାତକ ଏବଂ ପ୍ରାପ୍ୟ ହୁଣ୍ଡି ସମୂହକୁ ହାରାହାରି ଖାତକ ରୂପେ ଧରାଯାଏ ।

**ଋଣ ସଂଗ୍ରହ ଅବଧି (Debt Collection Period)**

ଏହି ଅବଧି ସେହି ହାରାହାରି ଅବଧିକୁ ବୁଝାଇଥାଏ ଯେଉଁ ଅବଧି ପାଇଁ ଉଧାର ବିକ୍ରୟର ରାଶି ଆଦାୟ ନ ହୋଇ (ଅର୍ଥାତ୍, ଖାତକଙ୍କ ଦ୍ୱାରା ଅଦତ୍ତ ହୋଇ) ରହିଥାଏ ଏବଂ ଏହା ଖାତକଙ୍କର ଗୁଣ (ପ୍ରବୃତ୍ତି)ର ପରିମାପକ ଅଟେ । ଖାତକଙ୍କର ଗୁଣ କହିଲେ ଅନୁମୋଦିତ ଉଧାର ଅବଧି ମଧ୍ୟରେ ଖାତକଙ୍କ ଦ୍ୱାରା ଋଣ ରାଶିର ପୈଠ କରିବାକୁ ବୁଝାଏ । ଏହା ଖାତକଙ୍କଠାରୁ କେତେ ଶୀଘ୍ର ଟଙ୍କା ଆଦାୟ ହେଉଅଛି ତାହା ସୂଚାଇ ଥାଏ । ଏହି ଅବଧି ନିମ୍ନ ମତେ ହିସାବ କରାଯାଏ :

କିମ୍ବା

$$\text{ଋଣ ସଂଗ୍ରହ ଅବଧି} = \frac{\text{ହାରାହାରି ବ୍ୟାପାରିକ ଖାତକ}}{\text{ହାରାହାରି ନିଟ୍ ଉଧାର ବିକ୍ରୀ}} \times \text{12 ମାସ ବା 52 ସପ୍ତାହ ବା 365 ଦିନ}$$

$$= \frac{\text{12 ମାସ / 52 ସପ୍ତାହ / 365 ଦିନ}}{\text{ଖାତକ ଆବର୍ତ୍ତ ଅନୁପାତ}}$$

**ଟିପ୍ପଣୀ :** $\text{ହାରାହାରି ଦୈନିକ ଉଧାର ବିକ୍ରୟ} = \frac{\text{ନିଟ୍ ବାର୍ଷିକ ଉଧାର ବିକ୍ରୀ}}{\text{ବର୍ଷର ଦିନ ସଂଖ୍ୟା}}$

**ମହତ୍ତ୍ୱ**

ଖାତକ ଆବର୍ତ୍ତ ଅନୁପାତ ଗୋଟିଏ କମ୍ପାନୀ କେତେ ଚଞ୍ଚଳ ତା'ର ଋଣ ଆଦାୟ କରୁଅଛି ତା'ର ଏକ ସୂଚକ ଅଟେ । ଏହି ଅନୁପାତ ଯେତେ ଅଧିକ ହେବ ସେତେ ଭଲ, କାରଣ ଏହା ଋଣ ସଅଳ (ଶୀଘ୍ର) ଆଦାୟ ହେଉ ଥିବାର ସୂଚନା ଦିଏ । ସାଧାରଣ ଭାବରେ କହିବାକୁ ଗଲେ, ଉଚ୍ଚ ଅନୁପାତ କ୍ଷୁଦ୍ର ସଂଗ୍ରହ ଅବଧି ଅର୍ଥାତ୍ ଖାତକଙ୍କ ଦ୍ୱାରା ଶୀଘ୍ର ପୈଠ କରା ଯାଉଥିବାର ସୂଚନା ପ୍ରଦାନ କରେ ଏବଂ ନିମ୍ନ ଅନୁପାତରୁ ଦୀର୍ଘ ସଂଗ୍ରହ ଅବଧି ଅର୍ଥାତ୍ ଖାତକଙ୍କଠାରୁ ବିଳମ୍ବିତ ପୈଠ ପ୍ରାପ୍ତି ହେଉଥିବାର ସୂଚନା ମିଳେ ।

**ଉଦାହରଣ 10**

31 ମାର୍ଚ୍ଚ 2006 ରେ ଶେଷ ହୋଇଥିବା ଗୋଟିଏ ବର୍ଷ ପାଇଁ ପ୍ରଦତ୍ତ ନିମ୍ନ ସୂଚନା ଗୁଡ଼ିକରୁ (କ) ଖାତକ ଆବର୍ତ୍ତ, ଏବଂ (ଖ) ହାରାହାରି ସଂଗ୍ରହ ଅବଧି ବାହାର କର ।







| | 31 ମାର୍ଚ୍ଚ 2006 |
|---|---|
| ବାର୍ଷିକ ଉଧାର ବିକ୍ରୟ | 5, 00, 000 |
| ବର୍ଷ ଆରମ୍ଭରେ ଖାତକ | 80, 000 |
| ବର୍ଷ ଶେଷରେ ଖାତକ | 1, 00, 000 |
| ବର୍ଷ ପାଇଁ ଦିନ ସଂଖ୍ୟା ଧରାଯିବ | 360 ଦିନ |

**ସମାଧାନ :**

$$\text{ହାରାହାରି ଖାତକ} = \frac{\text{ପ୍ରାରମ୍ଭିକ ଖାତକ} + \text{ଅନ୍ତିମ ଖାତକ}}{2}$$

$$\text{ଖାତକ ଆବର୍ତ୍ତ} = \frac{\text{ବାର୍ଷିକ ନିଟ୍ ଉଧାର ବିକ୍ରୟ}}{\text{ହାରାହାରି ଖାତକ}}$$

$$\text{ହାରାହାରି ଖାତକ} = \frac{80,000 + 1,00,000}{2} = \backslash\ 90,000$$

(କ) ଖାତକ ଆବର୍ତ୍ତ ଅନୁପାତ $= \frac{5,00,000}{90,000} = 5.56$ ଥର

(ଖ) ହାରାହାରି ସଂଗ୍ରହ ଅବଧି $= \frac{\text{କାର୍ଯ୍ୟ ଦିବସ ସଂଖ୍ୟା}}{\text{ଖାତକ ଆବର୍ତ୍ତ}}$

$$= \frac{360}{5.56} = 64.7 \text{ ଦିନ}$$

= 65 ଦିନ (ଆସନ୍ନ ମାନ)

**ମହାଜନ ଆବର୍ତ୍ତ ଅନୁପାତ (Creditors Turnover Ratio)**

ଏହା ନିଟ୍ ଉଧାର କ୍ରୟ ଏବଂ ହାରାହାରି ହିସାବ ଦେୟ (ଅର୍ଥାତ୍, ମହାଜନ ଏବଂ ଦେୟ ହୁଣ୍ଡି) ମଧ୍ୟରେ ଏକ ଅନୁପାତ ଅଟେ । ବ୍ୟବସାୟର ପ୍ରଚାଳନ (କାରବାର) ଅବସରରେ ଗୋଟିଏ ବ୍ୟବସାୟକୁ ଉଧାର କ୍ରୟ କରିବାକୁ ପଡ଼ିଥାଏ । ଅତଃ, ମାଲ୍ର ଯୋଗାଣକାରୀ ଜାଣିବାକୁ ଚାହିଁବେ ଯେ ବ୍ୟବସାୟ ବ୍ୟାପାରିକ ମହାଜନଙ୍କର ଦେୟ ପରିଶୋଧ କରିବା ପାଇଁ ପ୍ରାୟତଃ କେତେ ସମୟ ନେବ । ଏହି ଅନୁପାତ ଏହା ଜାଣିବାରେ ସହାୟକ ହୋଇଥାଏ କି ବ୍ୟବସାୟ ନିଜର ବ୍ୟାପାରିକ ମହାଜନଙ୍କୁ ପୈଠ କରିବା ପାଇଁ ଠିକ୍ କେତେ ସମୟ ନେବ । ଏହି ଅନୁପାତ ଉଧାର କ୍ରୟ ଏବଂ ହାରାହାରି ବ୍ୟାପାରିକ ମହାଜନ ତଥା ଦେୟ ହୁଣ୍ଡି ମଧ୍ୟରେ ସମ୍ବନ୍ଧ ସ୍ଥାପନ କରେ ଏବଂ ଏହା ନିମ୍ନ ପ୍ରକାରେ ହିସାବ କରାଯାଏ :





$$\text{ମହାଜନ ଆବର୍ତ୍ତ ଅନୁପାତ} = \frac{\text{ନିଟ୍ ଉଧାର କ୍ରୟ}}{\text{ହାରାହାରି ବ୍ୟାପାରିକ ମହାଜନ ଏବଂ / କିମ୍ବା ହାରାହାରି ଦେୟ ହୁଣ୍ଡି}}$$

$$\text{ହାରାହାରି ମହାଜନ} = \frac{\text{ପ୍ରାରମ୍ଭିକ ମହାଜନ} + \text{ଅନ୍ତିମ ମହାଜନ}}{2}$$

$$= \frac{\text{ପ୍ରାରମ୍ଭିକ ମହାଜନ} + \text{ପ୍ରାରମ୍ଭିକ ଦେୟ ହୁଣ୍ଡି} + \text{ଅନ୍ତିମ ମହାଜନ} + \text{ଅନ୍ତିମ ଦେୟ ହୁଣ୍ଡି}}{2}$$

**ମହତ୍ତ୍ୱ**

ମହାଜନ ଆବର୍ତ୍ତ ଅନୁପାତ ମାଲ୍‌ର ଯୋଗାଣକାରୀଙ୍କ ଦ୍ୱାର ପ୍ରଦତ୍ତ ଉଧାର କ୍ରୟ ପ୍ରସ୍ତାବର ଲାଭ ପ୍ରାପ୍ତ କରିବାର ଦକ୍ଷତାକୁ ଜାଣିବାରେ ସହାୟତା କରିଥାଏ । ଉଚ୍ଚ ଅନୁପାତ ସ୍ୱଳ୍ପ ପୈଠ ଅବଧିକୁ ସୂଚାଉଥିବା ବେଳେ ନିମ୍ନ ଅନୁପାତ ଦୀର୍ଘ ପୈଠ ଅବଧିକୁ ସୂଚାଇଥାଏ ।

**ଋଣ ପୈଠ ଅବଧି ( Debt payment period)**

ଏହି ଅବଧି ସେହି ହାରାହାରି ଅବଧିକୁ ଦର୍ଶାଇ ଥାଏ ଯେଉଁ ଅବଧି ମଧ୍ୟରେ ଉଧାର କ୍ରୟ ବାବଦ ପୈଠ ନ ହୋଇ (ଅର୍ଥାତ୍ ଅଦତ୍ତ ହୋଇ) ରହିଥାଏ କିମ୍ବା ଯାହା ବାସ୍ତବରେ ଉପଲବ୍ଧ କରା ଯାଇଥିବା ହାରାହାରି ଋଣ ଅବଧି ଅଟେ ।

$$\text{ଋଣ ପୈଠ ଅବଧି} = \frac{\text{ହାରା ହାରି ବ୍ୟାପାରିକ ମହାଜନ}}{\text{ଦୈନିକ ହାରାହାରି ନିଟ୍ ଉଧାର କ୍ରୟ}}$$

$$\text{କିମ୍ବା} \quad = \frac{12 \text{ ମାସ ବା } 52 \text{ ସପ୍ତାହ ବା } 365 \text{ ଦିନ}}{\text{ମହାଜନ ଆବର୍ତ୍ତ ଅନୁପାତ}}$$

**ଟିପ୍ପଣୀ :** $\text{ବର୍ଷରେ ଦୈନିକ ହାରାହାରି ନିଟ୍ ଉଧାର କ୍ରୟ} = \frac{\text{ବର୍ଷ ମଧ୍ୟରେ ନିଟ୍ ଉଧାର କ୍ରୟ}}{\text{ବର୍ଷରେ କାର୍ଯ୍ୟ ଦିବସ ସଂଖ୍ୟା}}$

**ଉଦାହରଣ 11**

ନିମ୍ନ ଲିଖିତ ସୂଚନାରୁ ମହାଜନ ଆବର୍ତ୍ତ ଅନୁପାତ ଏବଂ ଋଣ ପୈଠ ଅବଧି ହିସାବ କର :

| | | | |
|---|---|---|---|
| ନଗଦ କ୍ରୟ | 1,00,000 | ମୋଟ କ୍ରୟ | 4,07,000 |
| ପ୍ରାରମ୍ଭିକ ବିବିଧ ମହାଜନ | 25,000 | ଅନ୍ତିମ ବିବିଧ ମହାଜନ | 50, 000 |
| ଅନ୍ତିମ ଦେୟ ହୁଣ୍ଡି | 25, 000 | ପ୍ରାରମ୍ଭିକ ଦେୟହୁଣ୍ଡି | 20, 000 |
| କ୍ରୟ ଫେରସ୍ତ | 7, 000 | | |







**ସମାଧାନ :**

ମହାଜନ ଆବର୍ତ୍ତ ଅନୁପାତ = $\frac{\text{ନିଟ୍ ଉଧାର କ୍ରୟ}}{\text{ହାରାହାରି ବ୍ୟାପାରିକ ମହାଜନ}}$

ନିଟ୍ କ୍ରୟ = ମୋଟ କ୍ରୟ – କ୍ରୟ ଫେରସ୍ତ

= r 4,07,000 – r 7,000 = r 4,00,000

ନିଟ୍ ଉଧାର କ୍ରୟ = ନିଟ୍ କ୍ରୟ – ନଗଦ କ୍ରୟ

= r 4,00,000 – r 1,00,000

= r 3,00,000

ହାରାହାରି ମହାଜନ = $\frac{\text{ପ୍ରାରମ୍ଭିକ ମହାଜନ + ପ୍ରାରମ୍ଭିକ ଦେୟ ହୁଣ୍ଡି + ଅନ୍ତିମ ମହାଜନ + ଅନ୍ତିମ ଦେୟ ହୁଣ୍ଡି}}{2}$

= $\frac{\text{r } 25,000 + \text{r } 20,000 + \text{r } 50,000 + \text{r } 25,000}{2}$

= $\frac{\text{r } 1,20,000}{2} = \text{r } 60,000$

ମହାଜନ ଆବର୍ତ୍ତ ଅନୁପାତ = $\frac{\text{r } 3,00,000}{\text{r } 60,000} = 5$ ଥର

ଋଣ ପୈଠ ଅବଧି = $\frac{365}{\text{ମହାଜନ ଆବର୍ତ୍ତ ଅନୁପାତ}}$

= $\frac{365}{5} = 73$ ଦିନ

**ଉଦାହରଣ 12**

ମହାଜନ ଆବର୍ତ୍ତ ଅନୁପାତ ଏବଂ ଦେୟଗୁଡ଼ିକର ହାରାହାରି ଆୟୁକାଳ ହିସାବ କର :

| | |
|---|---|
| ବର୍ଷର ମଧ୍ୟରେ ଉଧାର କ୍ରୟ | r 14,40,000 |
| ଅନ୍ତିମ ମହାଜନ | r 1,44,000 |
| ଅନ୍ତିମ ଦେୟ ହୁଣ୍ଡି | r 96,000 |





**ସମାଧାନ :**

$$\text{ମହାଜନ ଆବର୍ତ୍ତ ଅନୁପାତ} = \frac{\text{ନିଟ୍ ଉଧାର କ୍ରୟ}}{\text{ହାରାହାରି ହିସାବ ଦେୟ (ପୈଠ) ସମୂହ}}$$

$$= \frac{\text{r } 14,40,000}{\text{r } 144,000 + \text{r } 96,000}$$

$$= \frac{\text{r } 14,40,000}{\text{r } 2,40,000} = 6 \text{ ଥର}$$

$$\text{ଦେୟ ଗୁଡ଼ିକର ହାରାହାରି ଆୟୁ} = \frac{\text{ବର୍ଷରେ ମାସ ସଂଖ୍ୟା}}{\text{ମହାଜନ ଆବର୍ତ୍ତ ଅନୁପାତ}} = \frac{12}{6}$$

$$= 2 \text{ ମାସ}$$

**ଟିପ୍ପଣୀ :** ଯଦି ପ୍ରାରମ୍ଭିକ ମହାଜନ ଏବଂ ପ୍ରାରମ୍ଭିକ ଦେୟ ହୁଣ୍ଡି ଦିଆଯାଇ ନ ଥାଏ ତେବେ ଅନ୍ତିମ ମହାଜନ ଏବଂ ଅନ୍ତିମ ଦେୟ ହୁଣ୍ଡିକୁ ହାରାହାରି ହିସାବ ଦେୟ ବୋଲି ଧରି ନିଆଯାଏ ।

**କାର୍ଯ୍ୟକାରୀ ପୁଞ୍ଜି ଆବର୍ତ୍ତ ଅନୁପାତ (Working capital Turnover Ratio)**

ଏକ ବ୍ୟବସାୟର କାର୍ଯ୍ୟକାରୀ ପୁଞ୍ଜି ପ୍ରତ୍ୟକ୍ଷ ଭାବେ ବିକ୍ରୟ ସହିତ ସମ୍ବନ୍ଧିତ ହୋଇ ଥାଏ । ତେଣୁ ବିକ୍ରୟରେ ବୃଦ୍ଧି କିମ୍ବା ହ୍ରାସ ହେବା ସହିତ ଚଳନ୍ତି ପରିସମ୍ପତ୍ତି ଯଥା ଖାତକ, ପ୍ରାପ୍ୟ ହୁଣ୍ଡି, ନଗଦ ଅର୍ଥ, ସମ୍ଭାର ଇତ୍ୟାଦିରେ ପରିବର୍ତ୍ତନ ହୋଇଥାଏ ।

| |
|---|
| କାର୍ଯ୍ୟକାରୀ ପୁଞ୍ଜି = ଚଳନ୍ତି ପରିସମ୍ପତ୍ତି - ଚଳନ୍ତି ଦାୟ |

କାର୍ଯ୍ୟକାରୀ ପୁଞ୍ଜି ଆବର୍ତ୍ତ ଅନୁପାତ ବ୍ୟାବସାୟିକ ସଂଚାଳନ ପାଇଁ କେତେ ବେଗରେ କାର୍ଯ୍ୟକାରୀ ପୁଞ୍ଜିର ଉପଯୋଗ କରାଯାଉ ଅଛି ତାହା ସୂଚାଇ ଥାଏ । କାର୍ଯ୍ୟକାରୀ ପୁଞ୍ଜିର ଅନୁପାତର ତୀବ୍ରତା ଏହା ସୂଚାଇ ଥାଏ କି ଗୋଟିଏ ବର୍ଷ ମଧ୍ୟରେ କାର୍ଯ୍ୟକାରୀ ପୁଞ୍ଜି କେତେଥର ଆବର୍ତ୍ତିତ ହୋଇଥାଏ ।

ଏହି ଅନୁପାତ ବ୍ୟବସାୟ ଦ୍ୱାରା କେତେ ଦକ୍ଷତାର ସହିତ କାର୍ଯ୍ୟକାରୀ ପୁଞ୍ଜିର ବ୍ୟବହୃତ ହେଉଅଛି ତାହା ମାପିଥାଏ । ଏକ ଉଚ୍ଚ ଅନୁପାତ କାର୍ଯ୍ୟକାରୀ ପୁଞ୍ଜିର ଦକ୍ଷ ଉପଯୋଗକୁ ସୂଚାଇବା ବେଳେ ଏକ ନିମ୍ନ ଅନୁପାତ କାର୍ଯ୍ୟକାରୀ ପୁଞ୍ଜିର ଯଥାଯଥ ଉପଯୋଗ ହେଉ ନ ଥିବା ସୂଚାଇ ଥାଏ । ଏହି ଅନୁପାତ ଏହି ପ୍ରକାର ହିସାବ କରାଯାଏ :

$$\text{କାର୍ଯ୍ୟକାରୀ ପୁଞ୍ଜି ଆବର୍ତ୍ତ ଅନୁପାତ} = \frac{\text{ବିକ୍ରୀ କରାଯାଇଥିବା ମାଲ୍‌ର ପରିବ୍ୟୟ}}{\text{ହାରାହାରି କାର୍ଯ୍ୟକାରୀ ପୁଞ୍ଜି}}$$

$$\text{ହାରାହାରି କାର୍ଯ୍ୟକାରୀ ପୁଞ୍ଜି} = \frac{\text{ପ୍ରାରମ୍ଭିକ କାର୍ଯ୍ୟକାରୀ ପୁଞ୍ଜି} + \text{ଅନ୍ତିମ କାର୍ଯ୍ୟକାରୀ ପୁଞ୍ଜି}}{2}$$



ଟିପ୍ପଣୀ

ଯଦି ବିକ୍ରୀ ହୋଇଥିବା ମାଲ୍‌ର ପରିବ୍ୟୟ ରାଶି ଦିଆ ଯାଇ ନଥାଏ, ତେବେ ବିକ୍ରୟର ରାଶିକୁ ବ୍ୟବହାର କରା ଯାଇପାରେ । ଅନ୍ୟ ପକ୍ଷରେ, ଯଦି ପ୍ରାରମ୍ଭିକ କାର୍ଯ୍ୟକାରୀ ପୁଞ୍ଜି ଦିଆ ଯାଇ ନଥାଏ, ତେବେ ବର୍ଷ ଶେଷରେ ଥିବା କାର୍ଯ୍ୟକାରୀ ପୁଞ୍ଜି ବ୍ୟବହୃତ ହୋଇଥାଏ ।

**ଉଦାହରଣ 13**

2006 ବର୍ଷ ପାଇଁ କାର୍ଯ୍ୟକାରୀ ପୁଞ୍ଜି ଆବର୍ତ୍ତ ଅନୁପାତ ବାହାର କର :

| | |
|---|---|
| ନଗଦ ଅର୍ଥ (ରୋକଡ଼) | r 10, 000 |
| ପ୍ରାପ୍ୟ ହୁଣ୍ଡି | r 5,000 |
| ବିବିଧ ଖାତକ | r 25,000 |
| ସମ୍ଭାର | r 20, 000 |
| ବିବିଧ ମହାଜନ | r 30, 000 |
| ବିକ୍ରୀ ହୋଇଥିବା ମାଲ୍‌ର ପରିବ୍ୟୟ | r 1,50,000 |

**ସମାଧାନ :**

$$\text{କାର୍ଯ୍ୟକାରୀ ପୁଞ୍ଜି ଆବର୍ତ୍ତ ଅନୁପାତ} = \frac{\text{ବିକ୍ରୀ ହୋଇଥିବା ମାଲ୍‌ର ପରିବ୍ୟୟ}}{\text{କାର୍ଯ୍ୟକାରୀ ପୁଞ୍ଜି}}$$

ଚଳନ୍ତି ପରିସମ୍ପତ୍ତି = r 10,000 + r 5,000 + r 25,000 + r 20,000

= r 60,000

ଚଳନ୍ତି ଦାୟ = r 30,000

ନିଟ୍ କାର୍ଯ୍ୟକାରୀ ପୁଞ୍ଜି = ଚଳନ୍ତି ପରିସମ୍ପତ୍ତି – ଚଳନ୍ତି ଦାୟ

= r 60,000 – r 30,000 = r 30,000

$$\text{ତେଣୁ କାର୍ଯ୍ୟକାରୀ ପୁଞ୍ଜି ଆବର୍ତ୍ତ ଅନୁପାତ} = \frac{\text{r } 1,50,000}{\text{r } 30,000} = 5 \text{ ଥର}$$

## ପାଠ୍ୟଗତ ପ୍ରଶ୍ନ 28.3

1. ଉପଯୁକ୍ତ ଶବ୍ଦ / କିମ୍ବା ଶବ୍ଦାବଳୀ ସାହାଯ୍ୟରେ ଶୂନ୍ୟସ୍ଥାନ ପୂରଣ କର :

(i) ନିମ୍ନ ଖାତକ ଆବର୍ତ୍ତ ଅନୁପାତ ଋଣ ସଂଗ୍ରହରେ .............ଦର୍ଶାଇଥାଏ ।

(ii) $\text{ହାରାହାରି ଋଣ ସଂଗ୍ରହ ଅବଧି} = \frac{\text{12 ମାସ}}{?}$

(iii) ଖାତକ ଆବର୍ତ୍ତ ଅନୁପାତ = $\frac{?}{\text{ହାରାହାରି ଖାତକ}}$

(iv) ? = $\frac{\text{ଉଧାର କ୍ରୟ}}{\text{ହାରାହାରି ହାରାହାରି ମହାଜନ}}$

(v) ଖାତକ ଆବର୍ତ୍ତ ଅନୁପାତ = $\frac{?}{50,000} = 4$

(vi) ଖାତକ ଆବର୍ତ୍ତ ଅନୁପାତ = $\frac{1,50,000}{?} = 3$

(vii) ମହାଜନ ଆବର୍ତ୍ତ ଅନୁପାତ = $\frac{75,000}{15,000} = ?$

(viii) ମହାଜନ ଆବର୍ତ୍ତ ଅନୁପାତ = $\frac{1,00,000}{?} = 4$

II. ଉପଯୁକ୍ତ ଶବ୍ଦ କିମ୍ବା ଶବ୍ଦାବଳୀ ସାହାଯ୍ୟରେ ଶୂନ୍ୟସ୍ଥାନ ପୂରଣ କର :

(i) କାର୍ଯ୍ୟକାରୀ ପୁଞ୍ଜି = ...................... − ଚଳନ୍ତି ଦାୟ

(ii) .................... = $\frac{\text{ବିକ୍ରୀ କରାଯାଇଥିବା ମାଲ୍‌ର ପରିବ୍ୟୟ}}{\text{ହାରାହାରି କାର୍ଯ୍ୟକାରୀ ପୁଞ୍ଜି}}$

(iii) ହାରାହାରି କାର୍ଯ୍ୟକାରୀ ପୁଞ୍ଜି

$= \frac{\text{ପ୍ରାରମ୍ଭିକ କାର୍ଯ୍ୟକାରୀ ପୁଞ୍ଜି} + \text{ଅନ୍ତିମ କାର୍ଯ୍ୟକାରୀ ପୁଞ୍ଜି}}{?}$

(iv) କାର୍ଯ୍ୟକାରୀ ପୁଞ୍ଜି ଆବର୍ତ୍ତ ଅନୁପାତ = $\frac{\text{ବିକ୍ରୀ କରାଯାଇଥିବା ମାଲ୍‌ର ପରିବ୍ୟୟ}}{?}$

## ତୁମେ ଯାହା ଶିଖିଲ

- 'ଅନୁପାତ' ଶବ୍ଦର ଅର୍ଥ ଦୁଇଟି ସଂଖ୍ୟା ମଧ୍ୟରେ ପାଟୀଗାଣିତିକ ସମ୍ପର୍କ ଅଟେ ।
- ତରଳତା ଅନୁପାତ ବ୍ୟବସାୟର ସ୍ୱଳ୍ପ ମିଆଦୀ ଦାୟର ପରିଶୋଧ କରିବାର କ୍ଷମତାର ମୂଲ୍ୟାୟନ କରିଥାଏ । ଏହା ତରଳ ପରିସମ୍ପତ୍ତିରୁ ସ୍ୱଳ୍ପ ମିଆଦୀ ବଚନବଦ୍ଧତାର ପୈଠ କରିବାର ସାମର୍ଥ୍ୟକୁ ମାପିଥାଏ ।







- ଗୁରୁତ୍ୱପୂର୍ଣ୍ଣ ତରଳତା ଅନୁପାତଗୁଡ଼ିକ ହେଲା :

(i) ଚଳନ୍ତି ଅନୁପାତ : ଏହା ବ୍ୟବସାୟର ସ୍ୱଳ୍ପ ମିଆଦୀ ପରିଶୋଧ କ୍ଷମତାକୁ ମାପିଥାଏ ।

$$\text{ଚଳନ୍ତି ଅନୁପାତ} = \frac{\text{ଚଳନ୍ତି ପରିସମ୍ପତ୍ତି}}{\text{ଚଳନ୍ତି ଦାୟ}}$$

(ii) ତରଳ ଅନୁପାତ : ଏହା ବ୍ୟବସାୟର ଚଳନ୍ତି ଦାୟ ଗୁଡ଼ିକର ତତ୍‌କ୍ଷଣାତ୍ ପୈଠ କରିବାର ସାମର୍ଥ୍ୟକୁ ମାପିଥାଏ ।

$$\text{ତରଳ ଅନୁପାତ} = \frac{\text{ତରଳ ପରିସମ୍ପତ୍ତି}}{\text{ଚଳନ୍ତି ଦାୟ}}$$

ତରଳ ପରିସମ୍ପତ୍ତି = ଚଳନ୍ତି ପରିସମ୍ପତ୍ତି – (ସମ୍ଭାର + ପୂର୍ବପ୍ରଦତ୍ତ ବ୍ୟୟ)

- କ୍ରିୟାଶୀଳତା ଅଥବା ଆବର୍ତ୍ତ ଅନୁପାତ
- ଗୁରୁତ୍ୱପୂର୍ଣ୍ଣ କ୍ରିୟାଶୀଳତା ଅନୁପାତ ଗୁଡ଼ିକ ହେଲା

(i) ସମ୍ଭାର ଆବର୍ତ୍ତ ଅନୁପାତ : ଏହା ସମ୍ଭାର ପରିଚାଳନାର ଦକ୍ଷତାକୁ ମାପିଥାଏ ।

$$\text{ସମ୍ଭାର ଆବର୍ତ୍ତ ଅନୁପାତ} = \frac{\text{ବିକ୍ରୀ ହୋଇଥିବା ମାଲ୍‌ର ପରିବ୍ୟୟ}}{\text{ହାରାହାରି ସମ୍ଭାର}}$$

(ii) ଖାତକ ଆବର୍ତ୍ତ ଅନୁପାତ : ଏହା କମ୍ପାନୀର ଋଣ ସଂଗ୍ରହ (ଆଦାୟ) କରିବାର ଦକ୍ଷତାକୁ ସୂଚାଇବା ପାଇଁ ହିସାବ କରାଯାଏ ।

$$\text{ଖାତକ ଆବର୍ତ୍ତ ଅନୁପାତ} = \frac{\text{ନିଟ୍ ଉଧାର ବିକ୍ରୟ}}{\text{ହାରାହାରି ହିସାବ ପ୍ରାପ୍ୟ}}$$

(iii) ମହାଜନ ଆବର୍ତ୍ତ ଅନୁପାତ : ଏହା ଯୋଗାଣକାରୀଙ୍କୁ ପୈଠ କରିବାର ଦକ୍ଷତାକୁ ସୂଚାଇ ଥାଏ ।

$$\text{ମହାଜନ ଆବର୍ତ୍ତ ଅନୁପାତ} = \frac{\text{ନିଟ୍ ଉଧାର କ୍ରୟ}}{\text{ହାରାହାରି ବ୍ୟାପାରିକ ମହାଜନ}}$$

(iv) ଋଣ ସଂଗ୍ରହ (ଆଦାୟ) ଅବଧି ଏହା ସୂଚାଇ ଥାଏ କି ଖାତକମାନେ ପୈଠ କରିବା ପାଇଁ ହାରାହାରି କେତେ ସମୟ ନିଅନ୍ତି ।

$$\text{ଋଣ ସଂଗ୍ରହ / ଆଦାୟ / ଅସୁଲ ଅବଧି} = \frac{\text{ବର୍ଷରେ ଦିନ ସଂଖ୍ୟା}}{\text{ଖାତକ ଆବର୍ତ୍ତ ଅନୁପାତ}}$$

(v) ଋଣ ପୈଠ ଅବଧି ଦ୍ୱାରା ଗୋଟିଏ ସଂସ୍ଥା ତା'ର ହିସାବ ଦେୟଗୁଡ଼ିକୁ ଚୁକ୍ତା (ପୈଠ) କରିବା ପାଇଁ ହାରାହାରି କେତେ ସମୟ ନେଉଛି ତାହା ସୂଚିତ ହୋଇଥାଏ ।

ଟିପ୍ପଣୀ

$$\text{ରଣ ପୈଠ ଅବଧି} = \frac{\text{ବର୍ଷରେ ଦିନ ସଂଖ୍ୟା}}{\text{ମହାଜନ ଆବର୍ତ୍ତ ଅନୁପାତ}}$$

## ପାଠ୍ୟାନ୍ତ ପ୍ରଶ୍ନ

1. ଖାତକ ଆବର୍ତ୍ତ ଅନୁପାତ ଏବଂ ତରଳ ଅନୁପାତର ମହତ୍ତ୍ୱ ବୁଝାଅ ।
2. ନିମ୍ନଲିଖିତ ଅନୁପାତ ଗୁଡ଼ିକର ଅର୍ଥ ଓ ମହତ୍ତ୍ୱ ବୁଝାଅ :
   (କ) ଚଳନ୍ତି ଅନୁପାତ
   (ଖ) ମହାଜନ ଆବର୍ତ୍ତ ଅନୁପାତ
   (ଗ) ସମ୍ଭାର ଆବର୍ତ୍ତ ଅନୁପାତ
3. ନିମ୍ନଲିଖିତରୁ ଚଳନ୍ତି ଅନୁପାତ ଏବଂ ତ୍ୱରିତ ଅନୁପାତ ହିସାବ କର :

| | r |
|---|---:|
| ସ୍ଥାୟୀ ପରିସମ୍ପତ୍ତି | 1,00,000 |
| ସମ୍ଭାର (ମହଜୁଦ ମାଲ) | 30,000 |
| ଖାତକ (ଉଧାର ଗ୍ରହୀତା) | 20,000 |
| ନଗଦ ଅର୍ଥ | 40,000 |
| ପୂର୍ବ ପ୍ରଦତ୍ତ ବ୍ୟୟ | 10,000 |
| ମହାଜନ (ଉଧାର ଦାତା) | 30,000 |
| ସଞ୍ଚିତି | 10,000 |

4. ଶ୍ରୀଯୁକ୍ତ 'ଏକ୍ସ' ଏବଂ ଶ୍ରୀଯୁକ୍ତ 'ୱାଇ'ଙ୍କର 31 ଡିସେମ୍ବର 2006 ର ଉଦ୍‌ବୃତ୍ତ ପତ୍ର ଏହି ପ୍ରକାର ଅଟେ:

| ଦାୟ | ପରିମାଣ ( | ପରିସମ୍ପତ୍ତି | ପରିମାଣ ( |
|---|---:|---|---:|
| ସମତା (ସାଧାରଣ) ଅଂଶ ପୁଞ୍ଜି | 1,00,000 | ହାତରେ ଥିବା ଅର୍ଥ | 20,000 |
| 7% ରଣ ପତ୍ର | 1,00,000 | ବ୍ୟାଙ୍କ୍‌ରେ ଥିବା ଅର୍ଥ | 20,000 |
| ବ୍ୟାଙ୍କ୍ ଅଧିଉଠାଣ | 40,000 | ପ୍ରାପ୍ୟ ହୁଣ୍ଡି | 1,00,000 |
| ମହାଜନ | 60,000 | ବିନିଯୋଗ | 10,000 |
| ଲାଭ ଓ କ୍ଷତି ହିସାବ | 20,000 | ଖାତକ | 50,000 |
| ସାଧାରଣ ସଞ୍ଚିତି | 30,000 | ସମ୍ଭାର | 1,50,000 |
| | 3,50,000 | | 3,50,000 |

2006ରେ ବିକ୍ରୟର ପରିମାଣ ଥିଲା ( 4,90,000 । ସମ୍ଭାର ଆବର୍ତ୍ତ ଅନୁପାତ ହିସାବ କର ।

5. ଦତ୍ତ : ଚଳନ୍ତି ଅନୁପାତ 2 : 5

ତରଳତା ଅନୁପାତ 1 : 5

କାର୍ଯ୍ୟକାରୀ ପୁଞ୍ଜି ( 60,000

ହିସାବ କର (କ) ଚଳନ୍ତି ଦାୟ (ଖ) ଚଳନ୍ତି ପରିସମ୍ପତ୍ତି (ଗ) ତରଳ ପରିସମ୍ପତ୍ତି (ଘ) ସମ୍ଭାର ।

6. ଏକ୍ସ ୱାଇ ଜେଡ୍ ଲିଃ ତୁମକୁ 31, ଡିସେମ୍ବର 2006 ରେ ଶେଷ ହୋଇଥିବା ବର୍ଷ ସମ୍ବନ୍ଧରେ ନିମ୍ନଲିଖିତ ସୂଚନାମାନ ପ୍ରଦାନ କରିଅଛି :

| | |
|---|---|
| ନଗଦ ଅର୍ଥ | r 80,000 |
| ଉଧାରୀ ବିକ୍ରୀ | r 20,000 |
| ଅନ୍ତର୍ମୁଖୀ ଫେରସ୍ତ | r10,000 |
| ପ୍ରାରମ୍ଭିକ ସମ୍ଭାର | r25,000 |
| ଅନ୍ତିମ ସମ୍ଭାର | r30,000 |

ସ୍ଥୁଳ ଲାଭ ଅନୁପାତ 25% ଅଟେ । ସମ୍ଭାର ଆବର୍ତ୍ତ ଅନୁପାତ ବାହାର କର ।

## ପାଠ୍ୟଗତ ପ୍ରଶ୍ନର ଉତ୍ତର

**ପାଠ୍ୟଗତ ପ୍ରଶ୍ନ 28.1**

I. ବ୍ୟାଙ୍କ୍‌ରେ ଥିବା ଅର୍ଥ, ସମ୍ଭାର, ସ୍ୱଳ୍ପ ମିଆଦୀ ବିନିଯୋଗ, ପ୍ରାପ୍ୟ ହୁଣ୍ଡି, ଖାତକ, ପୂର୍ବ ପ୍ରଦତ୍ତ ବ୍ୟୟ, ହାତରେ ଥିବା ଅର୍ଥ ।

II. (i) ଚଳନ୍ତି ପରିସମ୍ପତ୍ତି (ii) 2 : 1

(iii) 1 : 1 (iv) ଚଳନ୍ତି ପରିସମ୍ପତ୍ତି

**ପାଠ୍ୟଗତ ପ୍ରଶ୍ନ 28.2**

(i) ବିକ୍ରୀ ହୋଇଥିବା ମାଲ୍‌ର ପରିବ୍ୟୟ (ii) ଅନ୍ତିମ ସମ୍ଭାର

(iii) 2,000 (iv) 3 ଥର

(v) ସମ୍ଭାର ପରିବର୍ତ୍ତନ ଅବଧି

**ପାଠ୍ୟଗତ ପ୍ରଶ୍ନ 28.3**

I. (i) ବିଳମ୍ବ (ii) ଖାତକ ଆବର୍ତ୍ତ ଅନୁପାତ

(iii) ନିଟ୍ ବାର୍ଷିକ ଉଧାରୀ ବିକ୍ରୟ (iv) ମହାଜନ ଆବର୍ତ୍ତ ଅନୁପାତ

(v) 2,00,000 (vi) 50,000

(vii) 5 (viii) 25,000

II. (i) ଚଳନ୍ତି ପରିସମ୍ପତ୍ତି ଅନୁପାତ (ii) କାର୍ଯ୍ୟକାରୀ ପୁଞ୍ଜି ଆବର୍ତ୍ତ

(iii) 2 (iv) ହାରାହାରି କାର୍ଯ୍ୟକାରୀ ପୁଞ୍ଜି

**ପାଠ୍ୟାନ୍ତ ପ୍ରଶ୍ନର ଉତ୍ତର**

3. ଚଳନ୍ତି ଅପୁପାତ 3 :1, ଦ୍ୱରିତ ଅନୁପାତ 1.67 : 1

4. 3.27 ଥର

5 (କ) 40,000, (ଖ) 1,00,000 (ଗ) 6,000 (ଘ) 40,000

6. 7.36 ଥର ।



**ତୁମେ ଜାଣ କି ?**

**ଏଚ୍. ଆଇ. ଭି. ଏବଂ ଏଡ଼୍ସ କ'ଣ ?**

**ଏଚ୍ ଆଇ.ଭି.ର ପୂରା ନାମ ହେଲା : ହ୍ୟୁମାନ୍ ଇମ୍ୟୁନୋଡେଫିସିଏନ୍ସି ଭାଇରସ୍**

**ଏଡ଼୍ସର ପୂରା ନାମ ହେଲା : ଆକ୍ୱାଇର୍ଡ଼ ଇମ୍ୟୁନୋ ଡେଫିସିଏନ୍ସି ସିଣ୍ଡ୍ରୋମ୍**

ଏଚ୍.ଆଇ.ଭି. ଶରୀରର ପ୍ରତିରକ୍ଷା କିମ୍ବା ପ୍ରତିରୋଧ ପ୍ରଣାଳୀକୁ ଦୁର୍ବଳ କରିଦିଏ । ଏଡ଼୍ସ ଏଚ.ଆଇ.ଭି. ସଂକ୍ରମଣର ଅନ୍ତିମ ଅବସ୍ଥା ଅଟେ ଯେତେବେଳେ ସଂକ୍ରମିତ ବ୍ୟକ୍ତିର ପ୍ରତିରକ୍ଷା ପ୍ରଣାଳୀ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥାଏ ଏବଂ ଯେତେବେଳେ ବ୍ୟକ୍ତି ବିଭିନ୍ନ ରୋଗ ଓ ସଂକ୍ରମଣରେ ଆକ୍ରାନ୍ତ ହୋଇଥାଏ । ତେଣୁ ଏଡ଼୍ସ ଖାସ୍ କରି ଏକ ନିର୍ଦ୍ଦିଷ୍ଟ ରୋଗ ନୁହେଁ, ବରଂ ଏକ ସଂଲକ୍ଷଣ (ସିଣ୍ଡ୍ରୋମ୍) ଅଟେ, ଯାହାର ଅର୍ଥ ହେଲା ଯେ ଏହାର କାରଣରୁ ବ୍ୟକ୍ତି ମଧ୍ୟରେ ବିଭିନ୍ନ ବିକାର ଏବଂ ରୋଗ ସମ୍ବନ୍ଧିତ ବିଭିନ୍ନ ଲକ୍ଷଣମାନ ଦେଖା ଦେଇଥାଏ । ଜଟିଳ ମାମଲାରେ ଏଡ଼୍ସ ଅତିଶୀଘ୍ର ଅର୍ଥାତ୍ ଏଚ୍.ଆଇ.ଭି. ସଂକ୍ରମଣର ୬ ମାସ ପରେ ମଧ୍ୟ ହୋଇଯାଇପାରେ, କିମ୍ବା ଏହା ଅତି ବିଳମ୍ବରେ ଅର୍ଥାତ୍ ସଂକ୍ରମଣର ୮-୧୦ ବର୍ଷ ପରେ ମଧ୍ୟ ହୋଇପାରେ ।



# 29

# ହିସାବରକ୍ଷଣ ଅନୁପାତ - II

ପୂର୍ବ ପାଠରେ ତୁମେ ପଢ଼ିଛ ଯେ ହିସାବରକ୍ଷଣ ଅନୁପାତ ଗୁଡ଼ିକୁ ପାଞ୍ଚଟି ମୁଖ୍ୟ ବର୍ଗରେ ଶ୍ରେଣୀଭୁକ୍ତ କରାଯାଇପାରେ; ଯଥା – ତରଳତା ଅନୁପାତ, କ୍ରିୟାଶୀଳତା ଅନୁପାତ, ପରିଶୋଧନ କ୍ଷମତା ଅନୁପାତ, ଲାଭା ପ୍ରଦତ୍ତା ଅନୁପାତ ଏବଂ ଉତ୍ତୋଳନ (Leverage) ଅନୁପାତ । ତୁମେ ତରଳତା ଏବଂ କ୍ରିୟାଶୀଳତା ଅନୁପାତଗୁଡ଼ିକର ଅର୍ଥ, ହିସାବ (ଗଣନା) ପଦ୍ଧତି ଏବଂ ମହତ୍ତ୍ୱ ସମ୍ବନ୍ଧରେ ପୂର୍ବରୁ ଶିଖି ସାରିଛ । ଏହି ପାଠରେ ତୁମେ ବିଭିନ୍ନ ପରିଶୋଧ କ୍ଷମତା ଅନୁପାତ, ଲାଭାର୍ଜନ କ୍ଷମତା ଅନୁପାତ ଏବଂ ଉତ୍ତୋଳନ ଅନୁପାତ ଗୁଡ଼ିକ ସମ୍ବନ୍ଧରେ ତଥା ସେଗୁଡ଼ିକର ମହତ୍ତ୍ୱ ସମ୍ବନ୍ଧରେ ଶିଖିବ ।

## ଉଦ୍ଦେଶ୍ୟ

ଏହି ପାଠ ପଢ଼ିବା ପରେ ତୁମେ :

- ବିଭିନ୍ନ ପ୍ରକାର ହିସାବରକ୍ଷଣ ଅନୁପାତ, ଅର୍ଥାତ୍ ପରିଶୋଧ କ୍ଷମତା, ଲାଭପ୍ରଦତ୍ତା ଏବଂ ଉତ୍ତୋଳନ ଅନୁପାତଗୁଡ଼ିକୁ ବୁଝାଇ ପାରିବ;
- ପ୍ରଦତ୍ତ ସୂଚନାର ଆଧାରରେ ବିଭିନ୍ନ ଅନୁପାତ ଗୁଡ଼ିକୁ ବାହାର କରିପାରିବ ;
- ହିସାବରକ୍ଷଣ ଅନୁପାତ ଗୁଡ଼ିକର ସୀମାବଦ୍ଧତାର ବର୍ଣ୍ଣନା କରିପାରିବ ।

## 29.1 ପରିଶୋଧ କ୍ଷମତା ଅନୁପାତ ସମୂହ

'ପରିଶୋଧ କ୍ଷମତା' ଶବ୍ଦ ବ୍ୟାବସାୟିକ ସଂସ୍ଥାର ନିଜର ଦୀର୍ଘମିଆଦୀ ଦାୟ ବଦ୍ଧତା ଗୁଡ଼ିକର ପୈଠ କରିବାର କ୍ଷମତା ପାଇଁ ପ୍ରଯୁକ୍ତ ହୋଇଥାଏ । ସଂସ୍ଥାର ଦୀର୍ଘ ମିଆଦୀ ଦାୟବଦ୍ଧତା ଋଣପତ୍ରଧାରୀ, ମଧ୍ୟମ ଦୀର୍ଘ ମିଆଦୀ ଋଣ ପ୍ରଦାନ କରିଥିବା ଆର୍ଥିକ ଅନୁଷ୍ଠାନ ଏବଂ ଉଧାରରେ ମାଲ୍ ବିକ୍ରୀ କରିଥିବା ଅନ୍ୟ ଉଧାରଦାତା (ମହାଜନ)ମାନଙ୍କ ପ୍ରତି ଥାଏ । ଏହି ଅନୁପାତ ଗୁଡ଼ିକ ବ୍ୟବସାୟର ଦୀର୍ଘ ମିଆଦୀ କରଜ ଗୁଡ଼ିକ ସହିତ ସଂଶ୍ଳିଷ୍ଟ ସ୍ଥାୟୀ ସୁଧ ଓ ଏହାର ପରିବ୍ୟୟ ପୈଠ କରିବା ତଥା ଅନୁସୂଚୀ ଅନୁସାରେ ଏଗୁଡ଼ିକର ପରିଶୋଧ କରିବାର କ୍ଷମତାକୁ ସୂଚାଇଥାଏ ।

ନିମ୍ନ ଲିଖିତ ଅନୁପାତ ଗୁଡ଼ିକ ବ୍ୟାବସାୟିକ ସଂସ୍କାର ପରିଶୋଧ କ୍ଷମତା ନିର୍ଣ୍ଣୟ କରିବାର ଉଦ୍ଦେଶ୍ୟ ସାଧନ କରିଥାଏ :

- ଋଣ - ସମତା ଅନୁପାତ
- ମାଲିକାନାଗତ ଅନୁପାତ





**ଋଣ - ସମତା ଅନୁପାତ (Debt-equity ratio)**

ଏହାକୁ ବାହ୍ୟ ଦେୟ ଓ ଆଭ୍ୟନ୍ତରୀଣ ସମତାର ଅନୁପାତ ମଧ୍ୟ କୁହାଯାଏ । ଏହା ବ୍ୟବସାୟର ପରିସମ୍ପତ୍ତି ଉପରେ ବାହାର ଲୋକ ଏବଂ ମାଲିକଙ୍କ ଦାବୀ ସମୂହର ଏକ ତୁଳନାତ୍ମକ ସୂଚନା ପ୍ରାପ୍ତ ହେବା ପାଇଁ ହିସାବ କରାଯାଏ । ଏହି ଅନୁପାତ ବାହ୍ୟ ପକ୍ଷଙ୍କର ପାଣ୍ଠି ଏବଂ ଅଂଶଧାରୀଙ୍କର ପାଣ୍ଠି ମଧ୍ୟରେ ସମ୍ବନ୍ଧ ସ୍ଥାପନ କରେ । ଅତଃ,

$$\text{ଋଣ-ସମତା ଅନୁପାତ} = \frac{\text{ବାହ୍ୟ ପକ୍ଷଙ୍କର ପାଣ୍ଠି}}{\text{ଅଂଶଧାରୀମାନଙ୍କର ପାଣ୍ଠି}}$$

ଏହି ଅନୁପାତର ଦୁଇଟି ମୌଳିକ ଉପାଦାନ ହେଲା ବାହ୍ୟ ପକ୍ଷଙ୍କର ପାଣ୍ଠି ଏବଂ ଅଂଶଧାରୀମାନଙ୍କର ପାଣ୍ଠି । ବାହ୍ୟ ପକ୍ଷଙ୍କର ପାଣ୍ଠିରେ ବାହାର ଲୋକଙ୍କର ସମସ୍ତ ଋଣ / ଦାୟ, ଯଥା ଋଣପତ୍ର, ଆର୍ଥିକ ଅନୁଷ୍ଠାନଗୁଡ଼ିକରୁ ଦୀର୍ଘମିଆଦୀ ଋଣ, ଇତ୍ୟାଦି ଅନ୍ତର୍ଭୁକ୍ତ ଥାଏ । ଅଂଶଧାରୀମାନଙ୍କର ପାଣ୍ଠିର ଅର୍ଥ ହେଲା ଅଗ୍ରାଧିକାର ଯୁକ୍ତ ଅଂଶ ପୁଞ୍ଜି, ସାଧାରଣ (ସମତା) ଅଂଶ ପୁଞ୍ଜି, ସଞ୍ଚିତି ଏବଂ ଅଧିବଳକା ତଥା ଏଥିରୁ କାଳ୍ପନିକ (ଅବାସ୍ତବ) ପରିସମ୍ପତ୍ତି ଯେପରିକି ପ୍ରାରମ୍ଭିକ ବ୍ୟୟ ବାଦ୍ (ବିୟୋଗ) କରି ଦିଆଯାଏ । ଏହି ଅନୁପାତ ଅଂଶଧରୀମାନଙ୍କର ପାଣ୍ଠି ଏବଂ ଦୀର୍ଘ ମିଆଦୀ କରଜ ପାଣ୍ଠି ମଧ୍ୟରେ ଥିବା ସାମାନୁପାତକୁ ସୂଚାଇ ଥାଏ । ଭାରତରେ ଏହି ଅନୁପାତ ଯଦି 2 : 1 ହୁଏ, ତେବେ ଗ୍ରହଣୀୟ ହୋଇପାରେ । ଯଦି ଋଣ-ସମତା ଅନୁପାତ ଏହାଠାରୁ ଅଧିକ ହୁଏ, ତେବେ ଦୀର୍ଘ ମିଆଦ ଦୃଷ୍ଟିକୋଣରୁ ଏହା ସଙ୍କଟ ପୂର୍ଣ୍ଣ ଆର୍ଥିକ ସ୍ଥିତିର ପ୍ରଦର୍ଶନ କରିଥାଏ ।

**ମହତ୍ତ୍ୱ**

ଋଣ-ସମତା ଅନୁପାତର ଉଦ୍ଦେଶ୍ୟ ହେଲା ମାଲିକଙ୍କ ଦ୍ୱାରା ସଂସ୍ଥାକୁ ଯୋଗାଇ ଦିଆଯାଇଥିବା ପୁଞ୍ଜିର ପରିମାଣ ସମ୍ବନ୍ଧରେ ଏକ ଧାରଣା ପ୍ରାପ୍ତ ହେବା । ଏହି ଅନୁପାତ ବ୍ୟବସାୟର ଦୀର୍ଘ ମିଆଦୀ ଆର୍ଥିକ ସ୍ଥିତିର ସ୍ୱଚ୍ଛତା (ସୁଦୃଢ଼ତା)ର ମୂଲ୍ୟାୟନ କରିବା ନିମନ୍ତେ ଅତ୍ୟନ୍ତ ଉପଯୋଗୀ ହୋଇଥାଏ । ଏହା ଆହୁରି ମଧ୍ୟ ସୂଚାଇ ଥାଏ କି ଗୋଟିଏ ସଂସ୍ଥା ଏହାରଂ ଅସ୍ତିତ୍ୱ ପାଇଁ ବାହାର ପକ୍ଷଙ୍କ ଉପରେ କେତେ ମାତ୍ରାରେ ନିର୍ଭରଶୀଳ ଅଛି । ନିମ୍ନ ଋଣ ସମତା ଅନୁପାତ ଏହା ସୂଚିତ କରେ ଯେ ଋଣ ଅପେକ୍ଷା ସମତାର ଅଧିକ ଉପଯୋଗ ହୋଇଅଛି ।

**ଉଦାହରଣ 1**

ନିମ୍ନଲିଖିତ ଋଣ-ସମତା ଅନୁପାତ ନିର୍ଣ୍ଣୟ କର :

| | r |
|---|---:|
| ସମତା ଅଂଶ ପୁଞ୍ଜି | 1,00,000 |
| ସାଧାରଣ ସଞ୍ଚିତି | 45,000 |
| ଗଚ୍ଛିତ ଲାଭ | 30,000 |
| ଋଣ ପତ୍ର | 75,000 |
| ବିବିଧ ବ୍ୟାପାରିକ ମହାଜନ | 40,000 |
| ବକେୟା ବ୍ୟୟ | 10,000 |



ଟିପ୍ପଣୀ

**ସମାଧାନ :**

ରଣ-ସମତା ଅନୁପାତ $= \dfrac{\text{ରଣ (ମୋଟ ଦୀର୍ଘ-ମିଆଦୀ ରଣ)}}{\text{ସମତା (ଅଂଶଧାରୀମାନଙ୍କର ପାଣ୍ଠି)}}$

$= \dfrac{\backslash\ 75,000}{\backslash\ 1,75,000} = 3:7$

**କାର୍ଯ୍ୟକାରୀ ଟିପ୍ପଣୀ :**

(i) ଅଂଶଧାରୀମାନଙ୍କର ପାଣ୍ଠି = ସମତା ଅଂଶ ପୁଞ୍ଜି + ସଞ୍ଚିତି + ଗଚ୍ଛିତ ଲାଭ

= r 1,00,000 + r 45,000 + r 30,000 = r 1,75,000

(ii) ଦୀର୍ଘ ମିଆଦୀ ରଣ = ରଣ ପତ୍ର = r 75,000

**ଉଦାହରଣ 2**

ନିମ୍ନଲିଖିତ ତଥ୍ୟରୁ ରଣ-ସମତା ଅନୁପାତ ବାହାର କର :

ମୋଟ ପରିସମ୍ପତ୍ତି r 1,20,000, ମୋଟ ରଣ r 1,00,000, ଚଳନ୍ତି ଦାୟ r 60,000 ।

**ସମାଧାନ :**

ରଣ-ସମତା ଅନୁପାତର ହିସାବ

ଦୀର୍ଘ ମିଆଦୀ ରଣ = ମୋଟ ରଣ – ଚଳନ୍ତି ଦାୟ

= r 1,00,000 – r 60,000

= r 40,000

ଅଂଶଧାରୀ ମାନଙ୍କର ପାଣ୍ଠି = ମୋଟ ପରିସମ୍ପତ୍ତି – ମୋଟ ରଣ

= r 1,20,000 – r 1,00,00

= r 20,000

ରଣ-ସମତା ଅନୁପାତ $= \dfrac{\text{ରଣ}}{\text{ସମତା}}$

$= \dfrac{\backslash\ 40,000}{\backslash\ 20,000} = 2:1$

**ମାଲିକାନାଗତ ଅନୁପାତ (Proprietory ratio)**

ଏହାକୁ ସମତା ଅନୁପାତ (equity ratio) ମଧ୍ୟ କୁହାଯାଏ । ଏହି ଅନୁପାତ ଅଂଶଧାରୀମାନଙ୍କର ପାଣ୍ଠି ଏବଂ ବ୍ୟବସାୟର ମୋଟ ପରିସମ୍ପତ୍ତି ମଧ୍ୟରେ ସମ୍ବନ୍ଧ ସ୍ଥାପନ କରିଥାଏ । ଅଂଶଧାରୀମାନଙ୍କର ପାଣ୍ଠି ହେଉଛି ସମତା ଅଂଶ ପୁଞ୍ଜି, ଅଗ୍ରାଧିକାରଯୁକ୍ତ ଅଂଶ ପୁଞ୍ଜି, ସଞ୍ଚିତି ଏବଂ ଅଧିବଳକାଗୁଡ଼ିକର ସମଷ୍ଟି । ଏହି ରାଶି ପରିମାଣରୁ ଗଚ୍ଛିତ କ୍ଷତିର ପରିମାଣ ବିୟୋଗ କରିଦେବା ଉଚିତ । ଅନ୍ୟ ପକ୍ଷରେ, ମୋଟ





ପରିସମ୍ପତ୍ତି କହିଲେ ବ୍ୟବସାୟ ସଂସ୍ଥାର ମୋଟ ସମ୍ବଳକୁ ବୁଝାଏ । ଏହି ଅନୁପାତ ନିମ୍ନମତେ ହିସାବ କରାଯାଇପାରେ :

$$\text{ମାଲିକାନାଗତ ଅନୁପାତ} = \frac{\text{ଅଂଶଧାରୀମାନଙ୍କର ପାଣ୍ଠି}}{\text{ମୋଟ ପରିସମ୍ପତ୍ତି}}$$

**ମହତ୍ତ୍ୱ**

ମାଲିକାନାଗତ ଅନୁପାତ ପ୍ରତିଷ୍ଠାନର ସାଧାରଣ ଆର୍ଥିକ ସ୍ଥିତି ଉପରେ ଆଲୋକ ପାତ କରିଥାଏ । ଏହି ଅନୁପାତ ବିଶେଷ କରି କରଜଦାତା (ମହାଜନ)ମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଯେଉଁମାନେ କି ସଂସ୍ଥାରେ ନିୟୋଜିତ ମୋଟ ପରିସମ୍ପତ୍ତିରେ ଅଂଶଧାରୀମାନଙ୍କର ପାଣ୍ଠିର ସମାନୁପାତ ନିର୍ଦ୍ଧାରଣ କରିପାରିବେ । ଏକ ଉଚ୍ଚ ଅନୁପାତ ସବୁ ପ୍ରକାରର ମହାଜନମାନଙ୍କ ପାଇଁ ନିରାପତ୍ତା ଥିବା ଦର୍ଶାଇ ଥାଏ । ଯେତେ ଉଚ୍ଚ ଅନୁପାତ ହେବ ସମସ୍ତ ସଂଶ୍ଳିଷ୍ଟ ବ୍ୟକ୍ତିମାନଙ୍କ ପାଇଁ ସେତେ ଅଧିକ ଭଲ ହେବ ।

50% ରୁ କମ୍ ଅନୁପାତ ମହାଜନମାନଙ୍କ ପାଇଁ ବିପଦ ସଙ୍କେତ ହୋଇପାରେ, କାରଣ ଅତ୍ୟଧିକ କ୍ଷତି କାରଣରୁ କମ୍ପାନୀର ଅବସାନ ଘଟିଲେ ସେମାନଙ୍କୁ ଅଧିକ କ୍ଷତିର ବୋଝ ଉଠାଇବାକୁ ପଡ଼ିପାରେ ।

**ଉଦାହରଣ 3**

ନିମ୍ନ ଲିଖିତରୁ ମାଲିକାନାଗତ ଅନୁପାତ ହିସାବ କର :

| | r |
|---|---|
| ସମତା ଅଂଶ ପୁଞ୍ଜି | 1,00,000 |
| ଅଗ୍ରାଧିକାରୀଯୁକ୍ତ ଅଂଶ ପୁଞ୍ଜି | 50,000 |
| ସଞ୍ଚିତି ଓ ଅଧିବଳକା | 25,000 |
| ଋଣ ପତ୍ର | 60,000 |
| ମହାଜନ | 15,000 |
| ମୋଟ | 2,50,000 |
| ସ୍ଥାୟୀ ପରିସମ୍ପତ୍ତି | 1,25,000 |
| ଚଳନ୍ତି ପରିସମ୍ପତ୍ତି | 50,000 |
| ବିନିଯୋଗ | 75,000 |
| ମୋଟ | 2,50,000 |

**ସମାଧାନ :**

$$\text{ମାଲିକାନାଗତ ଅନୁପାତ} = \frac{\text{ଅଂଶଧାରୀମାନଙ୍କର ପାଣ୍ଠି}}{\text{ମୋଟ ପରିସମ୍ପତ୍ତି}}$$

$$= \frac{\backslash\ 1,75,000}{\backslash\ 2,50,000} = 0.7 \text{ କିମ୍ବା } 70\%$$







## ପାଠ୍ୟଗତ ପ୍ରଶ୍ନ 29.1

ଉପଯୁକ୍ତ ଶବ୍ଦ / ଶବ୍ଦାବଳୀ / ସଂଖ୍ୟା ଦ୍ୱାରା ଶୂନ୍ୟସ୍ଥାନ ପୂରଣ କର :

(i) ରଣ -ସମତା ଅନୁପାତ = .......................

(ii) ....................... ଅନୁପାତ ସଂସ୍ଥାର ଦୀର୍ଘ ମିଆଦୀ ଦାୟ ବଦ୍ଧତାର ମାପ କରେ ।

(iii) ....................... $= \frac{\text{ଅଂଶଧାରୀମାନଙ୍କର ପାଣ୍ଠି}}{\text{ମୋଟ ପରିସମ୍ପତ୍ତି}}$

(iv) ରଣ-ସମତା ଅନୁପାତ $= \frac{2,00,000}{3,00,000} =$ .......................

## 29.2 ଲାଭ ପ୍ରଦତ୍ତା/ଲାଭାର୍ଜନ କ୍ଷମତା ଅନୁପାତ ସମୂହ (Profitability Ratios)

ଏକ ବ୍ୟବସାୟ ପ୍ରତିଷ୍ଠାନର ମୁଖ୍ୟ ଉଦ୍ଦେଶ୍ୟ ହେଲା ଲାଭୋପାର୍ଜନ କରିବା ଯାହାକି ପ୍ରତିଷ୍ଠାନର ସ୍ଥାୟିତ୍ୱ (survival) ଏବଂ ବିକାଶ ନିମନ୍ତେ ଆବଶ୍ୟକ ଅଟେ । ଏହା ବ୍ୟବସାୟରେ ବିନିଯୁକ୍ତ ରାଶିର ସହାୟତାରେ ଉପାର୍ଜିତ ହୋଇଥାଏ । ତେଣୁ ଏହା ଜାଣିବା ଆବଶ୍ୟକ ହୋଇଥାଏ କି ବ୍ୟବସାୟରେ ବିନିଯୁକ୍ତ ରାଶିର ସହାୟତାରେ କେତେ ଲାଭ ହୋଇଅଛି । ଏହା ଲାଭପ୍ରଦତ୍ତା ଅନୁପାତ ଗୁଡ଼ିକ ଜରିଆରେ ସମ୍ଭବ ହୋଇଥାଏ । ଏହି ଅନୁପାତ ଗୁଡ଼ିକ ଦ୍ୱାରା ବ୍ୟବସାୟ ସଂସ୍ଥାର ଚଳନ୍ତି ସଂଚାଳନ କୃତି ଏବଂ ଦକ୍ଷତାର ଯାଞ୍ଚ କରାଯାଇଥାଏ । ଏହି ଅନୁପାତ ଗୁଡ଼ିକ ହ୍ରାସମାନ (ଅବନତି) ଧାରା କ୍ଷେତ୍ରରେ ପ୍ରତିକାର ମୂଳକ ପଦକ୍ଷେପ ଗ୍ରହଣ କରିବାରେ ପରିଚାଳକଙ୍କୁ ସହାୟତା କରିଥାଏ । ଗୁରୁତ୍ୱପୂର୍ଣ୍ଣ ଲାଭପ୍ରଦତ୍ତା ଅନୁପାତ ଗୁଡ଼ିକ ହେଲା :

(i) ସ୍ଥୂଳ (ମୋଟ) ଲାଭ ଅନୁପାତ

(ii) ଶୁଦ୍ଧ (ନିଟ୍) ଲାଭ ଅନୁପାତ

(iii) ସଂଚାଳନ ଲାଭ ଅନୁପାତ

(iv) ବିନିଯୋଗ ଉପରେ ପ୍ରତିଦାନ ଅନୁପାତ

### (i) ସ୍ଥୂଳ ଲାଭ ଅନୁପାତ (Gross profit ratio)

ଏହା ସ୍ଥୂଳ (ମୋଟ) ଲାଭର ନିଟ୍ ବିକ୍ରୀ ସହିତ ସମ୍ବନ୍ଧକୁ ବ୍ୟକ୍ତ କରେ । ଏହା ଶତକଡ଼ାରେ ପ୍ରକାଶ କରାଯାଏ । ଏହାର ହିସାବ ଏହିପରି କରାଯାଏ :

$$\text{ସ୍ଥୂଳ ଲାଭ ଅନୁପାତ} = \frac{\text{ସ୍ଥୂଳ ଲାଭ}}{\text{ନିଟ୍ ବିକ୍ରୟ}} \times 100$$





ଯେଉଁଠି, ନିଟ୍ ବିକ୍ରୟ = ମୋଟ ବିକ୍ରୟ – (ବିକ୍ରୟ ଫେରସ୍ତ + ଅବକାରୀ ଶୁଳ୍କ)

ସ୍ଥୁଳ ଲାଭ = ନିଟ୍ ବିକ୍ରୟ – ବିକ୍ରୀ ହୋଇଥିବା ମାଲ୍‌ର ପରିବ୍ୟୟ ।

**ମହତ୍ତ୍ୱ**

ସ୍ଥୁଳ ଲାଭ ଅନୁପାତ ଲାଭର ମାର୍ଜିନ୍ (ସୀମା) ଦର୍ଶାଇ ଥାଏ । ଏକ ଉଚ୍ଚ ସ୍ଥୁଳ ଲାଭ ଅନୁପାତ ପରିଚାଳକଙ୍କ ପାଇଁ ଏକ ବଡ଼ ଆତ୍ମ ସନ୍ତୋଷର ବିଷୟ ଅଟେ । ଏହା ବିକ୍ରୀ ହୋଇଥିବା ମାଲ୍‌ର ପରିବ୍ୟୟର ସ୍ୱଳ୍ପତାକୁ ବ୍ୟକ୍ତ କରେ । ସ୍ଥୁଳ ଲାଭର ଅନୁପାତ ଯେତେ ଅଧିକ ହେବ ବିକ୍ରୀ ହୋଇଥିବା ମାଲ୍‌ର ପରିବ୍ୟୟ ସେତେ କମ୍ ହେବ ।

**ଉଦାହରଣ 4**

ନିମ୍ନଲିଖିତ ଏକ ବ୍ୟବସାୟର ବିବରଣୀରୁ ସ୍ଥୁଳ ଲାଭ ଅନୁପାତ ନିର୍ଦ୍ଧାରଣ କର :

| ବିବରଣୀ | 2005 (r) | 2006 (r) |
|---|---|---|
| ବିକ୍ରୟ | 1,20,000 | 1,60,000 |
| ସ୍ଥୁଳ ଲାଭ | 40,000 | 60,000 |

**ସମାଧାନ :**

2005 ସ୍ଥୁଳ ଲାଭ ଅନୁପାତ $= \frac{₹40,000}{₹1,20,000} \times 100 = 33.3\%$

2006 ସ୍ଥୁଳ ଲାଭ ଅନୁପାତ $= \frac{₹60,000}{₹1,60,000} \times 100 = 37.5\%$

**ଉଦାହରଣ 5**

ନିମ୍ନ ତଥ୍ୟରୁ ସ୍ଥୁଳ ଲାଭ ଅନୁପାତ ହିସାବ କର :

ବିକ୍ରୟ r 3,25,000, ବିକ୍ରୟ ଫେରସ୍ତ r 25,000 ଏବଂ ବିକ୍ରୀ ହୋଇଥିବା ମାଲ୍‌ର ପରିବ୍ୟୟ r 2,40,000

**ସମାଧାନ :**

ସ୍ଥୁଳ ଲାଭ ଅନୁପାତ $\frac{\text{ସ୍ଥୁଳ ଲାଭ}}{\text{ନିଟ୍ ବିକ୍ରୟ}} \times 100$

ସ୍ଥୁଳ ଲାଭ = ନିଟ୍ ବିକ୍ରୟ – ବିକ୍ରୀ ହୋଇଥିବା ମାଲ୍‌ର ପରିବ୍ୟୟ

= r 3,00,000 – r 2,40,000 = r 60,000

ସ୍ଥୁଳ ଲାଭ ଅନୁପାତ $= \frac{₹60,000}{₹3,00,000} \times 100 = 20\%$







**(ii) ନିଟ୍ ଲାଭ ଅନୁପାତ (Net profit ratio)**

ନିଟ୍ ଲାଭ ଏବଂ ବିକ୍ରୟର ଅନୁପାତକୁ ନିଟ୍ ଲାଭ ଅନୁପାତ କୁହାଯାଏ । ଏହା ବିକ୍ରୀ ଉପରେ ବିକ୍ରୀ ଲାଭର ସୀମା (ମାର୍ଜିନ)କୁ ସୂଚାଇ ଥାଏ । ଏହା ଶତକଡ଼ା ଆକାରରେ ପ୍ରକାଶ କରାଯାଏ । ଏହି ଅନୁପାତ ବାହର କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଲା ସାମଗ୍ରିକ ଲାଭ ପ୍ରଦତ୍ତା ସ୍ଥିର କରିବା । ଏହି ଅନୁପାତର ହିସାବ ଏହି ପରି କରାଯାଏ :

$$\text{ନିଟ୍‌ଲାଭ ଅନପ୍ଲାତ} = \frac{\text{ନିଟ୍ ଲାଭ}}{\text{ନିଟ୍‌ବକ୍ରିୟ}} \times 100$$

**ମହତ୍ତ୍ୱ**

ନିଟ୍ ଲାଭ ଅନୁପାତ ବ୍ୟବସାୟର ସାମଗ୍ରିକ (ସମୁଦାୟ) କାର୍ଯ୍ୟ ଦକ୍ଷତାର ନିର୍ଣ୍ଣୟ କରିଥାଏ । ଏହା ସଂଚାଳନ ବ୍ୟୟ ହ୍ରାସ କରିବାରେ ପରିଚାଳକ କେତେ ଦୂର ଫଳପ୍ରଦ (ସଫଳ) ହୋଇଛନ୍ତି ତାହା ସୂଚାଇ ଥାଏ । ନିଟ୍ ଲାଭ ଅନୁପାତ ଯେତେ ଅଧିକ ହେବ ବ୍ୟବସାୟ ପାଇଁ ଏହା ସେତେ ଭଲ ହେବ ।

**ଉଦାହରଣ 6**

ନିମ୍ନ ଲିଖିତରୁ ନିଟ୍ ଲାଭ ହିସାବ କର

| | |
|---|---|
| ନିଟ୍ ଲାଭ | ₹ 45,000 |
| ବିକ୍ରୟ | ₹ 6,40,000 |
| ବିକ୍ରୟ ଫେରସ୍ତ | ₹ 40,000 |

**ସମାଧାନ :**

$$\text{ନିଟ୍ ଲାଭ ଅନୁପାତ} = \frac{\text{ନିଟ୍ ଲାଭ}}{\text{ନିଟ୍ ବିକ୍ରୟ}} \times 100$$

ନିଟ୍ ବିକ୍ରୟ = ବିକ୍ରୟ − ବିକ୍ରୟ ଫେରସ୍ତ

= ₹ 6,40,000 – ₹ 40,000 = ₹ 6,00,000

$$\text{ନିଟ୍ ଲାଭ ଅନୁପାତ} = \frac{₹45{,}000}{₹6{,}00{,}000} \times 100 = 7.5\%$$

**ଉଦାହରଣ 7**

ନିମ୍ନଲିଖିତ ସଂଖ୍ୟାଗୁଡ଼ିକରୁ ସ୍ଥୁଳ ଲାଭ ଅନୁପାତ ଏବଂ ଶୁଦ୍ଧ (ନିଟ୍) ଲାଭ ଅନୁପାତ ହିସାବ କର:

| | |
|---|---|
| ବିକ୍ରୟ | ₹ 1,50,000 |
| ବିକ୍ରୀ ହୋଇଥିବା ମାଲ୍‌ର ପରିବେୟ | ₹ 1,20,000 |
| ସଂଚାଳନ ବ୍ୟୟ | ₹ 12,000 |





**ସମାଧାନ :**

$$\text{ସ୍ଥୁଳ ଲାଭ ଅନୁପାତ} = \frac{\text{ସ୍ଥୁଳ ଲାଭ}}{\text{ନିଟ୍ ବିକ୍ରିୟ}} \times 100$$

ସ୍ଥୁଳ ଲାଭ = ବିକ୍ରୟ – ବିକ୍ରୀ ହୋଇଥିବା ମାଲ୍‌ର ପରିବ୍ୟୟ

= r 1,50,000 – r 1,20,000

= r 30,000

$$\text{ସ୍ଥୁଳ ଲାଭ ଅନୁପାତ} = \frac{₹30,000}{₹1,50,000} \times 100 = 20\%$$

$$\text{ଶୁଦ୍ଧ (ନିଟ୍) ଲାଭ ଅନୁପାତ} = \frac{\text{ନିଟ୍ ଲାଭ}}{\text{ନିଟ୍ ବିକ୍ରୟ}} \times 100$$

ନିଟ୍ ଲାଭ = ସ୍ଥୁଳ ଲାଭ – ସଂଚାଳନ ବ୍ୟୟ

= r 30,000 – r 12,000

= r 18,000

$$\text{ନିଟ୍ ଲାଭ ଅନୁପାତ} = \frac{₹18,000}{₹1,50,000} \times 100 = 12\%$$

(iii) ସଂଚାଳନ ଲାଭ ଅନୁପାତ (Operating Profit ratio)

ସଂଚାଳନ ଲାଭ ସଂଚଳନ ଦକ୍ଷତାର ଏକ ସୂଚକ । ଏହା ସାମଗ୍ରିକ ଦକ୍ଷତାକୁ ପ୍ରକଟ କରିଥାଏ । ଏହା ସଂଚାଳନ ଲାଭ ଏବଂ ନିଟ୍ ବିକ୍ରୟ ମଧ୍ୟରେ ସମ୍ବନ୍ଧ ସ୍ଥାପନ କରେ । ଏହି ଅନୁପାତ ଶତକଡ଼ାରେ ପ୍ରକାଶ କରାଯାଏ । ଏହାର ହିସାବ ଏହିପରି କରାଯାଏ :

$$\text{ସଂଚାଳନ ଲାଭ ଅନୁପାତ} = \frac{\text{ସଂଚାଳନ ଲାଭ}}{\text{ନିଟ୍ ବିକ୍ରୟ}} \times 100$$

ସଂଚାଳନ ଲାଭ = ସ୍ଥୁଳ ଲାଭ – (ପ୍ରଶାସନିକ ବ୍ୟୟ + ବିକ୍ରୟ ଜନିତ ବ୍ୟୟ)

**ମହତ୍ତ୍ୱ**

ଏହା ବ୍ୟବସାୟର ସାମଗ୍ରିକ ଦକ୍ଷତାକୁ ଯାଞ୍ଚ କରିବାରେ ସହାୟତା କରେ । ଏହା ବ୍ୟବସାୟର ଲାଭ ପ୍ରଦତ୍ତା ଏବଂ ସୁଦୃଢ଼ତା (ସ୍ୱଚ୍ଛଳତା)କୁ ମାପିଥାଏ । ଏହି ଅନୁପାତ ଯେତେ ଅଧିକ ହେବ ବ୍ୟବସାୟର ଲାଭପଦତ୍ତା ସେତେ ଭଲ ହେବ । ଏହି ଅନୁପାତ ନଗଦ ଅର୍ଥ ଉପରେ ନିୟନ୍ତ୍ରଣ ରଖିବାରେ ମଧ୍ୟ ସହାୟକ ହୋଇଥାଏ ।



ଟିପ୍ପଣୀ



**ଉଦାହରଣ 8**

ଏକ ବ୍ୟବସାୟ ସଂସ୍ଥାର ନିମ୍ନ ବିବରଣୀରୁ ସଂଚାଳନ ଲାଭ ଅନୁପାତ ନିର୍ଦ୍ଧାରଣ କର :

| ବିବରଣୀ | 2005<br>r | 2006<br>r |
|---|---|---|
| ବିକ୍ରୟ | 60,000 | 80,000 |
| ଋଣପତ୍ର ପରେ ସୁଧ | 1,000 | 2,000 |
| ନିଟ୍ ଲାଭ | 3,800 | 6,000 |

**ସମାଧାନ :**

2005

ସୁଧ ପୂର୍ବରୁ ନିଟ୍ ଲାଭ = ନିଟ୍ ଲାଭ + ସୁଧ

= r 3,800 + r 1,000

= r 4,800

ସଂଚାଳନ ଲାଭ ଅନୁପାତ $= \frac{₹4,800}{₹60,000} \times 100 = 8\%$

2006

ସୁଧ ପୂର୍ବରୁ ନିଟ୍ ଲାଭ = r 6,000 + r 2,000

= r 8,000

ସଂଚାଳନ ଲାଭ ଅନୁପାତ $= \frac{₹8,000}{₹80,000} \times 100 = 10\%$

> କିଛି ସଂସ୍ଥା କରଦେବା ପୂର୍ବର ଲାଭକୁ ନେଇଥା'ନ୍ତି କିନ୍ତୁ କମ୍ପାନୀଗୁଡ଼ିକ ସାଧାରଣତଃ କର ଦେବା ପରେ ଲାଭକୁ ହିସାବକୁ ନେଇଥା'ନ୍ତି ।

**ଉଦାହରଣ 9**

ନିମ୍ନଲିଖିତ ତଥ୍ୟରୁ ସଂଚାଳନ ଲାଭ ଅନୁପାତ ହିସାବ କର :

| | r |
|---|---|
| ବିକ୍ରୟ | 3,00,000 |
| ସ୍ଥୁଳ ଲାଭ | 1,20,000 |
| ପ୍ରଶାସନିକ ବ୍ୟୟ | 35,000 |



ଟିପ୍ପଣୀ

| | |
|---|---|
| ବିକ୍ରୟ ଓ ବଣ୍ଟନ ବ୍ୟୟ | 25,000 |
| ବିନିଯୋଗ ଉପରେ ଆୟ | 15,000 |
| ଅଗ୍ନି ଦ୍ୱାରା କ୍ଷତି | 9,000 |

**ସମାଧାନ :**

ସଂଚାଳନ ଲାଭ ଅନୁପାତ $= \dfrac{\text{ନିଟ୍ ସଂଚାଳନ ଲାଭ}}{\text{ନିଟ୍ ବିକ୍ରୟ}} \times 100$

$= \dfrac{₹60{,}000}{₹3{,}00{,}000} \times 100 = 20\%$

**ଟିପ୍ପଣୀ :** ସଂଚାଳନ ଲାଭ = ସ୍ଥୁଳ ଲାଭ – (ପ୍ରଶାସନିକ ବ୍ୟୟ + ବିକ୍ରୟ ବ୍ୟୟ)

= r 1,20,000 – (r 35,000 + r25,000)

= r 1,20,000 – r 60,000

= r 60,000

(iv) ବିନିଯୋଗ / ନିବେଶ ଉପରେ ପ୍ରତିଦାନ ଅନୁପାତ (Return on Investment Ratio)

ବିନିଯୁକ୍ତ ପୁଞ୍ଜି ଉପରେ ପ୍ରତିଦାନ ଏକ ମୌଳିକ ଲାଭ ପ୍ରଦତ୍ତା ଅନୁପାତ ଅଟେ । ଏହି ଅନୁପାତ ନିଟ୍ ଲାଭ (ସୁଧ, କର ଏବଂ ଲାଭାଂଶ ପ୍ରଦାନ ପୂର୍ବର) ଏବଂ ନିୟୋଜିତ ପୁଞ୍ଜି ମଧ୍ୟରେ ସମ୍ବନ୍ଧ ସ୍ଥାପନ କରେ । ଏହା ବିନିଯୋଗ ଉପରେ ଏକ ପ୍ରତିଶତ ରୂପରେ ପ୍ରକାଶ କରାଯାଏ । ଏଠାରେ ବିନିଯୋଗ ଶବ୍ଦଟି ବ୍ୟବସାୟରେ ବିନିଯୁକ୍ତ (ନିବେଶିତ) ଦୀର୍ଘ -ମିଆଦୀ ପାଣ୍ଠିକୁ ବୁଝାଇ ଥାଏ । ଏହି ବିନିଯୋଗକୁ ନିୟୋଜିତ ପୁଞ୍ଜି କୁହାଯାଏ ।

ଯେଉଁଠି ନିୟୋଜିତ ପୁଞ୍ଜି = ସମତା ଅଂଶ ପୁଞ୍ଜି + ଅଗ୍ରାଧିକାର ଯୁକ୍ତ ଅଂଶ ପୁଞ୍ଜି
+ ସଞ୍ଚିତି ଏବଂ ବଳକା + ଦୀର୍ଘ ମିଆଦୀ ଦାୟ
– କାଳ୍ପନିକ ପରିସମ୍ପତ୍ତି – ଅଣ ବ୍ୟାପାରିକ ବିନିଯୋଗ

କିମ୍ବା, ନିୟୋଜିତ ପୁଞ୍ଜି = (ସ୍ଥାୟୀ ପରିସମ୍ପତ୍ତି – ମୂଲ୍ୟ ହ୍ରାସ) + (ଚଳନ୍ତି ପରିସମ୍ପତ୍ତି – ଚଳନ୍ତି ଦାୟ)

କିମ୍ବା, ନିୟୋଜିତ ପୁଞ୍ଜି = (ସ୍ଥାୟୀ ପରିସମ୍ପତ୍ତି – ମୂଲ୍ୟହ୍ରାସ) + (କାର୍ଯ୍ୟକାରୀ ପୁଞ୍ଜି)

ଏହି ଅନୁପାତ 'ନିୟୋଜିତ ପୁଞ୍ଜି ଉପରେ ପ୍ରତିଦାନ ଅନୁପାତ' ନାମରେ ମଧ୍ୟ ଜଣାଶୁଣା । ଏହା ନିମ୍ନ ପ୍ରକାର ହିସାବ କରାଯାଏ :

$$\text{ବିନିଯୋଗ ଉପରେ ପ୍ରତିଦାନ ଅନୁପତ} = \frac{\text{ସୁଧ, କର ଏବଂ ଲାଭାଂଶ ପ୍ରଦାନ ପୂର୍ବର ନିଟ୍ ଲାଭ}}{\text{ନିୟୋଜିତ ପୁଞ୍ଜି}} \times 100$$





**ଟିପ୍ପଣୀ :** ଯଦି ସୁଧ, କର ଏବଂ ଲାଭାଂଶ ପ୍ରଦାନ ପରେ ନିଟ୍ ଲାଭର ପରିମାଣ ପ୍ରଦତ୍ତ ଥାଏ, ତେବେ ସେଥିରେ ସୁଧ, କର ଏବଂ ଲାଭାଂଶକୁ ଯୋଗ କରି ସୁଧ, କର ଏବଂ ଲାଭାଂଶ ପ୍ରଦାନ ପୂର୍ବର ନିଟ୍ ଲାଭ ବାହାର କରାଯାଏ ।

**ମହତ୍ତ୍ୱ**

ବିନିଯୋଗ ଉପରେ ପ୍ରତିଦାନ ଅନୁପାତ ଦ୍ୱାରା ବ୍ୟବସାୟର ସାମଗ୍ରିକ ଦକ୍ଷତାର ଆକଳନ କରାଯାଏ । ଏହା ବ୍ୟବସାୟର ସମ୍ବଳର କେତେ ଦକ୍ଷପୂର୍ଣ୍ଣ ଉପଯୋଗ ହେଉଅଛି ତାହା ମାପିଥାଏ । ଅନ୍ୟ ଶବ୍ଦରେ କହିବାକୁ ଗଲେ, ଏହା ବ୍ୟବସାୟର ନିଟ୍ ପରିସମ୍ପତ୍ତିର ଉପାର୍ଜନ କ୍ଷମତା କେତେ ତାହା ବ୍ୟକ୍ତ କରିଥାଏ । ଏହି ଅନୁପାତ ଯେତେ ଉଚ୍ଚ ହେବ ପରିଚାଳନା ଏବଂ ବିନିଯୁକ୍ତ ପୁଞ୍ଜିର ଉପଯୋଗ ସେତେ ଅଧିକ ଦକ୍ଷ ବିବେଚିତ ହେବ ।

**ଉଦାହରଣ 10**

ନିମ୍ନ ଲିଖିତଟି ଏକ୍ସ ଲିଃ. ର 31 ଡିସେମ୍ବର 2006 ର ଉଦ୍‌ବୃତ୍ତ ପତ୍ର ଅଟେ ।

| ଦାୟ | ପରିମାଣ r | ପରିସମ୍ପତ୍ତି | ପରିମାଣ r |
|---|---|---|---|
| ଅଂଶ ପୁଞ୍ଜି | 20,00,000 | ସ୍ଥାୟୀ ପରିସମ୍ପତ୍ତି (ନିଟ୍) | 29,00,000 |
| ସଞ୍ଚିତି | 6,00,000 | ଚଳନ୍ତି ପରିସମ୍ପତ୍ତି | 25,00,000 |
| 10% ଋଣ | 10,00,000 | ଠିକାଧାରୀ (ଅଣ୍ଡର ରାଇଟିଙ୍ଗ୍) | |
| ଚଳନ୍ତି ଦାୟ | 14,00,000 | କମିଶନ | 1,00,000 |
| ବର୍ଷର ଲାଭ | 5,00,000 | | |
| | 55,00,000 | | 55,00,000 |

2006 ବର୍ଷ ପାଇଁ ନିବେଶ ଉପରେ ପ୍ରତିଦାନ ବାହାର କର ।

**ସମାଧାନ :**

| | | r |
|---|---|---|
| ସୁଧ ପୂର୍ବରୁ ଲାଭ : | ପ୍ରଦତ୍ତ ଲାଭ | 5,00,000 |
| | ଯୁକ୍ତ : ସୁଧ | 1,00,000 |
| | ସୁଧ, କର ଲାଭାଂଶ ପୂର୍ବରୁ ନିଟ୍ ଲାଭ | 6,00,000 |
| ନିୟୋଜିତ ପୁଞ୍ଜି : | ନିଟ୍ ସ୍ଥାୟୀ ପରିସମ୍ପତ୍ତି | 29,00,000 |
| | ଯୁକ୍ତ : କାର୍ଯ୍ୟକାରୀ ପୁଞ୍ଜି | 11,00,000 |
| | ନିୟୋଜିତ ପୁଞ୍ଜି | 40,00,000 |

କାର୍ଯ୍ୟକାରୀ ପୁଞ୍ଜି = ଚଳନ୍ତି ପରିସମ୍ପତ୍ତି – ଚଳନ୍ତି ଦାୟ (ଅର୍ଥାତ୍ 25,00,000 – 14,00,000)

$$\text{ନିବେଶ ଉପରେ ପ୍ରତିଦାନ ଅନୁପାତ} = \frac{\text{ସୁଧ, କର ଓ ଲାଭାଂଶ ପୂର୍ବରୁ ନିଟ୍ ଲାଭ}}{\text{ନିୟୋଜିତ ପୁଞ୍ଜି}} \times 100$$

$$= \frac{\backslash\ 6,00,000}{\backslash\ 40,00,000}\ ´\ 100 = 15\%$$

**ବିକଳ୍ପ ସ୍ୱରୂପ**

| | |
|---|---|
| ଅଂଶ ପୁଞ୍ଜି | 20,00,000 |
| ସ୍‌ଂଚିତି | 11,00,000 |
| ଋଣ | 10,00,000 |
| | 41,00,000 |
| ବିଯୁକ୍ତ : ଠିକାଧାରୀ କମିଶନ୍ | 1,00,00 |
| ନିୟୋଜିତ ପୁଞ୍ଜି | 40,00,000 |

$$\text{ନିବେଶ ଉପରେ ପ୍ରତିଦାନ ଅନୁପାତ} = \frac{\text{ସୁଧ, କର ଓ ଲାଭାଂଶ ପୂର୍ବରୁ ନିଟ୍ ଲାଭ}}{\text{ନିୟୋଜିତ ପୁଞ୍ଜି}}\ ´\ 100$$

$$\frac{6,00,000}{40,00,000}\ ´\ 100 = 15\%$$

ଉଦାହରଣ **11**

ନିମ୍ନ ଲିଖିତ ତଥ୍ୟରୁ ନିୟୋଜିତ ପୁଞ୍ଜି ଉପରେ ପ୍ରତିଦାନ ହିସାବ କର :

ନିଟ୍ ସ୍ଥାୟୀ ପରିସମ୍ପତ୍ତି r 1,00,000, ଚଳନ୍ତି ପରିସମ୍ପତ୍ତି r 50,000, ଚଳନ୍ତି ଦାୟ r 25,000, ସ୍ଥୁଳ ଲାଭ r 32,500, ଦୀର୍ଘ-ମିଆଦୀ ଋଣ ଉପରେ ସୁଧ r 7,500 କର r 8,750, କାର୍ଯ୍ୟାଳୟ ଓ ପ୍ରଶାସନିକ ବ୍ୟୟ r 2,500, ବିକ୍ରୟ ଓ ବଣ୍ଟନ ବ୍ୟୟ r 5,000 । ଦୀର୍ଘ ମିଆଦୀ ନିବେଶ / ବିନିଯୋଗ କିଛି ନଥିଲା ।

**ସମାଧାନ :**

ନିୟୋଜିତ ପୁଞ୍ଜି ଉପରେ ପ୍ରତିଦାନର ହିସାବ :

ସୁଧ ଏବଂ କର ପୂର୍ବରୁ ନିଟ୍ ଲାଭ = ସ୍ଥୁଳ ଲାଭ – କାର୍ଯ୍ୟାଳୟ ଓ ପ୍ରଶାସନିକ ବ୍ୟୟ – ବିକ୍ରୟ ଓ ବଣ୍ଟନ ବ୍ୟୟ

= r 32,500 – r 2,500 – r 5,000







= r 25,000

ନିୟୋଜିତ ପୁଞ୍ଜି = ନିଟ୍ ସ୍ଥାୟୀ ପରିସମ୍ପତ୍ତି + ଚଳନ୍ତି ପରିସମ୍ପତ୍ତି – ଚଳନ୍ତି ଦାୟ

= r 1,00,000 + r 50,000 – r 25,000

= r 1,25,000

$$\text{ନିୟୋଜିତ ପୁଞ୍ଜି ଉପରେ ପ୍ରତିଦାନ} = \frac{\text{ସୁଧ ଏବଂ କର ପୂର୍ବରୁ ନିଟ୍ ଲାଭ}}{\text{ନିୟୋଜିତ ପୁଞ୍ଜି}} \times 100$$

$$= \frac{₹25,000}{₹1,25,000} \times 100 = 20\%$$

**ଉଦାହରଣ 12**

ନିମ୍ନରେ ମେ. ଏବିସି ଲିଃର ଉଦ୍‌ବୃତ୍ତ ପତ୍ର ଦିଆଯାଇଛି, ନିବେଶ ଉପରେ ପ୍ରତିଦାନ ହିସାବ କର ।

| ଦାୟ | ପରିମାଣ r | ପରିସମ୍ପତ୍ତି | ପରିମାଣ r |
|---|---|---|---|
| ସମତା ଅଂଶ ପୁଞ୍ଜି | 10,00,000 | ନିଟ୍ ସ୍ଥାୟୀ ପରିସମ୍ପତ୍ତି | 15,00,000 |
| ସଞ୍ଚିତି | 2,50,000 | ଚଳନ୍ତି ପରିସମ୍ପତ୍ତି | 12,50,000 |
| ବର୍ଷର ଲାଭ | 2,50,000 | ଋଣ ପତ୍ର ନିର୍ଗମନରେ ରିହାତି | 50,000 |
| 10% ଋଣ ପତ୍ର | 5,00,000 | | |
| ଚଳନ୍ତି ଦାୟ | 8,00,000 | | |
| | 28,00,000 | | 28,00,000 |

**ସମାଧାନ :**

$$\text{ନିବେଶ ଉପରେ ପ୍ରତିଦାନ} = \frac{\text{ସୁଧ, କର ଓ ଲାଭାଂଶ ପୂର୍ବରୁ ନିଟ୍‌ଲାଭ}}{\text{ନିୟୋଜିତ ପୁଞ୍ଜି}} \times 100$$

ସୁଧ, କର ଓ ଲାଭାଂଶ ପୂର୍ବରୁ ନିଟ୍ ଲାଭ = ଲାଭ + ଋଣ ପତ୍ର ଉପରେ ସୁଧ

= r 2,50,000 + r 50,000

= r 3,00,000

ନିୟୋଜିତ ପୁଞ୍ଜି = ସମତା ଅଂଶ + ସଞ୍ଚିତି ଓ ଅଧିବଳକା + ଋଣ ପତ୍ର – ଋଣପତ୍ରରେ ରିହାତି





= r 10,00,000 + r 2,50,000 + r 2,50,000

+ r 5, 00, 000 – r 50,000

= r 19,50,000

କିମ୍ବା, ନିୟୋଜିତ ପୁଞ୍ଜି = ନିଟ୍ ସ୍ଥାୟୀ ପରିସମ୍ପତ୍ତି + (ଚଳନ୍ତି ପରିସମ୍ପତ୍ତି – ଚଳନ୍ତି ଦାୟ)

= r 15,00,000 + (r12,50,000 – r 8,00,000)

= r 15,00,000 + r 4,50,000

= r19,50,000

ନିବେଶ ଉପରେ ପ୍ରତିପାଦାନ = $\frac{₹3,00,000}{₹19,50,000} \times 100 = 15.4\%$

**ଉଦାହରଣ 13**

ନିମ୍ନ ଲିଖିତ ସୂଚନାରୁ ନିବେଶ (ବିନିଯୋଗ) ଉପରେ ପ୍ରତିଦାନ ହିସାବ କର :

| ସୂଚନା | ପରିମାଣ (r) |
|---|---|
| ଅଂଶ ପୁଞ୍ଜି | 1,60,000 |
| ସାଧାରଣ ସଂଚିତି | 60,000 |
| ଲାଭ ଓ କ୍ଷତି ହିସାବ | 1,00,000 |
| 15% ସୁଧ ହାରରେ ଋଣ | 2,00,000 |
| ବର୍ଷର ବିକ୍ରୀ | 5,60,000 |
| ବର୍ଷ ମଧ୍ୟରେ କର ପୈଠ ହେଲା | 40,000 |
| ଚଳିତ ବର୍ଷ ପାଇଁ ସୁଧ ଓ କର ପ୍ରଦାନ ପରେ ଲାଭ | 80,000 |

**ସମାଧାନ :**

ନିବେଶ ଉପରେ ପ୍ରତିଦାନ = $\frac{\text{ସୁଧ ଏବଂ କର ପୂର୍ବରୁ ଲାଭ}}{\text{ନିୟୋଜିତ ପୁଞ୍ଜି}} \times 100$

$$= \frac{\backslash\ 80,000 + \backslash\ 40,000 + \backslash\ 30,000}{\backslash\ 1,60,000 + \backslash\ 60,000 + \backslash\ 1,00,000 + \backslash\ 2,00,000}$$

$$= \frac{r\ 1,50,000}{r\ 5,20,000} \times 100$$

= 28.84%



ଟିପ୍ପଣୀ



## ପାଠ୍ୟଗତ ପ୍ରଶ୍ନ 29.2

ଉପଯୁକ୍ତ ଶବ୍ଦ / ଶବ୍ଦାବଳୀ ସାହାଯ୍ୟରେ ଶୂନ୍ୟସ୍ଥାନ ପୂରଣ କର :

(i) ନିବେଶ ଉପରେ ପ୍ରତିଦାନ ଏକ .............. ଅନୁପାତ ଅଟେ ।

(ii) ସ୍ଥୁଳ ଲାଭ ଅନୁପାତ = .................. × 100

(iii) ନିୟୋଜିତ ପୁଞ୍ଜି = ......................

(iv) ...................... = $\frac{\text{ସଂଚାଳନ ଲାଭ}}{\text{ନିଟ୍ ବିକ୍ରୟ}} \times 100$

(v) ବ୍ୟବସାୟ ସଂସ୍ଥାର ଲାଭ ପ୍ରଦତ୍ତା ସହ ସମ୍ବନ୍ଧିତ ଅନୁପାତ ଗୁଡ଼ିକର ନାମ ଲେଖ :.................
.......................................................................................... ।

## 29.3 ଉତ୍ତୋଳନ ଅନୁପାତ (Leverage Ratio)

ଉତ୍ତୋଳନ ଅନୁପାତ ‘ପୁଞ୍ଜି ସଂରଚନା ଅନୁପାତ’ ନାମରେ ମଧ୍ୟ ବିଦିତ । ପୁଞ୍ଜି ସଂରଚନା ପଦଟି ସଞ୍ଚିତି ଏବଂ ଅଧିବଳକାକୁ ମିଶାଇ ବିଭିନ୍ନ ଦୀର୍ଘ ମିଆଦୀ ବିତ୍ତ ଯୋଗାଣ (financing) ଯଥା ଋଣପତ୍ର (ଦୀର୍ଘ ମିଆଦୀ), ଆଗ୍ରାଧିକାର ଯୁକ୍ତ ଅଂଶ ପୁଞ୍ଜି ଏବଂ ସାଧାରଣ (ସମତା) ଅଂଶ ପୁଞ୍ଜି ମଧ୍ୟରେ ଥିବା ସମ୍ବନ୍ଧକୁ ବୁଝାଇ ଥାଏ । ପ୍ରତ୍ୟେକ ବ୍ୟବସାୟରେ ସଂସ୍ଥାର ପରିସମ୍ପତ୍ତି ଗୁଡ଼ିକ ପାଇଁ ଅର୍ଥ ଯୋଗାଣ ଏକ ଜଟିଳ ସମସ୍ୟା ଅଟେ ଏବଂ ନିୟମାନୁସାରେ ସଂସ୍ଥାର ପରିସମ୍ପତ୍ତି ପାଇଁ ଅର୍ଥଯୋଗାଣରେ ଋଣ ଓ ସମତା ପୁଞ୍ଜିର ଉପଯୁକ୍ତ ମିଶ୍ରଣ ହେବା ଉଚିତ । ଉତ୍ତୋଳନ ବା ପୁଞ୍ଜି ସଂରଚନା ଅନୁପାତ ଗୁଡ଼ିକ ସଂସ୍ଥାର ଦୀର୍ଘମିଆଦୀ ଆର୍ଥିକ ସ୍ଥିତିକୁ ଯାଞ୍ଚ କରିବା ପାଇଁ ହିସାବ କରାଯାଏ । ସାଧାରଣତଃ ସଂସ୍ଥାର ଉତ୍ତୋଳନ ବା ପୁଞ୍ଜି ସଂରଚନାର ବିଶ୍ଳେଷଣ କରିବା ନିମନ୍ତେ ‘ପୁଞ୍ଜି ଗିୟରିଙ୍ଗ୍ ଅନୁପାତ’ ମୁଖ୍ୟତଃ ହିସାବ କରାଯାଏ ।

**ପୁଞ୍ଜି ଗିୟରିଙ୍ଗ୍ ଅନୁପାତ** (Capital gearing ratio)

ପୁଞ୍ଜି ଗିୟରିଙ୍ଗ୍ ଅନୁପାତକୁ ସଞ୍ଚିତି ଓ ଅଧିବଳକା ସହିତ ସାଧାରଣ (ସମତା) ଅଂଶ ପୁଞ୍ଜି ଏବଂ ଅଗ୍ରାଧିକାରଯୁକ୍ତ ଅଂଶ ପୁଞ୍ଜି ତଥା ଅନ୍ୟ ସ୍ଥାୟୀ ସୁଧ ବହନକାରୀ ଋଣ ମଧ୍ୟରେ ସମ୍ପର୍କ ରୂପରେ ବର୍ଣ୍ଣନା କରାଯାଇଥାଏ । ଯଦି ଅଗ୍ରାଧିକାର ଯୁକ୍ତ ଅଂଶ ପୁଞ୍ଜି ଏବଂ ଅନ୍ୟ ସ୍ଥାୟୀ ସୁଧ ବହନକାରୀ ଋଣ ଏକତ୍ର ମିଶି ସାଧାରଣ ଅଂଶ ପୁଞ୍ଜି ଏବଂ ସଞ୍ଚିତି ତଥା ଅଧିବଳକାଠାରୁ ଅଧିକ ହୁଏ ତେବେ ସଂସ୍ଥା ଉଚ୍ଚ ଗିୟର୍‌ରେ ଅଛି ବୋଲି କୁହାଯିବ । ସଂସ୍ଥା ନିମ୍ନ ଗିୟର୍‌ରେ ଅଛି ବୋଲି କୁହାଯିବ ଯଦି ଅଗ୍ରାଧିକାର ଯୁକ୍ତ ଅଂଶ ପୁଞ୍ଜି ଏବଂ ଅନ୍ୟ ସ୍ଥାୟୀ ସୁଧ ବହନକାରୀ ଋଣ ସମତା ଅଂଶ ପୁଞ୍ଜି ଏବଂ ସଞ୍ଚିତିଠାରୁ କମ୍ ହୋଇଥିବ ।

$$\text{ପୁଞ୍ଜି ଗିୟରିଙ୍ଗ୍ ଅନୁପାତ} = \frac{\text{ସାଧାରଣ (ସମତା) ଅଂଶ ପୁଞ୍ଜି} + \text{ସଞ୍ଚିତି ଓ ଅଧିବଳକା}}{\text{ଅଗ୍ରାଧିକାରଯୁକ୍ତ ଅଂଶ ପୁଞ୍ଜି} + \text{ସ୍ଥାୟୀ ସୁଧ ବହନକାରୀ ଦୀର୍ଘ ମିଆଦୀ ଋଣ}}$$



ଟିପ୍ପଣୀ

**ମହତ୍ତ୍ୱ**

ପୁଞ୍ଜି ଗିୟରିଙ୍ଗ୍ ଅନୁପାତ ଏକ ଅତି ଗୁରୁତ୍ୱପୂର୍ଣ୍ଣ ଅନୁପାତ । ଗିୟରିଙ୍ଗ ଏପରି ଭାବେ ରଖାଯିବା ଉଚିତ୍ ଯେପରି କି କମ୍ପାନୀ ଏକ ସ୍ଥିର ଲାଭାଂଶ ହାର ବଜାୟ ରଖିବାରେ ସକ୍ଷମ ହେବ । ଗୋଟିଏ ନୂତନ କମ୍ପାନୀ କିମ୍ବା ଯେଉଁ କମ୍ପାନୀର ଭବିଷ୍ୟତର ଉପାର୍ଜନ ଅନିଶ୍ଚିତ ସେଭଳି କମ୍ପାନୀ ପାଇଁ ଉଚ୍ଚ ଗିୟରିଙ୍ଗ ଅନୁପାତ ଶୁଭଙ୍କର ନୁହେଁ ।

**ଉଦାହରଣ 14**

ନିମ୍ନଲିଖିତ ସୂଚନାଗୁଡ଼ିକରୁ ପୁଞ୍ଜି ଗିୟରିଙ୍ଗ୍ ଅନୁପାତ ବାହାର କର ।

| ଉତ୍ସ | 2005<br>ପରିମାଣ (r) | 2006<br>ପରିମାଣ (r) |
|---|---|---|
| ସମତା ଅଂଶ ପୁଞ୍ଜି | 5,00,000 | 4,00,000 |
| ସଞ୍ଚିତି ଏବଂ ଅଧିବଳକା | 3,00,000 | 2,00,000 |
| 8% ଅଗ୍ରାଧିକାର ଯୁକ୍ତ ଅଂଶ ପୁଞ୍ଜି | 2,50,000 | 3,00,000 |
| 6% ଋଣପତ୍ର | 2,50,000 | 4,00,000 |

**ସମାଧାନ :**

ପୁଞ୍ଜି ଗିୟରିଙ୍ଗ୍ ଅନୁପାତ

$$= \frac{\text{ସମତା ଅଂଶ ପୁଞ୍ଜି} + \text{ସଞ୍ଚିତି ଓ ଅଧିବଳକା}}{\text{ଅଗ୍ରାଧିକାରଯୁକ୍ତ ଅଂଶ ପୁଞ୍ଜି} + \text{ସ୍ଥାୟୀ ସୁଧବହନକାରୀ ଦୀର୍ଘ ମିଆଦୀ ଋଣ}}$$

2005 ବର୍ଷ ପାଇଁ $= \dfrac{\backslash\ 5,00,000 + \backslash\ 3,00,000}{\backslash\ 2,50,000 + \backslash\ 2,50,000} = 8:5$ (ନିମ୍ନ ଗିୟର ଯୁକ୍ତ)

2006 ବର୍ଷ ପାଇଁ $= \dfrac{\backslash\ 4,00,000 + \backslash\ 2,00,000}{\backslash\ 3,00,000 + \backslash\ 4,00,000} = 6:7$ (ଉଚ୍ଚ ଗିୟର ଯୁକ୍ତ)

## ପାଠ୍ୟଗତ ପ୍ରଶ୍ନ 29.3

ଉପଯୁକ୍ତ ଶବ୍ଦ / ଶବ୍ଦାବଳୀ ସାହାଯ୍ୟରେ ଶୂନ୍ୟସ୍ଥାନ ପୂରଣ କର :

(i) ଉତ୍ତୋଳନ ଅନୁପାତ ........... ଅନୁପାତ ନାମରେ ମଧ୍ୟ ବିଦିତ ।

(ii) .......... ଅନୁପାତ ସଂସ୍ଥାର ଦୀର୍ଘ ମିଆଦୀ ଆର୍ଥିକ ସ୍ଥିତିକୁ ଯାଞ୍ଚ କରିବା ପାଇଁ ହିସାବ କରାଯାଏ ।

(iii) .......... $= \dfrac{\text{ସମତା ଅଂଶ ପୁଞ୍ଜି} + \text{ସଞ୍ଚିତି ଏବଂ ଅଧିବଳକା}}{\text{ଅଗ୍ରାଧିକାର ଯୁକ୍ତ ଅଂଶ ପୁଞ୍ଜି} + \text{ସ୍ଥାୟୀ ସୁଧ ବହନ କାରୀ ଦୀର୍ଘ ମିଆଦୀ ଋଣ}}$

(iv) ସଂସ୍ଥାର ପୁଞ୍ଜି ସଂରଚନାର ଅଧ୍ୟୟନ ପାଇଁ ............. ଅନୁପାତ ବ୍ୟବହୃତ ହୁଏ ।





## 29.4 ହିସାବ ରକ୍ଷଣ ଅନୁପାତ ଗୁଡ଼ିକର ସୀମାବଦ୍ଧତା

ଆର୍ଥିକ ବିବରଣୀ ଗୁଡ଼ିକର ବିଶ୍ଳେଷଣରେ ହିସାବରକ୍ଷଣ ଅନୁପାତ ଗୁଡ଼ିକ ଅତି ମହତ୍ତ୍ୱପୂର୍ଣ୍ଣ ଅଟେ । ହିସାବରକ୍ଷଣ ଅନୁପାତ ଗୁଡ଼ିକ ଜରିଆରେ ଏକ ବ୍ୟବସାୟ ସଂସ୍ଥାର ସତ୍ୟ (ପ୍ରକୃତ) ଆର୍ଥିକ ସ୍ଥିତି ଏବଂ ଆର୍ଥିକ ସ୍ୱଚ୍ଛଳତା ଜାଣିବା ସହଜ ସାଧ ହୋଇଥାଏ । ତେବେ ଆନୁପାତିକ ବିଶ୍ଳେଷଣର ଏସବୁ ସୁବିଧା (ଲାଭ) ଥିବା ସତ୍ତ୍ୱେ ଏହାର କେତେକ ଅସୁବିଧା ମଧ୍ୟ ଅଛି । ନିମ୍ନ ଲିଖିତ ଗୁଡ଼ିକ ହିସାବରକ୍ଷଣ ଅନୁପାତ ଗୁଡ଼ିକର ମୁଖ୍ୟ ସୀମାବଦ୍ଧତା ଅଟେ :

- **ଗୁଣାତ୍ମକ ଦିଗର ଉପେକ୍ଷା**

  ଆନୁପାତିକ ବିଶ୍ଳେଷଣ ପରିମାଣାତ୍ମକ ଦିଗ ଉପରେ ପର୍ଯ୍ୟବେଶିତ । ଏହା ଗୁଣାତ୍ମକ ଦିଗକୁ ସମ୍ପୂର୍ଣ୍ଣ ଭାବେ ଉପେକ୍ଷା କରିଥାଏ ଯାହାକି ସମୟ ସମୟରେ ପରିମାଣାତ୍ମକ ଦିଗଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପାରେ ।

- **ଦାମ୍ (ଦର) ସ୍ତରରେ ପରିବର୍ତ୍ତନର ଉପେକ୍ଷା**

  କୌଣସି ଏକ ସମୟାବଧିରେ ହେଉଥିବା ଦାମ୍ ସ୍ତରରେ ପରିବର୍ତ୍ତନ ହେତୁ ସଂଖ୍ୟା (ରାଶି) ଗୁଡ଼ିକର ତୁଳନା କରିବା କଷ୍ଟକର ହୋଇଥାଏ । କୌଣସି ତୁଳନା କରିବା ପୂର୍ବରୁ ଦାମ୍ ସ୍ତରରେ ପରିବର୍ତ୍ତନ ପାଇଁ ଯଥାଯଥ ସମାଯୋଜନ କରାଯିବା ନିହାତି ଆବଶ୍ୟକ ।

- **କୌଣସି ଗୋଟିଏ ଅବଧାରଣା ନାହିଁ**

  କୌଣସି ଏକ ଅନୁପାତ ହିସାବ କରିବା ପାଇଁ ବିଭିନ୍ନ ସଂସ୍ଥା ବିଭିନ୍ନ ଉଦ୍ଦେଶ୍ୟ ନିମନ୍ତେ ଭିନ୍ନ ଭିନ୍ନ ଅବଧାରଣାକୁ ଗ୍ରହଣ କରିପାରନ୍ତି । କେତେକ ସଂସ୍ଥା ଲାଭକୁ ନେଲାବେଳେ ସୁଧ ଓ କର ବସାଇବା ପୂର୍ବର ଲାଭ, କିମ୍ବା କର ବସାଇବା ପୂର୍ବର ପରନ୍ତୁ ସୁଧ ପରର ଲାଭ, କିମ୍ବା ଉଭୟ ସୁଧ ଓ କର ବସାଇବା ପରର ଲାଭକୁ ବିଚାରକୁ ନେଇଥା'ନ୍ତି । ଏହା ଭିନ୍ନ ଭିନ୍ନ ଫଳ ପ୍ରଦାନ କରିଥାଏ ।

- **ଭୁଲ୍ ହିସାବରକ୍ଷଣ ତଥ୍ୟାଧାରିତ ହୋଇ ଥିଲେ ଭ୍ରମପୂର୍ଣ୍ଣ ପରିଣାମ**

  ଅନୁପାତ ଗୁଡ଼ିକ ହିସାବରକ୍ଷଣ ତଥ୍ୟ ଉପରେ ଆଧାରିତ । ତେଣୁ ସେଗୁଡ଼ିକ କେବଳ ସେତେବେଳେ ଉପଯୋଗୀ ହୋଇଥାଏ ଯେତେବେଳ ସେଗୁଡ଼ିକ ନିର୍ଭର ଯୋଗ୍ୟ ତଥ୍ୟ ଉପରେ ଆଧାରିତ ହୋଇଥାଏ । ଅନ୍ୟଥା ଯଦି ତଥ୍ୟଗୁଡ଼ିକ ନିର୍ଭର ଯୋଗ୍ୟ ହୋଇ ନଥାଏ, ତେବେ ତା' ଉପରେ ପର୍ଯ୍ୟବେଶିତ ଅନୁପାତ ମଧ୍ୟ ନିର୍ଭରଯୋଗ୍ୟ ହୋଇପାରିବ ନାହିଁ ।

- **ତୁଳନା ପାଇଁ କୌଣସି ଏକ ମାନକ ଅନୁପାତ ନାହିଁ**

  କୌଣସି ବି ଏକ ମାନକ ଅନୁପାତ ନାହିଁ ଯାହା ସର୍ବତ୍ର ଗ୍ରହଣଯୋଗ୍ୟ ହୋଇପାରିବ ଏବଂ ଯାହା ସହିତ ତୁଳନା କରାଯାଇ ପାରିବ । ଗୋଟିଏ ଉଦ୍ୟୋଗର ମାନକଠାରୁ ଅନ୍ୟ ଉଦ୍ୟୋଗର ମାନକ ଭିନ୍ନ ହୋଇ ପାରେ ।

- **ପୂର୍ବାନୁମାନ କରିବା କଷ୍ଟ ସାଧ**

  ଅତୀତର ଫଳାଫଳ (ପରିମାଣ) ଅଧାରରେ ଅନୁପାତ ଗୁଡ଼ିକ ହିସାବ କରାଯାଇଥାଏ । ଏହି ଭଳି ଅନୁପାତ ଗୁଡ଼ିକ ବର୍ତ୍ତମାନ ଏବଂ ଭବିଷ୍ୟତର ସ୍ଥିତିକୁ ଦର୍ଶାଇ ନଥାନ୍ତି । ତେଣୁ ଭବିଷ୍ୟତର

ଘଟଣାବଳୀ ଉପରେ ପୂର୍ବାନୁମାନ ଲଗାଇବା ପାଇଁ ସେଗୁଡ଼ିକୁ ବ୍ୟବହାର କରିବା ସ୍ପୃହଣୀୟ ହୋଇ ନପାରେ ।

## ତୁମେ ଯାହା ଶିଖିଲ

- ପରିଶୋଧ କ୍ଷମତା ଶବ୍ଦର ଅର୍ଥ ହେଲା କୌଣସି ବ୍ୟବସାୟ ନିଜର ଦୀର୍ଘ ମିଆଦୀ ଦାୟବଦ୍ଧତାକୁ ପୂରଣ କରିବାର ସାମର୍ଥ୍ୟ । ପରିଶୋଧ କ୍ଷମତା ଅନୁପାତ ଗୁଡ଼ିକ ହେଲା :

  ରଣ-ସମତା ଅନୁପାତ

  ମାଲିକାନାଗତ ଅନୁପାତ

- ରଣ-ସମତା ଅନୁପାତର ଉଦ୍ଦେଶ୍ୟ ହେଲା ମାଲିକଙ୍କଦ୍ୱାରା ସଂସ୍ଥାକୁ ଯୋଗାଇ ଦିଆଯାଇଥିବା ପୁଞ୍ଜିର ପରିମାଣ ସମ୍ବନ୍ଧରେ ଏକ ଧାରଣା ପ୍ରାପ୍ତ ହେବା ।

$$\text{ରଣ - ସମତା ଅନୁପାତ} = \frac{\text{ବାହ୍ୟ ପକ୍ଷଙ୍କ ପାଣ୍ଠି}}{\text{ଅଂଶଧାରୀମାନଙ୍କର ପାଣ୍ଠି}}$$

- ମାଲିକାନାଗତ ଅନୁପାତ ଅଂଶଧାରୀ ମାନଙ୍କର ପାଣ୍ଠି ଏବଂ ବ୍ୟବସାୟର ମୋଟ ପରିସମ୍ପତ୍ତି ମଧ୍ୟରେ ସମ୍ବନ୍ଧ ସ୍ଥାପନ କରିଥାଏ ।

$$\text{ମାଲିକାନାଗତ ଅନୁପାତ} = \frac{\text{ଅଂଶଧାରୀମାନଙ୍କର ପାଣ୍ଠି}}{\text{ମୋଟ ପରିସମ୍ପତ୍ତି}}$$

- ଲାଭ ପ୍ରଦତ୍ତା ଅନୁପାତ ବ୍ୟବସାୟ ସଂସ୍ଥାର ସାମଗ୍ରିକ କାର୍ଯ୍ୟଦକ୍ଷତାର ମୂଲ୍ୟାୟନ କରିଥାଏ ।
- ଗୁରୁତ୍ୱ ପୂର୍ଣ୍ଣ ଲାଭ ପ୍ରଦତ୍ତା ଅନୁପାତ ଗୁଡ଼ିକ ହେଲା :

$$\text{ସ୍ଥୂଳ ଲାଭ ଅନୁପାତ} = \frac{\text{ସ୍ଥୂଳ ଲାଭ}}{\text{ନିଟ୍ ବିକ୍ରୟ}} \times 100$$

$$\text{ନିଟ୍ ଲାଭ ଅନୁପାତ} = \frac{\text{ନିଟ୍ ଲାଭ}}{\text{ନିଟ୍ ବିକ୍ରୟ}} \times 100$$

$$\text{ସଂଚାଳନ ଲାଭ ଅନୁପାତ} = \frac{\text{ସଂଚାଳନ ଲାଭ}}{\text{ନିଟ୍ ବିକ୍ରୟ}} \times 100$$

$$\text{ନିବେଶ ଉପରେ ପ୍ରତିଦାନ ଅନୁପାତ} = \frac{\text{ସୁଧ, କର ଓ ଲାଭାଂଶ ପୂର୍ବର ନିଟ ଲାଭ}}{\text{ନିୟୋଜିତ ପୁଞ୍ଜି}} \times 100$$

- ଉତ୍ତୋଳନ ଅନୁପାତ ବିଭିନ୍ନ ଦୀର୍ଘ ମିଆଦୀ ବିତ୍ତ ଯୋଗାଣ ଯଥା ଋଣପତ୍ର, ଅଗ୍ରାଧିକାର ଯୁକ୍ତ ଅଂଶ ପୁଞ୍ଜି ଏବଂ ସଞ୍ଚିତି ଓ ଅଧିବଳକାକୁ ମିଶାଇ ସମତା ଅଂଶ ପୁଞ୍ଜି ମଧ୍ୟରେ ସମ୍ବନ୍ଧ ସ୍ଥାପନ କରେ ।

- ପୁଞ୍ଜି ଗିୟରିଙ୍ଗ୍ ଅନୁପାତ ସମତା ଅଂଶ ପୁଞ୍ଜି ଏବଂ ସଞ୍ଚିତି ଓ ଅଧିବଳକା ସହିତ ଅଗ୍ରାଧିକାରଯୁକ୍ତ ଅଂଶ ପୁଞ୍ଜି ଏବଂ ଅନ୍ୟ ସ୍ଥାୟୀ ସୁଧ ବହନକାରୀ ଋଣର ସମ୍ବନ୍ଧ ସ୍ଥାପନ କରେ ।

$$\text{ପୁଞ୍ଜି ଗିୟରିଙ୍ଗ୍ ଅନୁପାତ} = \frac{\text{ସମତା ଅଂଶ ପୁଞ୍ଜି} + \text{ସଞ୍ଚିତି ଏବଂ ଅଧିବଳକା}}{\text{ଅଗ୍ରାଧିକାରଯୁକ୍ତ ଅଂଶ ପୁଞ୍ଜି} + \text{ସ୍ଥାୟୀ ସୁଧବହନକାରୀ ଦୀର୍ଘ ମିଆଦୀ ଋଣ}}$$

- ହିସାବ ସରକ୍ଷଣ ଅନୁପାତ ଗୁଡ଼ିକର ସୀମା ବଦ୍ଧତା ଗୁଡ଼ିକ ହେଲା :
  - ଦାମ୍ ସ୍ତରରେ ପରିବର୍ତ୍ତନର ଉପେକ୍ଷା
  - ଗୁଣାତ୍ମକ ଦିଗରୁ ଉପେକ୍ଷା
  - କୌଣସି ଗୋଟିଏ ଅବଧାରଣା ନାହିଁ
  - ଭୁଲ୍ ହିସାବରକ୍ଷଣ ତଥ୍ୟାଧାରିତ ହୋଇଥିଲେ ଭ୍ରମ ପୂର୍ଣ୍ଣ ପରିଣାମ
  - ପୂର୍ବାନୁମାନ କରିବା କଷ୍ଟସାଧ

## ପାଠ୍ୟାନ୍ତ ପ୍ରଶ୍ନ

1. ପରିଶୋଧ କ୍ଷମତା ଅନୁପାତଗୁଡ଼ିକୁ ସଂକ୍ଷେପରେ ବୁଝାଅ ।
2. ଲାଭପ୍ରଦତ୍ତା ଅନୁପାତ ଗୁଡ଼ିକ କ'ଣ ? ଏହି ଅନୁପାତ ଗୁଡ଼ିକୁ ସଂକ୍ଷେପରେ ବୁଝାଅ ।
3. ଆନୁପାତିକ ବିଶ୍ଳେଷଣର ସୀମାବଦ୍ଧତା ଗୁଡ଼ିକ କ'ଣ ?
4. ସ୍ଥୁଳ ଲାଭ ଏବଂ ନିଟ୍ ଲାଭର ଅର୍ଥ କ'ଣ ?
5. ପୁଞ୍ଜି ଗିୟରିଙ୍ଗ୍ ଅନୁପାତକୁ ବୁଝାଅ ।
6. ନିମ୍ନଲିଖିତ ତଥ୍ୟରୁ (କ) ସ୍ଥୁଳ ଲାଭ ଅନୁପାତ (ଖ) ନିଟ୍ ଲାଭ ଅନୁପାତ ହିସାବ କର :

| | ୨ |
|---|---|
| ବିକ୍ରୟ | 25,20,000 |
| ବିକ୍ରୟର ପରିବ୍ୟୟ | 19,20,000 |
| ନିଟ୍ ଲାଭ | 3,60,000 |





7. ମୋଟ ପରିସମ୍ପତ୍ତି ( 12,50,000, ମୋଟ ରଣ ( 10,00,000, ଚଳନ୍ତି ଦାୟ ( 5,00,000 । ରଣ-ସମତା ଅନୁପାତ ହିସାବ କର ।

8. ନିମ୍ନରେ 31 ଡିସେମ୍ବର, 2006 ରେ ସମାପ୍ତ ବର୍ଷ ପାଇଁ ମେ. ବୁନୁ ଲିଃ ର ଲାଭ କ୍ଷତି ହିସାବ ଦିଆଯାଇଛି :

| | | | |
|---|---|---|---|
| ପ୍ରାରମ୍ଭିକ ସମ୍ଭାର | 1,00,000 | ବିକ୍ରୟ | 5,60,000 |
| କ୍ରୟ | 3,50,000 | ଅନ୍ତିମ ସମ୍ଭାର | 1,00,000 |
| ମଜୁରୀ | 9,000 | | |
| ସ୍ଥୁଳ ଲାଭ ନି / ନି | 2,01,000 | | |
| | 6,60,000 | | 6,60,000 |
| ପ୍ରଶାସନିକ ବ୍ୟୟ | 20,000 | ସ୍ଥୁଳ ଲାଭ ନି / ଅ | 2,01,000 |
| ଦରମା ଏବଂ ବଣ୍ଟନ ବ୍ୟୟ | 89,000 | ନିବେଶ ଉପରେ ସୁଧ | 10,000 |
| ଅଣ-ସଞ୍ଚାଳନ ବ୍ୟୟ | 30,000 | ନିବେଶର ବିକ୍ରୟରେ ଲାଭ | 8,000 |
| | 2,19,000 | | 2,19,000 |

ତୁମେ ହିସାବ କର : (କ) ସ୍ଥୁଳ ଲାଭ ଅନୁପାତ (ଖ) ନିଟ୍ ଲାଭ ଅନୁପାତ (ଗ) ସଂଚାଳନ ଲାଭ ଅନୁପାତ ।

9. ଏକ୍ସ ୱାଇ ଜେଡ୍ (XYZ) ଲିଃ. ର ପରିସମ୍ପତ୍ତି ଏବଂ ଦାୟ ସମ୍ପର୍କିତ ବିବରଣୀ ନିମ୍ନରେ ଦିଆଯାଇଛି :

| ଦାୟ | ପରିମାଣ r | ପରିସମ୍ପତ୍ତି | ପରିମାଣ r |
|---|---|---|---|
| ସମତା ଅଂଶ ପୁଞ୍ଜି | 2,50,000 | ଜମି ଓ କୋଠା | 4,50,000 |
| ଅଗ୍ରାଧିକାର ଯୁକ୍ତ ଅଂଶ ପୁଞ୍ଜି | 2,00,000 | ଯନ୍ତ୍ରପାତି (କଳ) | 4,00,000 |
| ସଞ୍ଚିତି | 2,00,000 | ମହଜୁଦ (ସମ୍ଭାର) | 1,50,000 |
| ରଣ ପତ୍ର | 3,00,000 | ବିବିଧ ଉଧାର ଗ୍ରହୀତା (ଖାତକ) | 1,00,000 |
| ଚଳନ୍ତି ଦାୟ | 2,00,000 | ନଗଦ ଅର୍ଥ | 45,000 |
| | | ପୂର୍ବ ପ୍ରଦତ୍ତ ବ୍ୟୟ | 5,000 |
| | 11,50,000 | | 11,50,000 |

ହିସାବ କର : (କ) ରଣ-ସମତା ଅନୁପାତ (ଖ) ମାଲିକାନା ଗତ ଅନୁପାତ

## ପାଠ୍ୟଗତ ପ୍ରଶ୍ନର ଉତ୍ତର

**ପାଠ୍ୟଗତ ପ୍ରଶ୍ନ 29.1**

I. (i) $\dfrac{\text{ବାହ୍ୟ ପକ୍ଷଙ୍କର ପାଣ୍ଠି}}{\text{ଅଂଶଧାରୀମାନଙ୍କର ପାଣ୍ଠି}}$  (ii) ପାରିଶୋଧ କ୍ଷମତା

(iii) ମାଲିକାନାଗତ ଅନୁପାତ  (iv) 2:3

**ପାଠ୍ୟଗତ ପ୍ରଶ୍ନ 29.2**

(i) ଲାଭ ପ୍ରଦତ୍ତା

(ii) $\dfrac{\text{ସ୍ଥୁଳ ଲାଭ}}{\text{ନିଟ୍ ବିକ୍ରୟ}}$

(iii) ସ୍ଥାୟୀ ପରିସମ୍ପତ୍ତି – ମୂଲ୍ୟହ୍ରାସ + ଚଳନ୍ତି ପରିସମ୍ପତ୍ତି – ଚଳନ୍ତି ଦାୟ

(iv) ସଂଚାଳନ ଲାଭ ଅନୁପାତ

(v) ସ୍ଥୁଳ ଲାଭ ଅନୁପାତ, ନିଟ୍ ଲାଭ ଅନୁପାତ, ନିବେଶ ଉପରେ ପ୍ରତିଦାନ, ସଂଚାଳନ ଲାଭ ଅନୁପାତ ।

**ପାଠ୍ୟଗତ ପ୍ରଶ୍ନ 29.3**

(i) ପୁଞ୍ଜି ସଂରଚନା  (ii) ଉତ୍ତୋଳନ

(iii) ପୁଞ୍ଜି ଗିୟରିଙ୍ଗ୍ ଅନୁପାତ  (iv) ପୁଞ୍ଜି ଗିୟରିଙ୍ଗ୍

## ପାଠ୍ୟାନ୍ତ ପ୍ରଶ୍ନଗୁଡ଼ିକର ଉତ୍ତର

6. (କ) 23.8%  (ଖ) 14.29%

7. 2:1

8. (କ) 35.9%  (ଖ) 14.3%  (ଗ) 16.4%

9. (କ) 1 : 1.3  (ଖ) 1 : 1.77



ଟିପ୍ପଣୀ



**କାର୍ଯ୍ୟ**

ପାଖ ବଜାରରେ ଷ୍ଟକ୍ ବ୍ରୋକରଙ୍କ ଅଫିସ୍‌କୁ ଯାଅ ଏବଂ ଦୁଇଟି କମ୍ପାନୀର ବାର୍ଷିକ ବିବରଣୀ ଆଣ । ଏହି ଦୁଇ କମ୍ପାନୀର ଉଦ୍‌ବୃତ୍ତ ପତ୍ରଗୁଡ଼ିକୁ ଅଧ୍ୟୟନ କର ଏବଂ ନିମ୍ନ ଅନୁପାତ ଗୁଡ଼ିକ ହିସାବ କର ।

(କ) ଋଣ-ସମତା ଅନୁପାତ

(ଖ) ସ୍ଥୁଳ ଲାଭ ଅନୁପାତ

(ଗ) ନିଟ୍ ଲାଭ ଅନୁପାତ

(ଘ) ନିବେଶ ଉପରେ ପ୍ରତିଦାନ

ଏହି କମ୍ପାନୀ ଦୁଇଟିର ଲାଭପ୍ରଦତ୍ତା ଏବଂ ପରିଶୋଧ କ୍ଷମତାକୁ ତୁଳନା କର ଏବଂ ମନ୍ତବ୍ୟ (ଟୀକା) ପ୍ରଦାନ କର ।

❒





# 30

# ଅର୍ଥ (ରୋକଡ଼) ପ୍ରବାହ ବିବରଣୀ
# (Cash Flow Statement)

ପୂର୍ବ ପାଠରେ ତୁମେ ବିତ୍ତୀୟ ବିବରଣୀର ବିଶ୍ଳେଷଣର ବିଭିନ୍ନ ପ୍ରକାର ଏବଂ ଏହାର ସାଧନୀ ସମୂହ ଯଥା ତୁଳନାତ୍ମକ ବିବରଣୀ, ସମାନ ଆକାର ବିଶିଷ୍ଟ ବିବରଣୀ ତଥା ପ୍ରବୃତ୍ତି ବିଶ୍ଳେଷଣ ଇତ୍ୟାଦି ସମ୍ବନ୍ଧରେ ଶିଖି ସାରିଛ । ତୁମେ ଆହୁରି ମଧ୍ୟ ବିଭିନ୍ନ ପ୍ରକାର ହିସାବରକ୍ଷଣ ଅନୁପାତ ଯଥା ତରଳତା, କ୍ରିୟାଶୀଳତା, ଲାଭପ୍ରଦତ୍ତ, ପରିଶୋଧ କ୍ଷମତା ଇତ୍ୟାଦି ସମ୍ବନ୍ଧରେ ଶିଖିଛ । ତୁମେ ଜାଣିଛ ଯେ ହିସାବ ଗୁଡ଼ିକ ମୁଖ୍ୟତଃ ଉଦ୍‌ଗମ/ଅର୍ଜିତ (accrual) ଆଧାରରେ ରଖାଯାଇଥାଏ; କିନ୍ତୁ ନଗଦ ଅର୍ଥ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ । ଅର୍ଥର ସୃଜନ ମୁଖ୍ୟତଃ ସଂଚାଳନ କାର୍ଯ୍ୟାବଳୀ ନିମନ୍ତେ କରାଯାଇଥାଏ । ଏହି କାର୍ଯ୍ୟ ହେଲା ପରିସମ୍ପତ୍ତିର କ୍ରୟ ଏବଂ ଦାୟର ପୈଠ/ପରିଶୋଧ । ଅଂଶପତ୍ର ଏବଂ ଋଣପତ୍ରର ନିର୍ଗମନରୁ ଅଥବା ଋଣ ଉଠାଣରୁ ଅର୍ଥ ଆହରଣ ମଧ୍ୟ କରାଯାଇଥାଏ, କିନ୍ତୁ ଠିକ୍ ସମୟରେ ବ୍ୟବହାର ପାଇଁ ଯଥେଷ୍ଟ ଅର୍ଥ ଉପଲବ୍ଧ ହୋଇପାରୁଥିବା ଉଚିତ୍ ତଥା ବିନା ଉପଯୋଗରେ (ଅର୍ଥାତ୍ ଅବ୍ୟବହୃତ ଅବସ୍ଥାରେ) କୌଣସି ଅର୍ଥ ମଧ୍ୟ ରହିବା ଉଚିତ୍ ନୁହେଁ । ଏଥିପାଇଁ ବିଶ୍ଳେଷଣର ଅନ୍ୟ ଏକ ସାଧନୀ (tool) ବ୍ୟବହୃତ ହୁଏ ଯାହା ହେଉଛି ଅର୍ଥ ପ୍ରବାହ ବିବରଣୀ । ଏହି ପାଠରେ ତୁମେ ଅର୍ଥ ପ୍ରବାହ ବିବରଣୀ ଏବଂ ଏହାର ପ୍ରସ୍ତୁତି ପ୍ରଣାଳୀ ସମ୍ବନ୍ଧରେ ଶିଖିବ ।

## ଉଦ୍ଦେଶ୍ୟ

ଏହି ପାଠ ପଢ଼ିବା ପରେ ତୁମେ :

- ଅର୍ଥ (ରୋକଡ଼) ପ୍ରବାହ ବିବରଣୀର ଅର୍ଥ ଉଲ୍ଲେଖ କରିପାରିବ;
- ଅର୍ଥ ପ୍ରବାହ ବିବରଣୀର ଉଦ୍ଦେଶ୍ୟ ବୁଝାଇ ପାରିବ;
- ଛା* ଅନୁସାରେ ଅର୍ଥ ପ୍ରବାହ ବିବରଣୀ ପ୍ରସ୍ତୁତ କରିବାର ପଦ୍ଧତି ବୁଝାଇ ପାରିବ;
- ଅର୍ଥ ପ୍ରବାହ ବିବରଣୀର ସୀମାବଦ୍ଧତା ଉଲ୍ଲେଖ କରିପାରିବ ।

## 30.1 ଅର୍ଥ ଏବଂ ଉଦ୍ଦେଶ୍ୟ

ବ୍ୟବସାୟର ଅର୍ଥନୈତିକ ଜୀବନରେ ଅର୍ଥ (ରୋକଡ଼) ଏକ ଅତି ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାଏ । ଗୋଟିଏ ବ୍ୟବସାୟ ତା'ର ଯୋଗାଣକାରୀଙ୍କୁ ପୈଠ କରିବା ପାଇଁ, ଦୈନନ୍ଦିନ ଖର୍ଚ୍ଚ ତୁଲାଇବା ପାଇଁ ତଥା ଦରମା, ମଜୁରୀ, ସୁଧ ଏବଂ ଲାଭାଂଶ ଇତ୍ୟାଦି ପୈଠ କରିବା ପାଇଁ ନଗଦ ଅର୍ଥ ଆବଶ୍ୟକ





କରିଥାଏ । ବାସ୍ତବରେ, ମାନବ ଶରୀର ପାଇଁ ରକ୍ତର ମହତ୍ତ୍ୱ ଯାହା, ବ୍ୟବସାୟ ପ୍ରତିଷ୍ଠାନ ପାଇଁ ନଗଦ ଅର୍ଥର ମହତ୍ତ୍ୱ ତାହା । ଅତଃ, ଗୋଟିଏ ବ୍ୟବସାୟ ପାଇଁ ପର୍ଯ୍ୟାପ୍ତ ପରିମାଣର ନଗଦ ଅର୍ଥ ରଖିବା ଅତି ଆବଶ୍ୟକ ଅଟେ । ଉଦାହରଣ ସ୍ୱରୂପ, ଗୋଟିଏ ବ୍ୟବସାୟ ଲାଭରେ ଚାଲୁଅଛି କିନ୍ତୁ ଏହା ପାଖରେ ଲାଭାଂଶ ପ୍ରଦାନ ନିମନ୍ତେ ପର୍ଯ୍ୟାପ୍ତ ଟଙ୍କା ନାହିଁ । ଏହା ଦ୍ୱାରା ଅଂଶଧାରୀ ଏବଂ ସାଧାରଣ ଜନତାଙ୍କ ନିକଟକୁ କ'ଣ ବାର୍ତ୍ତା ଯିବ ? ତେଣୁ ଅର୍ଥର ପରିଚାଳନା ଅତି ଆବଶ୍ୟକ ଅଟେ । ଅର୍ଥ ଏବଂ ଅର୍ଥତୁଲ୍ୟ ସମୂହର ପ୍ରବାହ ଉପରେ ଧ୍ୟାନ କେନ୍ଦ୍ରୀଭୂତ ହେବା ଉଚିତ୍ । ଅର୍ଥ ତୁଲ୍ୟ ସମୂହ ମଧ୍ୟରେ ବ୍ୟାଙ୍କ୍ ଅଧିଉଠାଣ, ଅର୍ଥ-ଜମା ଋଣ (Cash Credit), ସ୍ୱଳ୍ପ ମିଆଦୀ ଜମା ଏବଂ ବିପଣନ ଯୋଗ୍ୟ ପ୍ରତିଭୂତି ଅନ୍ତର୍ଭୁକ୍ତ ।

ଅର୍ଥ ପ୍ରବାହ ବିବରଣୀ ଅର୍ଥର ପ୍ରବାହ ସହିତ ସଂଶ୍ଳିଷ୍ଟ ଯେଉଁଥିରେ ଅର୍ଥ ଏବଂ ଅର୍ଥ ସମତୁଲ୍ୟ ଅନ୍ତର୍ଭୁକ୍ତ ଥାଏ । ଏହି ବିବରଣୀ ଆର୍ଥିକ ବିବରଣୀର ବ୍ୟବହାରକାରୀମାନଙ୍କ ପାଇଁ ଏକ ଅତିରିକ୍ତ ସୂଚନା । ଏହି ବିବରଣୀ ଅର୍ଥର ଆଗମନ ଏବଂ ନିର୍ଗମନ (ବହିର୍ଗମନ) ଦର୍ଶାଇଥାଏ । ଏହି ବିବରଣୀ ପ୍ରତିଷ୍ଠାନର ଅର୍ଥ ଯୋଗାଡ଼ କରିବା ଏବଂ ତା'ର ଉପଯୋଗ କରିବାର ସାମର୍ଥ୍ୟକୁ ମୂଲ୍ୟାୟନ କରେ । *ତେଣୁ ଅର୍ଥ-ପ୍ରବାହ ବିବରଣୀର ସଂଜ୍ଞା ପ୍ରଦାନ ଏହିପରି କରାଯାଇପାରେ ଯେ ଏହା ଏକ ନିର୍ଦ୍ଦିଷ୍ଟ ସମୟାବଧି ମଧ୍ୟରେ ହୋଇଥିବା ସମସ୍ତ ଅର୍ଥ ପ୍ରାପ୍ତି ଓ ପୈଠ ଗୁଡ଼ିକର ଏକ ସାରାଂଶ (ସଂକ୍ଷିପ୍ତ ସ୍ୱରୂପ) ଅଟେ । ଏହା ସଂସ୍ଥାର ନଗଦ ଅର୍ଥର ସ୍ଥିତିରେ ପରିବର୍ତ୍ତନ ପାଇଁ ଦାୟୀ କାରଣ ସମୂହର ଏକ ବ୍ୟାଖ୍ୟା ମଧ୍ୟ ଅଟେ ।* ଅର୍ଥ ପ୍ରବାହ ହେଉଛି ଅର୍ଥର ଅନ୍ତଃପ୍ରବାହ ଏବଂ ବାହ୍ୟ ପ୍ରବାହ । ଯେଉଁ ନେଣଦେଣ ଗୁଡ଼ିକ ଦ୍ୱାରା ସଂସ୍ଥାର ନଗଦ ଅର୍ଥର ପରିମାଣରେ ବୃଦ୍ଧି ଘଟେ ସେଗୁଡ଼ିକୁ ଅର୍ଥର ଅନ୍ତଃ ପ୍ରବାହ କୁହାଯାଏ ଏବଂ ଯେଉଁ ଗୁଡ଼ିକ ଦ୍ୱାରା ଅର୍ଥର ପରିମାଣରେ ହ୍ରାସ ଘଟେ ସେଗୁଡ଼ିକୁ ବାହ୍ୟ ପ୍ରବାହ କୁହାଯାଏ । ଅର୍ଥ ପ୍ରବାହ ବିବରଣୀ ଅର୍ଥର ଆଗମନର ବିଭିନ୍ନ ଉତ୍ସ ଯଥା ସଂଚାଳନ କାର୍ଯ୍ୟରୁ ପ୍ରାପ୍ତ ଅର୍ଥ, ଚଳନ୍ତି ଏବଂ ସ୍ଥାୟୀ ପରିସମ୍ପତ୍ତିର ବିକ୍ରୟ, ଅଂଶ ପୁଞ୍ଜି ଏବଂ ଋଣ ପତ୍ରର ନିର୍ଗମନ ଇତ୍ୟାଦି ଏବଂ ଅର୍ଥର ବିଭିନ୍ନ ପ୍ରୟୋଗ ଯାହା ଅର୍ଥର ବାହ୍ୟ ପ୍ରବାହର କାରଣ ହୋଇଥାଏ ଯଥା ସଂଚାଳନ ଜନିତ କ୍ଷତି, ଚଳନ୍ତି ଏବଂ ସ୍ଥାୟୀ ପରିସମ୍ପତ୍ତିର କ୍ରୟ, ଋଣପତ୍ର, ଅଗ୍ରାଧିକାର ଯୁକ୍ତ ଅଂଶ ପତ୍ର ତଥା ଅନ୍ୟ ଦୀର୍ଘ ମିଆଦୀ ଋଣ ଗୁଡ଼ିକର ନଗଦ ଅର୍ଥରେ ପରିଶୋଧନ ଇତ୍ୟାଦିର ସନ୍ଧାନ କରିଥାଏ । ସଂକ୍ଷେପରେ, କରିବାକୁ ଗଲେ ଏକ ଅର୍ଥ ପ୍ରବାହ ବିବରଣୀ ଏକ ନିର୍ଦ୍ଦିଷ୍ଟ ଅବଧି ମଧ୍ୟରେ ହୋଇଥିବା ଅର୍ଥ (ରୋକଡ଼) ପ୍ରାପ୍ତି ଏବଂ ଅର୍ଥ (ରୋକଡ଼) ପ୍ରଦାନ ସମୂହକୁ ଦର୍ଶାଇଥାଏ । ଅର୍ଥ ପ୍ରବାହର ଏହି ବିବରଣୀ କେତେଗୁଡ଼ିଏ ଉଦ୍ଦେଶ୍ୟ ସାଧନ କରିଥାଏ ଯେଉଁଗୁଡ଼ିକ ନିମ୍ନ ପ୍ରକାର ଅଟେ :

- ଅର୍ଥ ପ୍ରବାହ ବିବରଣୀର ଲକ୍ଷ୍ୟ ହେଲା ସଂଚାଳନ କାର୍ଯ୍ୟରୁ ଉତ୍ପନ୍ନ ଅର୍ଥ ଉପରେ ଆଲୋକପାତ କରିବା ।
- ଅର୍ଥ ପ୍ରବାହ ବିବରଣୀ ଋଣ **ପରିଶୋଧ ଅନୁସୂଚୀ ଏବଂ ସ୍ଥାୟୀ ପରିସମ୍ପତ୍ତିର ପ୍ରତିସ୍ଥାପନ ଇତ୍ୟାଦିର ଯୋଜନା ପ୍ରସ୍ତୁତ କରିବାରେ** ସହାୟକ ହୋଇଥାଏ ।
- ଅର୍ଥ ହିଁ ସମସ୍ତ ଆର୍ଥିକ ନିଷ୍ପତ୍ତିର କେନ୍ଦ୍ର । ଏହାକୁ ବ୍ୟବସାୟର ଭବିଷ୍ୟତର ବିନିଯୋଗ ଏବଂ ଆର୍ଥିକ ଯୋଜନା ପ୍ରସ୍ତୁତିର ପରିକଳ୍ପନା ନିମନ୍ତେ ଏକ ଆଧାର ରୂପରେ ବ୍ୟବହାର କରାଯାଏ ।







- ଅର୍ଥ ପ୍ରବାହ ବିବରଣୀ ଏକ ଶ୍ରେଷ୍ଠତର ଉପାୟରେ ସଂସ୍ଥାର ତରଳତା ସ୍ଥିତିର ନିର୍ଦ୍ଧାରଣ କରିବାରେ ସାହାଯ୍ୟ କରେ । ବ୍ୟାଙ୍କ୍ ଏଂ ଆର୍ଥିକ ଅନୁଷ୍ଠାନ ଗୁଡ଼ିକ ଋଣ ନେଉଥିବା ସଂସ୍ଥା ଗୁଡ଼ିକର ତରଳତାକୁ ପ୍ରାଥମିକତା ଦେଇଥା'ନ୍ତି ।
- ଅର୍ଥ ପ୍ରବାହ ବିବରଣୀ ଅର୍ଥର ଦକ୍ଷ ଓ ଫଳପ୍ରଦ ପରିଚାଳନାରେ ସାହାଯ୍ୟ କରେ ।
- ପରିଚାଳକ ଆଭ୍ୟନ୍ତରୀଣ ଭାବେ ଉତ୍ପନ୍ନ ଅର୍ଥକୁ ବୁଝିବା (ଜାଣିବା) ପାଇଁ ସାଧାରଣତଃ ଅର୍ଥ ପ୍ରବାହ ବିବରଣୀକୁ ଗଭୀର ଭାବରେ ଅନୁଧ୍ୟାନ କରିଥାଆନ୍ତି ଯାହା (ଉତ୍ପନ୍ନ ଅର୍ଥ) ର ଲାଭାଂଶ ପ୍ରଦାନ ନିମନ୍ତେ ସର୍ବୋତ୍ତମ ଉପଯୋଗ ହୋଇଥାଏ ।
- ଏ.ଏସ୍ - 3 (ସଂଶୋଧିତ) ଉପରେ ଆଧାରିତ ଅର୍ଥ ପ୍ରବାହ ବିବରଣୀ ପୃଥକ୍ ପୃଥକ୍ ଭାବରେ ସଂଚାଳନ, ବିନିଯୋଗ ଏବଂ ଅର୍ଥ ଯୋଗାଣ କାର୍ଯ୍ୟକଳାପରୁ ସୃଷ୍ଟ ତଥା ସେଥିରେ ପ୍ରୟୋଗ ହୋଇଥିବା ଅର୍ଥର ଉପସ୍ଥାପନା କରିଥାଏ ।
- ଏହା ସଂସ୍ଥାର **ନଗଦ ଅର୍ଥର ସ୍ଥିତିର ମୂଲ୍ୟାୟନ କରିବାରେ ଅତ୍ୟନ୍ତ ଉପଯୋଗୀ** ହୋଇଥାଏ ।

**ଏ.ଏସ୍ - 3 (ସଂଶୋଧିତ) ଅନୁସାରେ ଅର୍ଥ ଏବଂ ପ୍ରାସଙ୍ଗିକ ପଦାବଳୀ**

ହିସାବରକ୍ଷଣ ମାନକ ବୋର୍ଡ ଦ୍ୱାରା ଜାରି କରାଯାଇଥିବା ହିସାବରକ୍ଷଣ ମାନକ-3 (ଏ.ଏସ୍-3) (ସଂଶୋଧିତ) ଅନୁସାରେ:

1. **(କ) ଅର୍ଥ ପାଣ୍ଠି :**

   ଅର୍ଥ ପାଣ୍ଠିରେ ଅନ୍ତର୍ଭୁକ୍ତ ଥାଏ (i) ହାତରେ ଥିବା ନଗଦ ଅର୍ଥ,
   (ii) ବ୍ୟାଙ୍କ୍‌ରେ ଥିବା ଚାହିଦା ଜମାରାଶି, ଏବଂ
   (iii) ଅର୍ଥ ସମତୁଲ୍ୟ ।

   (ଖ) ଅର୍ଥ ସମତୁଲ୍ୟ ଗୁଡ଼ିକ ହେଉଛି ତତ୍‌କ୍ଷଣାତ୍ ନଗଦ ଅର୍ଥରେ ରୂପାନ୍ତରିତ ହୋଇପାରୁଥିବା ତଥା ମୂଲ୍ୟ ପରିବର୍ତ୍ତନ ଜନିତ ଆଶଙ୍କା ଦ୍ୱାରା ନଗଣ୍ୟ ଭାବେ ପ୍ରଭାବିତ ହେଉଥିବା ସ୍ୱଳ୍ପ-ମିଆଦୀ, ଉଚ୍ଚ ତରଳତାଯୁକ୍ତ ବିନିଯୋଗ ।

2. ଅର୍ଥ ପ୍ରବାହ ହେଉଛି ଅର୍ଥ ଏବଂ ଅର୍ଥ ସମତୁଲ୍ୟ ଗୁଡ଼ିକର ଅନ୍ତଃ ପ୍ରବାହ ଏବଂ ବାହ୍ୟ ପ୍ରବାହ ।

   ଅର୍ଥ ପ୍ରବାହ ବିବରଣୀ ଅର୍ଥର ଅନ୍ତଃ ପ୍ରବାହ ଏବଂ ବାହ୍ୟ ପ୍ରବାହ ଗୁଡ଼ିକର ତିନୋଟି ମୁଖ୍ୟ ଶ୍ରେଣୀ ଦର୍ଶାଇଥାଏ, ଯଥା : ସଂଚାଳନ, ବିନିଯୋଗ ଏବଂ ଅର୍ଥଯୋଗାଣ କାର୍ଯ୍ୟକଳାପ ।

   (କ) ସଂଚାଳନ କାର୍ଯ୍ୟକଳାପ (Operating activities) ପ୍ରତିଷ୍ଠାନର ପ୍ରମୁଖ ଆଗମ (ରାଜସ୍ୱ) ସୃଜନକାରୀ କାର୍ଯ୍ୟକଳାପ ଅଟେ ।

   (ଖ) ବିନିଯୋଗ କାର୍ଯ୍ୟକଳାପ (Investing activities) ରେ ଦୀର୍ଘ ମିଆଦୀ ପରିସମ୍ପତ୍ତିର ଏବଂ ଅର୍ଥ ସମତୁଲ୍ୟରେ ଅନ୍ତର୍ଭୁକ୍ତ ନ ଥିବା ଅନ୍ୟାନ୍ୟ ବିନିଯୋଗର ଅଧିଗ୍ରହଣ (କ୍ରୟ) ଏବଂ ବିକ୍ରୟ ଅନ୍ତର୍ଭୁକ୍ତ ଥାଏ ।

(ଗ) ଅର୍ଥ ଯୋଗାଣ କାର୍ଯ୍ୟକଳାପ (Financing activities) ହେଉଛି ସେହି ସମସ୍ତ କାର୍ଯ୍ୟକଳାପ ଯାହାର ଫଳସ୍ୱରୂପ ବ୍ୟବସାୟର ମାଲିକଙ୍କ ପୁଞ୍ଜି (କମ୍ପାନୀ କ୍ଷେତ୍ରରେ ଅଗ୍ରାଧିକାରଯୁକ୍ତ ଅଂଶ ପୁଞ୍ଜିକୁ ମିଶାଇ) ଏବଂ କରଜ (ଋଣ)ର ଆକାର ଓ ସଂରଚନାରେ ପରିବର୍ତ୍ତନ ହୋଇଥାଏ ।

ଏ.ଏସ୍. 3 ଅନୁସାରେ ଅର୍ଥର ଅନ୍ତଃ ପ୍ରବାହ ଏବଂ ବାହ୍ୟ ପ୍ରବାହ ଏହିପରି ହୋଇଥାଏ :

**ସଂଚାଳନ କାର୍ଯ୍ୟକଳାପ**

ଅର୍ଥର ଅନ୍ତଃ ପ୍ରବାହ (Cash inflow)
- ନଗଦ ବିକ୍ରୀ
- ଖାତକଙ୍କଠାରୁ ଅର୍ଥ ପ୍ରାପ୍ତି
- କମିଶନ୍ ଓ ପାଉଣା (fees) ରୁ ଅର୍ଥ ପ୍ରାପ୍ତି
- ଖଜଣା (Royalty) ଏବଂ ଅନ୍ୟ ଆଗମ

ଅର୍ଥର ବାହ୍ୟ ପ୍ରବାହ (Cash outflow)
- ନଗଦ କ୍ରୟ
- ମହାଜନଙ୍କୁ ପୈଠ
- ନଗଦ ସଂଚାଳନ ବ୍ୟୟ
- ମଜୁରୀ ପୈଠ
- ଆୟ କର

**ବିନିଯୋଗ କାର୍ଯ୍ୟକଳାପ**

ଅର୍ଥର ଅନ୍ତଃ ପ୍ରବାହ
- ସ୍ଥାୟୀ ପରିସମ୍ପତ୍ତିର ବିକ୍ରୀ
- ବିନିଯୋଗର ବିକ୍ରୀ
- ପ୍ରାପ୍ତ ସୁଧ
- ପ୍ରାପ୍ତ ଲାଭାଂଶ

ଅର୍ଥର ବାହ୍ୟ ପ୍ରବାହ
- ସ୍ଥାୟୀ ପରିସମ୍ପତ୍ତିର କ୍ରୟ
- ବିନିଯୋଗର କ୍ରୟ

**ଅର୍ଥ ଯୋଗାଣ କାର୍ଯ୍ୟକଳାପ**

ଅର୍ଥର ଅନ୍ତଃ ପ୍ରବାହ
- ଅଂଶ ପତ୍ରର ନିର୍ଗମନ
- ନଗଦ ଅର୍ଥରେ ଋଣ ପତ୍ରର ନିର୍ଗମନ
- ଦୀର୍ଘ ମିଆଦୀ ଏବଂ ସ୍ୱଳ୍ପ ମିଆଦୀ ଋଣରୁ ପ୍ରାପ୍ତ ଅର୍ଥ

ଅର୍ଥର ବାହ୍ୟ ପ୍ରବାହ
- ଋଣ ରାଶିର ନଗଦ ଅର୍ଥ ପରିଶୋଧ
- ଋଣ/ଋଣପତ୍ର ଉପରେ ସୁଧ ପ୍ରଦାନ
- ସାଧାରଣ ଏବଂ ଅଗ୍ରାଧିକାରଯୁକ୍ତ ଅଂଶ ପୁଞ୍ଜି ଉପରେ ଲାଭାଂଶ ପ୍ରଦାନ

## ପାଠ୍ୟଗତ ପ୍ରଶ୍ନ 30.1

ଉପଯୁକ୍ତ ଶବ୍ଦ/ଶବ୍ଦାବଳୀ ସାହାଯ୍ୟରେ ଶୂନ୍ୟସ୍ଥାନ ପୂରଣ କର :

(i) ଅର୍ଥ ପ୍ରବାହ ବିବରଣୀ ଅର୍ଥର ପ୍ରବାହ ସହିତ ସଂଶ୍ଳିଷ୍ଟ ଯେଉଁଥିରେ ଅର୍ଥ ଏବଂ ........... ଅନ୍ତର୍ଭୁକ୍ତ ଥାଏ ।

(ii) ଅର୍ଥ ପ୍ରବାହ ବିବରଣୀ ଏକ ............. ବିବରଣୀ ଅଟେ ।

(iii) ଅର୍ଥ ପ୍ରବାହ ବିବରଣୀ ଏକ ନିର୍ଦ୍ଦିଷ୍ଟ ଅବଧି ମଧ୍ୟରେ ଅର୍ଥର ................ ଏବଂ .......... ଦର୍ଶାଇଥାଏ ।

(iv) ଏ.ଏସ୍. 3 (ସଂଶୋଧିତ) ଅନୁସାରେ ଅର୍ଥ ପାଣ୍ଠିରେ ନଗଦ ଅର୍ଥ, ବ୍ୟାଙ୍କ୍‌ରେ ଥିବା ଚାହିଦା ଜମା ରାଶି (demand deposits) ଏବଂ ............... ଅନ୍ତର୍ଭୁକ୍ତ ଥାଏ ।

## 30.2 ଅର୍ଥ ପ୍ରବାହ ବିବରଣୀ ପ୍ରସ୍ତୁତ କରିବାର ପଦ୍ଧତି

'ଅର୍ଥ ପ୍ରବାହ ବିବରଣୀ' ପ୍ରସ୍ତୁତ କରିବାର ଦୁଇଟି ପଦ୍ଧତି ଅଛି । ଉଭୟ ପଦ୍ଧତିରେ ତିନୋଟି ଯାକ ଅନୁଚ୍ଛେଦ - ସଂଚାଳନ, ବିନିଯୋଗ ଏବଂ ଅର୍ଥ ଯୋଗାଣର ଉପ-ମୋଟ ଏବଂ ଅନ୍ତିମ ସର୍ବମୋଟ ଫଳାଫଳ ସମାନ ହୋଇଥାଏ । ସେଗୁଡ଼ିକରେ କେବଳ ସଂଚାଳନ କାର୍ଯ୍ୟକଳାପରୁ ହେଉଥିବା ଅର୍ଥ ପ୍ରବାହ ସମ୍ବନ୍ଧିତ ସୂଚନାର ଉପସ୍ଥାପନା ଶୈଳୀ ଭିନ୍ନ ହୋଇଥାଏ ।

- **ପରୋକ୍ଷ ପଦ୍ଧତି**

**..... ରେ ଶେଷ ହୋଇଥିବା ବର୍ଷପାଇଁ ଅର୍ଥ ପ୍ରବାହ ବିବରଣୀର ଛା***

**ହିସାବରକ୍ଷଣ ମାନକ - 3 (ସଂଶୋଧିତ) ଅନୁସାରେ**

| **ବିବରଣୀ** | | ୨ |
|---|---|---|
| (i) ସଂଚାଳନ କାର୍ଯ୍ୟକଳାପରୁ ଅର୍ଥ ପ୍ରବାହ | | × × × |
| ଲାଭ-କ୍ଷତି ହିସାବ ଅନୁସାରେ ନିଟ୍ ଲାଭ କିମ୍ବା | | |
| ଲାଭ-କ୍ଷତି ହିସାବର ଅନ୍ତିମ ବଳକା ଏବଂ ପ୍ରାରମ୍ଭିକ ବଳକା | | |
| ମଧ୍ୟରେ ପାର୍ଥକ୍ୟ (ବିୟୋଗଫଳ) | × × × | |
| **ଯୁକ୍ତ :** ସଂ*ତିକୁ ସ୍ଥାନାନ୍ତରଣ | × × × | |
| ଚଳିତ ବର୍ଷ ପାଇଁ ପ୍ରସ୍ତାବିତ ଲାଭାଂଶ | × × × | |
| ବର୍ଷ ମଧ୍ୟରେ ପ୍ରଦତ୍ତ ମଧ୍ୟବର୍ତ୍ତୀ କାଳୀନ ଲାଭାଂଶ | × × × | |
| ଚଳିତ ବର୍ଷ ମଧ୍ୟରେ ରଖିଥିବା କର ପାଇଁ ପ୍ରାବଧାନ | × × × | |
| ଲାଭ-କ୍ଷତି ହିସାବର ଦାୟୀ ପାର୍ଶ୍ୱରେ ଯଦି | | |





| | | |
|---|---|---|
| କିଛି ଅସାଧାରଣ ଆଇଟମ୍ ଲେଖାଯାଇଥାଏ | × × × | × × × |
| | | × × × |
| **ବିଯୁକ୍ତ:** ଲାଭ-କ୍ଷତି ହିସାବରେ ଦାତା ପାର୍ଶ୍ୱରେ ଯଦି କିଛି ଅସାଧାରଣ ଆଇଟମ୍ ଲେଖାଯାଇଥାଏ | × × × | |
| ଲାଭ-କ୍ଷତି ହିସାବର ଦାତା ପାର୍ଶ୍ୱରେ ଲେଖାଯାଇଥିବା କର ଫେରସ୍ତ । | × × × | × × × |
| **(କ)** କର ଏବଂ ଅସାଧାରଣ ଆଇଟମ୍ ଗୁଡ଼ିକ ପୂର୍ବରୁ ନିଟ୍‌ଲାଭ | | × × × |
| ଅଣ-ଅର୍ଥ ଏବଂ ଅଣ-ସଂଚାଳନ ଆଇଟମ୍ ଗୁଡ଼ିକର ସମାଯୋଜନ | | |
| **(ଖ) ଯୁକ୍ତ :** | | |
| – ମୂଲ୍ୟହ୍ରାସ | × × × | |
| – ପ୍ରାରମ୍ଭିକ ବ୍ୟୟ | × × × | |
| – ଅବଲିଖିତ ହୋଇଥିବା ଅଂଶ ପତ୍ର ଏବଂ ଋଣ ପତ୍ରର ନିର୍ଗମନରେ ରିହାତି | × × × | |
| – କରଜ ଏବଂ ଋଣ ପତ୍ର ଉପରେ ସୁଧ | × × × | |
| – ସ୍ଥାୟୀ ପରିସମ୍ପତ୍ତିର ବିକ୍ରୟରେ କ୍ଷତି | × × × | × × × |
| | | × × × |
| **(ଗ) ବିଯୁକ୍ତ :** | | |
| – ସୁଧ ଆୟ ପ୍ରାପ୍ତି | × × × | |
| - ଲାଭାଂଶ ଆୟ ପ୍ରାପ୍ତି | × × × | |
| - ଘରଭଡ଼ା ଆୟ ପ୍ରାପ୍ତି | × × × | |
| - ସ୍ଥାୟୀ ପରିସମ୍ପତ୍ତିର ବିକ୍ରୟରେ ଲାଭ | × × × | × × × |
| **(ଘ)** କାର୍ଯ୍ୟକାରୀ ପୁଞ୍ଜିର ପରିବର୍ତ୍ତନ ପୂର୍ବରୁ ସଂଚାଳନ ଲାଭ (କ + ଖ – ଗ) | | × × × |
| **(ଙ)** ଚଳନ୍ତି ପରିସମ୍ପତ୍ତିରେ ହ୍ରାସ ଏବଂ ଚଳନ୍ତି ଦାୟରେ ବୃଦ୍ଧି | | × × × |
| **(ଚ)** ବିଯୁକ୍ତ : ଚଳନ୍ତି ପରିସମ୍ପତ୍ତିରେ ବୃଦ୍ଧି ଏବଂ ଚଳନ୍ତି ଦାୟରେ ହ୍ରାସ | | × × × |
| **(ଛ)** ସଂଚାଳନରୁ ଉତ୍ପନ୍ନ ଅର୍ଥ (ଘ + ଙ – ଚ) | | × × × |
| **(ଜ)** ବିଯୁକ୍ତ : ଆୟକର ପୈଠ (ଯୁକ୍ତ : ନିଟ କର ଫେରସ୍ତ ପ୍ରାପ୍ତି) | | × × × |
| **(ଝ)** ଅସାଧାରଣ ଆଇଟମ୍ ଗୁଡ଼ିକ ପୂର୍ବରୁ ଅର୍ଥ ପ୍ରବାହ | | × × × |



ଟିପ୍ପଣୀ

| | | |
|---|---|---|
| ଅସାଧାରଣ ଆଇଟମ୍ ଗୁଡ଼ିକର ସମାଯୋଜନ (+/-) | | × × × |
| **(ଙ)** ସଂଚାଳନ କାର୍ଯ୍ୟକଳାପରୁ ନିଟ୍ ଅର୍ଥ ପ୍ରାପ୍ତି | | × × × |
| (ii) ବିନିଯୋଗ କାର୍ଯ୍ୟକଳାପରୁ ଅର୍ଥ ପ୍ରବାହ | | |
| **ଯୁକ୍ତ :** | | |
| – ସ୍ଥାୟୀ ପରିସମ୍ପତ୍ତିର ବିକ୍ରୟରୁ ଲବ୍ଧ ଅର୍ଥ | | × × × |
| – ବିନିଯୋଗର ବିକ୍ରୟରୁ ପ୍ରାପ୍ତ ଅର୍ଥ | | × × × |
| – ସ୍ପର୍ଶବିହୀନ ପରିସମ୍ପତ୍ତିର ବିକ୍ରୟରୁ ପ୍ରାପ୍ତ ଅର୍ଥ | | × × × |
| – ସୁଧ ଏବଂ ଲାଭାଂଶ ପ୍ରାପ୍ତି | | × × × |
| **ବିଯୁକ୍ତ :** | | |
| – ଘରଭଡ଼ାରୁ ଆୟ | × × × | |
| – ସ୍ଥାୟୀ ପରିସମ୍ପତ୍ତିର କ୍ରୟ | × × × | |
| – ବିନିଯୋଗର କ୍ରୟ | × × × | |
| – ସ୍ପର୍ଶବିହୀନ ପରିସମ୍ପତ୍ତି ଯେପରିକି ସୁନାମର କ୍ରୟ | × × × | × × × |
| | | × × × |
| ସମାଯୋଜିତ ଅସାଧାରଣ ଆଇଟମ୍ ସମୂହ (+/-) | | × × × |
| ବିନିଯୋଗ କାର୍ଯ୍ୟକଳାପରୁ ନିଟ୍ ଅର୍ଥ ପ୍ରାପ୍ତି (ବିନିଯୋଗ କାର୍ଯ୍ୟକଳାପରେ ନିଟ୍ ଅର୍ଥର ପ୍ରୟୋଗ) | | × × × |
| | | × × × |
| iii) ଅର୍ଥ ଯୋଗାଣ କାର୍ଯ୍ୟକଳାପରୁ ଅର୍ଥ ପ୍ରବାହ | | |
| **ଯୁକ୍ତ :** | | |
| ଅଂଶ ପତ୍ର ଏବଂ ଋଣ ପତ୍ରର ନିର୍ଗମନରୁ ପ୍ରାପ୍ତ ଅର୍ଥ | × × × | |
| ଅନ୍ୟ ଦୀର୍ଘ ମିଆଦୀ କରଜ (ଋଣ) ରୁ ପ୍ରାପ୍ତ ଅର୍ଥ | × × × | |
| | × × × | |
| **ବିଯୁକ୍ତ :** | | |
| ଚୂଡ଼ାନ୍ତ ଲାଭାଂଶ ପ୍ରଦାନ | × × × | |
| ମଧ୍ୟବର୍ତ୍ତୀ କାଳୀନ ଲାଭାଂଶ ପ୍ରଦାନ | × × × | |
| ଋଣପତ୍ର ଏବଂ ଋଣ ଉପରେ ପ୍ରଦତ୍ତ ସୁଧ | × × × | |

| | | | |
|---|---|---|---|
| | ଋଣର ପରିଶୋଧ (ଫେରସ୍ତ) | × × × | |
| | ଋଣପତ୍ର ଏବଂ ଅଗ୍ରାଧିକାରଯୁକ୍ତ ଅଂଶ ପତ୍ରର ପରିଶୋଧ | × × × | |
| | ସମାଯୋଜିତ ଅସାଧାରଣ ଆଇଟମ୍ ସମୂହ (+/−) | × × × | × × × |
| | ଅର୍ଥ ଯୋଗାଣ କାର୍ଯ୍ୟକଳାପରୁ/ରେ ପ୍ରାପ୍ତ/ବ୍ୟବହୃତ ନିଟ୍ ଅର୍ଥ | | × × × |
| | | | × × × |
| (iv) | ଅର୍ଥ ଏବଂ ଅର୍ଥ ସମତୁଲ୍ୟରେ ନିଟ୍ ବୃଦ୍ଧି/ହ୍ରାସ ((i + ii + iii) | | × × × |
| (v) | **ଯୁକ୍ତ :** ବର୍ଷ ଆରମ୍ଭରେ ଅର୍ଥ ଏବଂ ଅର୍ଥ ସମତୁଲ୍ୟ | | |
| | – ହାତରେ ଥିବା ଅର୍ଥ | × × × | |
| | – ବ୍ୟାଙ୍କ୍‌ରେ ଥିବା ଅର୍ଥ (ବ୍ୟାଙ୍କ ଅଧିଉଠାଣ) | × × × | |
| | – ସ୍ୱଳ୍ପ ମିଆଦୀ ଜମା | × × × | |
| | – ବିପଣନ ଯୋଗ୍ୟ ପ୍ରତିଭୂତି | × × × | |
| (vi) | **ବିଯୁକ୍ତ :** ବର୍ଷ ଶେଷରେ ଅର୍ଥ ଏବଂ ଅର୍ଥ ସମତୁଲ୍ୟ | | |
| | – ହାତରେ ଥିବା ଅର୍ଥ | × × × | |
| | – ବ୍ୟାଙ୍କ୍‌ରେ ଥିବା ଅର୍ଥ (ବା ବ୍ୟାଙ୍କ୍ ଅଧିଉଠାଣ) | × × × | |
| | – ସ୍ୱଳ୍ପ ମିଆଦୀ ଜମା | × × × | |
| | – ସଂଚାଳନରୁ ଅର୍ଥ ପ୍ରବାହ | × × × | × × × |
| | | | × × × |

- **ପ୍ରତ୍ୟକ୍ଷ ପଦ୍ଧତି**

**..... ରେ ଶେଷ ହୋଇଥିବା ବର୍ଷ ପାଇଁ ଅର୍ଥ ପ୍ରବାହ ବିବରଣୀର ଛାଂ**

**ହିସାବରକ୍ଷଣ ମାନକ - 3 (ସଂଶୋଧିତ) ଅନୁସାରେ**

| | **ବିବରଣୀ** | | ୨ |
|---|---|---|---|
| (i) | ସଂଚାଳନ କାର୍ଯ୍ୟକଳାପରୁ ଅର୍ଥ ପ୍ରବାହ | | |
| | **(କ)** ସଂଚାଳିତ ଅର୍ଥ ପ୍ରାପ୍ତି | | |
| | – ନଗଦ ବିକ୍ରୀ | × × × | |
| | – ଗ୍ରାହକଙ୍କଠାରୁ ପ୍ରାପ୍ତ ଅର୍ଥ | × × × | |
| | – ବ୍ୟାପାରିକ କମିଶନର ପ୍ରାପ୍ତି | × × × | |
| | – ଖଜଣା (ରୟାଲ୍ଟି) ପ୍ରାପ୍ତି | × × × | × × × |







| | | | |
|---|---|---|---|
| **(ଖ)** | **ବିଯୁକ୍ତ :** ସଂଚାଳନ ଅର୍ଥ ପୈଠ | | |
| | – ନଗଦ କ୍ରୟ | × × × | |
| | – ଯୋଗାଣକାରୀଙ୍କୁ ପୈଠ ଅର୍ଥ | × × × | |
| | – ବ୍ୟାବସାୟିକ ବ୍ୟୟ ଯଥା କାର୍ଯ୍ୟାଳୟ ବ୍ୟୟ, ଉତ୍ପାଦନ ବ୍ୟୟ, ବିକ୍ରୟ ଓ ବ[ନ ବ୍ୟୟ ଗୁଡ଼ିକ ପାଇଁ ଅର୍ଥ ପୈଠ | × × × | × × × |
| **(ଗ)** | ସଂଚାଳନରୁ ଉତ୍ପନ୍ନ ଅର୍ଥ (କ - ଖ) | | × × × |
| **(ଘ)** | ବିଯୁକ୍ତ ଆୟକର ପୈଠ (ଯୁକ୍ତ ନିଟ୍ କର ଫେରସ୍ତ ପ୍ରାପ୍ତି) | | × × × |
| **(ଙ)** | ଅସାଧାରଣ ଆଇଟମ୍‌ଗୁଡ଼ିକ ପୂର୍ବରୁ ଅର୍ଥପ୍ରବାହ | | × × × |
| **(ଚ)** | ସମାଯୋଜିତ ଅସାଧାରଣ ଆଇଟମ୍ ସମୂହ (+/–)/ ପ୍ରାପ୍ତି / ପୈଠ | | × × × |
| **(ଛ)** | ସଂଚାଳନ କାର୍ଯ୍ୟକଳାପରୁ/ରେ ପ୍ରାପ୍ତ/ବ୍ୟବହୃତ ନିଟ୍ ଅର୍ଥ | | × × × |
| (ii) | ବିନିଯୋଗ କାର୍ଯ୍ୟକଳାପରୁ ଅର୍ଥ ପ୍ରବାହ (ଏହାର ହିସାବ ପରୋକ୍ଷ ପଦ୍ଧତି ସହ ସମାନ) | | × × × |
| (iii) | ଅର୍ଥଯୋଗାଣ କାର୍ଯ୍ୟକଳାପରୁ ଅର୍ଥ ପ୍ରବାହ (ଏହାର ହିସାବ ପରୋକ୍ଷ ପଦ୍ଧତି ସହ ସମାନ) | | × × × |
| (iv) | ଅର୍ଥ ଏବଂ ଅର୍ଥ ସମତୁଲ୍ୟରେ ନିଟ୍ ବୃଦ୍ଧି/ ହ୍ରାସ (i + ii +iii) | | × × × |
| (v) | ଯୁକ୍ତ : ବର୍ଷ ଆରମ୍ଭର ଅର୍ଥ ଏବଂ ଅର୍ଥ ସମତୁଲ୍ୟ (ପରୋକ୍ଷ ପଦ୍ଧତି ସହିତ ସମାନ) | | × × × |
| (vi) | ବିଯୁକ୍ତ : ବର୍ଷ ଶେଷର ଅର୍ଥ ଏବଂ ଅର୍ଥ ସମତୁଲ୍ୟ | | × × × |
| | | | × × × |

## ଅର୍ଥ ପ୍ରବାହ ବିବରଣୀ ସମ୍ପର୍କିତ କିଛି ତଥ୍ୟ :

(i) କେବଳ ତାଲିକାଭୁକ୍ତ କମ୍ପାନୀ ଗୁଡ଼ିକ ପାଇଁ ଅର୍ଥ ପ୍ରବାହ ବିବରଣୀ ପ୍ରସ୍ତୁତ କରିବା ଏବଂ ଉପସ୍ଥାପନ କରିବା ଆବଶ୍ୟକ ଅଟେ ।

(ii) ଲାଭ-କ୍ଷତି ହିସାବ ଏବଂ ଉଦ୍‌ବୃତ୍ତ ପତ୍ର ଯେଉଁ ହିସାବରକ୍ଷଣ ଅବଧି ପାଇଁ ପ୍ରସ୍ତୁତ କରାଯାଏ ସେହି ସମାନ ଅବଧି ପାଇଁ ଅର୍ଥ ପ୍ରବାହ ବିବରଣୀ ପ୍ରସ୍ତୁତ କରାଯାଇଥାଏ ।

(iii) ଅର୍ଥ ପ୍ରବାହ ଆଇଟମ୍ ଗୁଡ଼ିକ ହେଉଛି: (କ) ସଂଚାଳନ କାର୍ଯ୍ୟକଳାପରୁ ଅର୍ଥ ପ୍ରବାହ, (ଖ) ବିନିଯୋଗ କାର୍ଯ୍ୟକଳାପରୁ ଅର୍ଥ ପ୍ରବାହ, (ଗ) ଅର୍ଥ ଯୋଗାଣ କାର୍ଯ୍ୟକଳାପରୁ ଅର୍ଥ ପ୍ରବାହ ।

(iv) ସଂଚାଳନ କାର୍ଯ୍ୟକଳାପରେ ଆଗମ (ରାଜସ୍ୱ) ଉତ୍ପନ୍ନକାରୀ କାର୍ଯ୍ୟକଳାପ ଅନ୍ତର୍ଭୁକ୍ତ ଯେଉଁଗୁଡ଼ିକ ବିନିଯୋଗ ଏବଂ ଅର୍ଥଯୋଗାଣ କାର୍ଯ୍ୟକଳାପ ନୁହେଁ ।

(v) ସଂଚାଳନ କାର୍ଯ୍ୟକଳାପରୁ ଅର୍ଥ ପ୍ରବାହ ହିସାବ କରିବା ପାଇଁ ଦୁଇଟି ପଦ୍ଧତି ଅଛି । ଯଥା ପ୍ରତ୍ୟକ୍ଷ ପଦ୍ଧତି ଏବଂ ପରୋକ୍ଷ ପଦ୍ଧତି । ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ଼ (SEBI-Securities Exchange Board of India) ର ମାର୍ଗ ନିର୍ଦ୍ଦେଶିକା କେବଳ ପ୍ରତ୍ୟକ୍ଷ ପଦ୍ଧତିକୁ ଅନୁମୋଦନ କରିଅଛି ।

(vi) ଅସାଧାରଣ ଆଇଟମ୍ ସମୂହ : ଅସାଧାରଣ ଆଇଟମ୍ ଗୁଡ଼ିକ ସହିତ ସଂଶ୍ଳିଷ୍ଟ ଅର୍ଥ ପ୍ରବାହକୁ ସଂଚାଳନ, ବିନିଯୋଗ ଓ ଅର୍ଥ ଯୋଗାଣ (ଅର୍ଥାୟନ) କାର୍ଯ୍ୟକଳାପରୁ ଉତ୍ପନ୍ନ ଅର୍ଥ ପ୍ରବାହ ରୂପରେ ପୃଥକ୍ ପୃଥକ୍ ଭାବେ ଶ୍ରେଣୀଭୁକ୍ତ କରାଯିବା ଉଚିତ । ଉଦାହରଣ ସ୍ୱରୂପ, ମହଜୁଦ ମାଲ୍‌ର ହାନି କିମ୍ବା ଭୂକମ୍ପ ଜନିତ କ୍ଷତି କାରଣରୁ ବୀମା କମ୍ପାନୀଠାରୁ ପ୍ରାପ୍ତ ରାଶିକୁ ସଂଚାଳନ କାର୍ଯ୍ୟକଳାପରୁ ଅର୍ଥ ପ୍ରବାହ ରୂପରେ ଦର୍ଶାଯିବା ଉଚିତ ।

## ପାଠ୍ୟଗତ ପ୍ରଶ୍ନ 30.2

ଉପଯୁକ୍ତ ଶବ୍ଦ/ ଶବ୍ଦାବଳୀ ସାହାଯ୍ୟରେ ଶୂନ୍ୟସ୍ଥାନ ପୂରଣ କର :

(i) କେବଳ ........ କମ୍ପାନୀ ଗୁଡ଼ିକ ଅର୍ଥ ପ୍ରବାହ ବିବରଣୀ ପ୍ରସ୍ତୁତ କରନ୍ତି ।

(ii) ସଂଚାଳନରୁ ଅର୍ଥ ପ୍ରବାହ ହିସାବ କରିବା ପାଇଁ ଦୁଇଟି ପଦ୍ଧତି ଅଛି; ଯଥା (i) ପ୍ରତ୍ୟକ୍ଷ ପଦ୍ଧତି, (ii)........ପଦ୍ଧତି ।

(iii) ଅର୍ଥ ପ୍ରବାହକୁ ତିନି ଶ୍ରେଣୀରେ ବିଭକ୍ତ କରାଯାଏ, ଯଥା : ସଂଚାଳନ କାର୍ଯ୍ୟକଳାପ, ଅର୍ଥାୟନ (financing) କାର୍ଯ୍ୟକଳାପ ଏବଂ ........ କାର୍ଯ୍ୟକଳାପ ।

(iv) SEBIର ମାର୍ଗ ନିର୍ଦ୍ଦେଶିକା ଅର୍ଥ ପ୍ରବାହ ବିବରଣୀ ପ୍ରସ୍ତୁତ କରିବା ପାଇଁ କେବଳ ........ ପଦ୍ଧତି ଅନୁମୋଦନ କରିଅଛି ।

## 30.3 ଅର୍ଥ ପ୍ରବାହ ବିବରଣୀର ପ୍ରସ୍ତୁତି

### (i) ସଂଚାଳନ କାର୍ଯ୍ୟକଳାପ

ସଂଚାଳନ କାର୍ଯ୍ୟକଳାପରୁ ଅର୍ଥ ପ୍ରବାହ ମୂଳତଃ ବ୍ୟବସାୟର ମୁଖ୍ୟ ଆଗମ (ରାଜସ୍ୱ) ଉତ୍ପନ୍ନକାରୀ କାର୍ଯ୍ୟକଳାପରୁ ହୋଇଥାଏ । ସଂଚାଳନ କାର୍ଯ୍ୟକଳାପରୁ ହେଉଥିବା ଅର୍ଥ ପ୍ରବାହର କିଛି ଆଇଟମ୍ ହେଲା:

(i) ମାଲ(ଦ୍ରବ୍ୟ) ବିକ୍ରୀ ଏବଂ ସେବା ପ୍ରଦାନରୁ ଅର୍ଥ ପ୍ରାପ୍ତି
(ii) ଖଜଣା, ପାଉଣା, କମିଶନ ଏବଂ ଅନ୍ୟ ଆଗମରୁ ଅର୍ଥ ପ୍ରାପ୍ତି
(iii) ଦ୍ରବ୍ୟ (ମାଲ) ଏବଂ ସେବା ଯୋଗାଣକାରୀଙ୍କୁ ଅର୍ଥ ପୈଠ
(iv) କର୍ମଚାରୀମାନଙ୍କୁ ଅର୍ଥ ପୈଠ
(v) ଆୟ କର ପୈଠ କିମ୍ବା ଫେରସ୍ତ





## ସଂଚାଳନ କାର୍ଯ୍ୟକଳାପରୁ ଅର୍ଥ ପ୍ରବାହର ନିର୍ଦ୍ଧାରଣ

ସଂଚାଳନ କାର୍ଯ୍ୟକଳାପରୁ ଅର୍ଥ ପ୍ରବାହ ଜାଣିବା ପାଇଁ ଦୁଇଟି ସୋପାନ ଅଛି:

**ସୋପାନ - I**

କାର୍ଯ୍ୟକାରୀ ପୁଞ୍ଜିର ପରିବର୍ତ୍ତନ ପୂର୍ବରୁ ସଂଚାଳନ ଲାଭର ହିସାବ :- ଏହା ନିମ୍ନ ଲିଖିତ ଉପାୟରେ ହିସାବ କରାଯାଇ ପାରେ:

| | | |
|---|---|---|
| କର ଏବଂ ଅସାଧାରଣ ଆଇଟମ୍ ସମୂହ ପୂର୍ବରୁ ନିଟ୍ ଲାଭ | | × × × |
| ଯୁକ୍ତ : ଅଣ-ଅର୍ଥ ଏବଂ ଅଣ-ସଂଚାଳନ ଆଇଟମ୍ ସମୂହ | | |
| ଯାହା ଲାଭ-କ୍ଷତି ହିସାବରେ ଦାୟୀ କରାଯାଇ ସାରିଛି, | | |
| ଅର୍ଥାତ୍ : | | |
| ମୂଲ୍ୟହ୍ରାସ | × × × | |
| ସ୍ପର୍ଶ ବିହୀନ ପରିସମ୍ପତ୍ତିର ବିଲୋପନ | × × × | |
| ସ୍ଥାୟୀ ପରିସମ୍ପତ୍ତିର ବିକ୍ରୟ ଜନିତ କ୍ଷତି | × × × | |
| ଦୀର୍ଘ ମିଆଦୀ ବିନିଯୋଗର ବିକ୍ରୟରେ କ୍ଷତି | × × × | |
| କର ପାଇଁ ପ୍ରାବଧାନ | × × × | |
| ଲାଭାଂଶ ପ୍ରଦାନ | × × × | × × × |
| | | × × × |
| ବିଯୁକ୍ତ: ଅଣ-ଅର୍ଥ ଏବଂ ଅଣ- ସଂଚାଳନ ଆଇଟମ୍ ସମୂହ | | |
| ଯାହା ଲାଭ-କ୍ଷତି ହିସାବରେ ଦାତା କରାଯାଇଛି, ଅର୍ଥାତ୍ : | | |
| ସ୍ଥାୟୀ ପରିସମ୍ପତ୍ତିର ବିକ୍ରୟରେ ଲାଭ | × × × | |
| ଦୀର୍ଘ ମିଆଦୀ ବିନିଯୋଗର ବିକ୍ରୟରେ ଲାଭ | × × × | × × × |
| କାର୍ଯ୍ୟକାରୀ ପୁଞ୍ଜିର ପରବର୍ତ୍ତନ ପୂର୍ବରୁ ସଂଚାଳନଲାଭ | | × × × |

**ସୋପାନ -II**

ସୋପାନ - I ଅନୁସାରେ କାର୍ଯ୍ୟକାରୀ ପୁଞ୍ଜିର ପରିବର୍ତ୍ତନ ପୂର୍ବରୁ ସଂଚାଳନ ଲାଭ ଜାଣିବା ପରେ ସେଥିରେ ଚଳନ୍ତି ପରିସମ୍ପତ୍ତି ଏବଂ ଚଳନ୍ତି ଦାୟର ବୃଦ୍ଧି କିମ୍ବା ହ୍ରାସ ସମାଯୋଜିତ କରାଯାଏ । ଚଳନ୍ତି ପରିସମ୍ପତ୍ତି ଏବଂ ଚଳନ୍ତି ଦାୟ ଗୁଡ଼ିକର ସମାଯୋଜନ କଲାବେଳେ ନିମ୍ନଲିଖିତ ସାଧାରଣ ନିୟମାବଳୀ ପ୍ରୟୋଗ କରାଯାଏ :

**(କ) ଚଳନ୍ତି ପରିସମ୍ପତ୍ତି**

(i) ଚଳନ୍ତି ପରିସମ୍ପତ୍ତିର କୌଣସି ଆଇଟମ୍‌ରେ ବୃଦ୍ଧି ହେବା କାରଣରୁ ଅର୍ଥର ଅନ୍ତଃ ପ୍ରବାହରେ ହ୍ରାସ ଘଟେ, କାରଣ ଚଳନ୍ତି ପରିସମ୍ପତ୍ତିରେ ଅର୍ଥ ଅବରୁଦ୍ଧ ହୋଇଯାଏ ।





(ii) ଚଳନ୍ତି ପରିସମ୍ପତ୍ତିର କୌଣସି ଆଇଟମ୍‌ରେ ହ୍ରାସ ହେବା କାରଣରୁ ଅର୍ଥର ଅନ୍ତଃ ପ୍ରବାହରେ ବୃଦ୍ଧି ଘଟେ, କାରଣ ଚଳନ୍ତି ପରିସମ୍ପତ୍ତିର ବିକ୍ରୟରୁ ଅର୍ଥ ମିଳିଥାଏ ।

**(ଖ) ଚଳନ୍ତି ଦାୟ**

(i) ଚଳନ୍ତି ଦାୟର କୌଣସଦି ଆଇଟମ୍‌ରେ ବୃଦ୍ଧି ହେବା କାରଣରୁ ଅର୍ଥର ବାହ୍ୟ ପ୍ରବାହରେ ହ୍ରାସ ଘଟେ, କାରଣ ଏହାଦ୍ୱାରା ଅର୍ଥର ସଂଚୟ ହୁଏ ।

(ii) ଚଳନ୍ତି ଦାୟର କୌଣସି ଆଇଟମ୍‌ରେ ହ୍ରାସ ହେବା କାରଣରୁ ଅର୍ଥର ବାହ୍ୟ ପ୍ରବାହରେ ବୃଦ୍ଧି ଘଟେ, କାରଣ ଏଠାରେ ଦାୟର ପୈଠ ହୁଏ ।

**ଅତଃ,**

ସଂଚାଳନରୁ ଅର୍ଥ = କାର୍ଯ୍ୟକାରୀ ପୁଞ୍ଜିର ପରିବର୍ତ୍ତନ ପୂର୍ବରୁ ସଂଚାଳନ ଲାଭ+ ଚଳନ୍ତି ପରିସମ୍ପତ୍ତିରେ ନିଟ୍ ହ୍ରାସ + ଚଳନ୍ତି ଦାୟରେ ନିଟ୍ ବୃଦ୍ଧି – ଚଳନ୍ତି ପରିସମ୍ପତ୍ତିରେ ନିଟ୍ ବୃଦ୍ଧି – ଚଳନ୍ତି ଦାୟରେ ନିଟ୍ ହ୍ରାସ ।

**ଉଦାହରଣ 1**

ଆୟ ବିବରଣୀ ଅନୁସାରେ ବର୍ଷର ନିଟ୍ ଆୟ ଥିଲା r1,10,000 ଏବଂ ସେହି ବର୍ଷରେ ସ୍ଥାୟୀ ପରିସମ୍ପତ୍ତିର ମୂଲ୍ୟହ୍ରାସ ଥିଲା r 44,000 । ବର୍ଷ ଆରମ୍ଭ ଓ ଶେଷରେ ଚଳନ୍ତି ପରିସମ୍ପତ୍ତି ଏବଂ ଚଳନ୍ତି ଦାୟ ଗୁଡ଼ିକର ବଳକା ନିମ୍ନ ମତେ ଥିଲା । ସଂଚାଳନ କାର୍ଯ୍ୟକଳାପରୁ ନଗଦ ଅର୍ଥ ହିସାବ କର ।

| ଚଳନ୍ତି ଆଇଟମ୍ ସମୂହ | ବର୍ଷ ଶେଷ ପରିମାଣ (r) | ବର୍ଷ ଆରମ୍ଭ ପରିମାଣ (r) |
|---|---|---|
| ଅର୍ଥ | 1,30,000 | 1,40,000 |
| ଖାତକ | 2,00,000 | 1,80,000 |
| ମହଜୁଦ ସାମଗ୍ରୀ | 2,90,000 | 3,00,000 |
| ଅଗ୍ରୀମ ପୈଠ ବ୍ୟୟ | 15,000 | 16,000 |
| ହିସାବ ଦେୟ | 1,02,000 | 1,02, 000 |

**ସମାଧାନ :**

**ସଂଚାଳନ କାର୍ଯ୍ୟକଳାପରୁ ଅର୍ଥ**

| ବିଶଦ ବିବରଣୀ | ପରିମାଣ (r) |
|---|---|
| ନିଟ୍ ଆୟ | 1,10,000 |
| ଅଣ-ଅର୍ଥ ଏବଂ ଅଣ-ସଂଚାଳନ ଆଇଟମ୍ ଗୁଡ଼ିକର ସମାଯୋଜନ: | |
| ଯୁକ୍ତ : ମୂଲ୍ୟ ହ୍ରାସ | 44,000 |







| | | |
|---|---|---|
| ଚଳନ୍ତି ପୁଞ୍ଜିରେ ପରିବର୍ତ୍ତନ ପୂର୍ବରୁ ସଂଚାଳନ ଲାଭ | | 1,54,000 |
| **ଚଳନ୍ତି ପରିସମ୍ପତ୍ତି :** | | |
| ଯୁକ୍ତ (କ) ମହଜୁଦ ସାମଗ୍ରୀରେ ହ୍ରାସ | 10,000 | |
| (ଖ) ଅଗ୍ରୀମ ପୈଠ ବ୍ୟୟରେ ହ୍ରାସ | 1,000 | 11,0000 |
| | | 1,65,000 |
| ବିଯୁକ୍ତ :(କ) ଖାତକରେ ବୃଦ୍ଧି | (20,000) | |
| ଚଳନ୍ତି ଦାୟ : | | |
| (ଖ) ହିସାବ ଦେୟରେ ହ୍ରାସ | (14,000) | 34,000 |
| ସଂଚାଳନ କାର୍ଯ୍ୟକଳାପରୁ ନିଟ୍ ଅର୍ଥ ପ୍ରବାହ | | 1,31,000 |

**ଚରଣ -II**

**ବିନିଯୋଗ କାର୍ଯ୍ୟକଳାପ**

ବିନିଯୋଗ କାର୍ଯ୍ୟକଳାପ କହିଲେ ସେହିସବୁ ନେଣଦେଣକୁ ବୁଝାଇଥାଏ ଯାହା ସ୍ଥାୟୀ କିମ୍ବା ଦୀର୍ଘମିଆଦୀ ପରିସମ୍ପତ୍ତି ଏବଂ ବିନିଯୋଗ ସମୂହର କ୍ରୟ ଏବଂ ବିକ୍ରୟକୁ ପ୍ରଭାବିତ କରିଥାଏ ।

ବିନିଯୋଗ କର୍ଯ୍ୟଲକଳାପରୁ ଉତ୍ପନ୍ନ ଅର୍ଥ ପ୍ରବାହର ଉଦାହରଣ ଗୁଡ଼ିକ ହେଲା :

1 ସ୍ଥାୟୀ ପରିସମ୍ପତ୍ତି ଅଧିଗ୍ରହଣ ନିମନ୍ତେ ଅର୍ଥ ପୈଠ

2. ସ୍ଥାୟୀ ପରିସମ୍ପତ୍ତିର ବିକ୍ରୟରୁ ଅର୍ଥ ପ୍ରାପ୍ତି

3. ଅଂଶପତ୍ର କିମ୍ବା ଋଣପତ୍ର ନିବେଶର ଅଧିଗ୍ରହଣ ନିମନ୍ତେ ଅର୍ଥ ପୈଠ

4. ତୃତୀୟ ପକ୍ଷଙ୍କୁ ପ୍ରଦତ୍ତ ଅଗ୍ରୀମ ଏବଂ ଋଣ ରାଶିର ଫେରସ୍ତ (ପରିଶୋଧ)ରୁ ଅର୍ଥ ପ୍ରାପ୍ତି

ଅତଃ, ବିନିଯୋଗ କାର୍ଯ୍ୟକଳାପରୁ ଅର୍ଥର ଅନ୍ତଃ ପ୍ରବାହ ଗୁଡ଼ିକ ହେଲା :

– ଯନ୍ତ୍ରପାତି ଓ କଳକବ୍ଜା, ଜମି ଓ କୋଠା, ଆସବାବପତ୍ର, ସୁନାମ ଇତ୍ୟାଦିର ନଗଦ ବିକ୍ରୀ

– ଅନ୍ୟ କମ୍ପାନୀ ଗୁଡ଼ିକର ଅଂଶପତ୍ର ଏବଂ ଋଣପତ୍ରରେ କରାଯାଇଥିବା ନିବେଶର ନଗଦ ବିକ୍ରୀ

– ତୃତୀୟ ପକ୍ଷଙ୍କୁ ପ୍ରଦତ୍ତ ଋଣ ରାଶିର ମୂଳଧନ ସଂଗ୍ରହରୁ ଅର୍ଥ ପ୍ରାପ୍ତି ।

ବିନିଯୋଗ କାର୍ଯ୍ୟକାଳପରୁ ଅର୍ଥର ବାହ୍ୟ ପ୍ରବାହ ଗୁଡ଼ିକ ହେଲା :

– ସ୍ଥାୟୀ ପରିସମ୍ପତ୍ତି ଯଥା ଜମି, କୋଠା, ଆସବାପତ୍ର, ଯନ୍ତ୍ରପାତି ଇତ୍ୟାଦିର କ୍ରୟ

– ସ୍ପର୍ଶ ବିହୀନ ପରିସମ୍ପତ୍ତି ଯଥା ସୁନାମ, ଟ୍ରେଡ ମାର୍କ ଇତ୍ୟାଦିର କ୍ରୟ

– ଅଂଶପତ୍ର ଏବଂ ଋଣପତ୍ରର କ୍ରୟ

– ସରକାରୀ ଋଣ ପତ୍ର (ବଣ୍ଡ) ର କ୍ରୟ

– ତୃତୀୟ ପକ୍ଷଙ୍କୁ ଋଣ ପ୍ରଦାନ





**ଉଦାହରଣ 2**

ନିମ୍ନଲିଖିତ ସୂଚନାରୁ ବିନିଯୋଗ କାର୍ଯ୍ୟକଳାପରୁ ଅର୍ଥ ପ୍ରବାହ ହିସାବ କର :

| ବିବରଣୀ | ପ୍ରାରମ୍ଭିକ | ଅନ୍ତିମ |
|---|---|---|
| ଯନ୍ତ୍ରପାତି (ପରିବ୍ୟୟ ମୂଲ୍ୟରେ) | 4,00,000 | 4,20,000 |
| ସଂଚିତ ମୂଲ୍ୟହ୍ରାସ | 1,00,000 | 1,10,000 |
| ପେଟେଣ୍ଟ୍ସ | 2,80,000 | 1,60,000 |

**ଅତିରିକ୍ତ ସୂଚନା :**

(i) ବର୍ଷ ମଧ୍ୟରେ r40,000 ପରିବ୍ୟୟର ଏକ ଯନ୍ତ୍ରପାତି ଯାହାର ସଂଚିତ ମୂଲ୍ୟହ୍ରାସ ଥିଲା r24,000 ତାହା r20,000 ବିକ୍ରୀ ହେଲା ।

(ii) r40,000ର ପେଟେଣ୍ଟ୍ସ ଅବଲିଖିତ ହେଲା ଏବଂ କିଛି ପେଟେଣ୍ଟ୍ସ r20,000 ଲାଭରେ ବିକ୍ରୀ ହେଲା ।

**ବିନିଯୋଗ କାର୍ଯ୍ୟକଳାପରୁ ଅର୍ଥ ପ୍ରବାହ**

| ବିବରଣ | r |
|---|---|
| ଯନ୍ତ୍ରପାତି ବିକ୍ରୟରୁ ଅନ୍ତଃ ପ୍ରବାହ | 20,000 |
| ପେଟେଣ୍ଟ୍ସ ବିକ୍ରୟରୁ ଅନ୍ତଃ ପ୍ରବାହ (2) | 1,00, 000 |
| | 1, 20, 000 |
| ଯନ୍ତ୍ରପାତି କ୍ରୟ ବାବଦରେ ବାହ୍ୟ ପ୍ରବାହ (1) | (60,000) |
| ବିନିଯୋଗ କାର୍ଯ୍ୟକଳାପରୁ ନିଟ୍ ଅର୍ଥ ପ୍ରବାହ | 60, 000 |

**କାର୍ଯ୍ୟକାରୀ ଟିପ୍ପଣୀ**

**ଯନ୍ତ୍ରପାତି ହିସାବ**

| | | | |
|---|---|---|---|
| ବଳକା ନି/ଅ | 4,00,000 | ବ୍ୟାଙ୍କ୍ (ଅନ୍ତଃ ପ୍ରବାହ) | 20,000 |
| ଲାଭ ଓ କ୍ଷତି ହିସାବ (ଯନ୍ତ୍ରପାତି ବିକ୍ରୟରେ ଲାଭ) | 4,000 | ସଂଚିତ ମୂଲ୍ୟହ୍ରାସ (ବିକ୍ରୀହୋଇଥିବା ଯନ୍ତ୍ରର ମୂଲ୍ୟହ୍ରାସ) | 24,000 |
| ବ୍ୟାଙ୍କ୍ ହିସାବ (ବାହ୍ୟ ପ୍ରବାହ) (ବଳକା ରାଶି) | 60, 000 | ବଳକା ନି/ନି | 4,20,000 |
| | 4,64,000 | | 4,64, 000 |



ଟିପ୍ପଣୀ

**ପେଟେଣ୍ଟ୍ସ ହିସାବ**

| | | | |
|---|---|---|---|
| ବଳକା ନି/ଅ | 2,80,000 | ବ୍ୟାଙ୍କ୍ ହିସାବ (ଅନ୍ତଃ ପ୍ରବାହ) | 1,00,000 |
| ଲାଭ ଓ କ୍ଷତି ହିସାବ | 20, 000 | (ବଳକା ରାଶି) | |
| (ଲାଭ) | | ଲାଭ-କ୍ଷତି ହିସାବ | 40, 000 |
| | | ବଳକା ନି/ନି | 1,60, 000 |
| | 3,00, 000 | | 3,00,000 |

**ଚରଣ - III**

**ଅର୍ଥ ଯୋଗାଣ (ଅର୍ଥାୟନ) କାର୍ଯ୍ୟକଳାପ**

ଅର୍ଥ ପ୍ରବାହ ବିବରଣୀର ତୃତୀୟ ଅନୁଚ୍ଛେଦରେ ଅଣ-ଚଳନ୍ତି ଅଥବା ଦୀର୍ଘ ମିଆଦୀ ଦାୟ ଏବଂ ଅଂଶଧାରୀଙ୍କ ପୁଞ୍ଜି ସହିତ ସଂଶ୍ଳିଷ୍ଟ କାର୍ଯ୍ୟକଳାପରୁ ପ୍ରାପ୍ତ ଏବଂ ସେ ବାବଦ ପୈଠ ଅର୍ଥକୁ ଦର୍ଶାଯାଇଥାଏ । ଅର୍ଥାୟନ କାର୍ଯ୍ୟକଳାପରୁ ଉତ୍ପନ୍ନ ଅର୍ଥ ପ୍ରବାହ ଗୁଡ଼ିକର ଉଦାହରଣ ହେଲା :

– ଅଂଶ ପତ୍ର କିମ୍ବା ଅନ୍ୟ ସଦୃଶ ଦଲିଲ ଗୁଡ଼ିକର ନିର୍ଗମନରୁ ଅର୍ଥ ପ୍ରାପ୍ତି
– ଋଣ ପତ୍ର, ଚିଠା (ନୋଟ୍), ବଣ୍ଡଗୁଡ଼ିକର ନିର୍ଗମନ ଏବଂ ଅନ୍ୟ ଦୀର୍ଘଅବଧି କରଜରୁ ଅର୍ଥ ପ୍ରାପ୍ତି
– କରଜ (ଋଣ) ରାଶିର ଅର୍ଥ ପରିଶୋଧ

ଅର୍ଥାୟନ କାର୍ଯ୍ୟକଳାପରୁ ଅର୍ଥର ଅନ୍ତଃ ପ୍ରବାହ ଗୁଡ଼ିକ ହେଲା:

– ସାଧାରଣ ଏବଂ ଅଗ୍ରାଧିକାର ଯୁକ୍ତ ଅଂଶ ପୁଞ୍ଜିର କେବଳ ନଗଦ ଅର୍ଥରେ ନିର୍ଗମନ
– ଋଣପତ୍ର, ବଣ୍ଡ୍ ଏବଂ ଦୀର୍ଘ-ମିଆଦୀ ଚିଠା ଗୁଡ଼ିକର କେବଳ ନଗଦ ଅର୍ଥରେ ନିର୍ଗମନ

ଅର୍ଥାୟନ କାର୍ଯ୍ୟକଳାପରୁ ଅର୍ଥର ବାହ୍ୟ ପ୍ରବାହ ଗୁଡ଼ିକ ହେଲା :

– ଅଂଶଧାରୀ ମାନଙ୍କୁ ଲାଭାଂଶ ପ୍ରଦାନ
– ଋଣ ଅର୍ଥାତ୍ ଋଣପତ୍ର ଏବଂ ବଣ୍ଡ୍ ଗୁଡ଼ିକର ପରିଶୋଧନ
– ଅଗ୍ରାଧିକାର ଯୁକ୍ତ ଅଂଶ ପୁଞ୍ଜିର ପରିଶୋଧନ
– ସାଧାରଣ (ସମତା) ଅଂଶ ଗୁଡ଼ିକର ପୁନଃ କ୍ରୟ

**ଉଦାହରଣ 3**

ନିମ୍ନ ଲିଖିତ ସୂଚନାରୁ ଅର୍ଥାୟନ କାର୍ଯ୍ୟକଳାପରୁ ଅର୍ଥ ପ୍ରବାହ ହିସାବ କର :

| ବିବରଣ | 31.12.2006<br>r | 31.12.2007<br>r |
|---|---|---|
| ସାଧାରଣ ଅଂଶ ପୁଞ୍ଜି | 4,00,000 | 5,00,000 |
| 10% ଋଣପତ୍ର | 1,50,000 | 1,00,000 |
| ପ୍ରତିଭୂତି ପ୍ରିମିୟମ୍ | 40,000 | 50,000 |





**ଅତିରିକ୍ତ ସୂଚନା :** ଋଣପତ୍ର ଉପରେ r10,000 ସୁଧ ପୈଠ କରାଯାଇଛି

**ସମାଧାନ :**

**ଅର୍ଥାୟନ କାର୍ଯ୍ୟକଳାପରୁ ଅର୍ଥର ହିସାବ**

| ବିବରଣ | r | r |
|---|---|---|
| ଅଂଶପତ୍ର ନିର୍ଗମନରୁ ଅର୍ଥ ପ୍ରାପ୍ତି (ପ୍ରିମିୟମ୍‌କୁ ମିଶାଇ) | | 1,10,000 |
| ଋଣପତ୍ର ଉପରେ ସୁଧ ପ୍ରଦାନ | 10,000 | |
| ଋଣପତ୍ରର ପରିଶୋଧନ | 50,000 | 60,000 |
| | | 50,000 |

**ଉଦାହରଣ 4**

ନିମ୍ନ ଲିଖିତ ଅର୍ଥ ପ୍ରବାହ ଗୁଡ଼ିକୁ ସଂଚାଳନ କାର୍ଯ୍ୟକଳାପ, ବିନିଯୋଗ କାର୍ଯ୍ୟକଳାପ ଏବଂ ଅର୍ଥାୟନ କାର୍ଯ୍ୟକଳାପରୁ ଅର୍ଥ ପ୍ରବାହ ଭାବେ ଶ୍ରେଣୀଭୁକ୍ତ କର :

(କ) ମାଲ୍ (ଦ୍ରବ୍ୟ)ର ନଗଦ ବିକ୍ରୀ

(ଖ) କଂମାଲ୍ ଯୋଗାଣକାରୀଙ୍କୁ ଅର୍ଥ ପୈଠ

(ଗ) କର୍ମଚାରୀମାନଙ୍କୁ ଦରମା ଏବଂ ମଜୁରୀ ବାବଦ ଅର୍ଥ ପୈଠ

(ଘ) ସ୍ଥାୟୀ ପରିସମ୍ପତ୍ତି ଅଧିଗ୍ରହଣ (କ୍ରୟ) ନିମନ୍ତେ ଅର୍ଥ ପୈଠ

(ଙ) ପ୍ରିମିୟମ୍‌ରେ ଅଂଶପତ୍ରର ନିର୍ଗମନରୁ ଅର୍ଥ ପ୍ରାପ୍ତି

(ଚ) ଲାଭାଂଶ ପ୍ରଦାନ

(ଛ) ନିବେଶ ଉପରେ ସୁଧ ପ୍ରାପ୍ତି

(ଜ) ଋଣପତ୍ର ଉପରେ ସୁଧ

(ଝ) ଆୟକର ପୈଠ

(ଞ) ଦୀର୍ଘ ମିଆଦୀ ଋଣ ବାବଦ ଅର୍ଥ ପୈଠ

**ସମାଧାନ:**

**1. ସଂଚାଳନ କାର୍ଯ୍ୟକଳାପରୁ ଅର୍ଥ ପ୍ରବାହ**

**(କ) ମାଲ୍‌ର ନଗଦ ବିକ୍ରୀ :** ମହଜୁଦ ସାମଗ୍ରୀ ଅଥବା ମାଲ୍ ବିକ୍ରୟର ସାଧାରଣ ବ୍ୟବସାୟିକ କାର୍ଯ୍ୟ (ଅର୍ଥର ଅନ୍ତଃ ପ୍ରବାହ)

**(ଖ) କଂମାଲ୍ ଯୋଗାଣକାରୀଙ୍କୁ ଅର୍ଥ ପୈଠ :** ମାଲ୍ କ୍ରୟ ନିମନ୍ତେ ନିତ୍ୟ ନୈମିତ୍ତିକ ପୈଠ (ଅର୍ଥର ବାହ୍ୟ ପ୍ରବାହ)



ଟିପ୍ପଣୀ



**(ଗ) କର୍ମଚାରୀମାନଙ୍କୁ ଦରମା ଏବଂ ମଜୁରୀ ବାବାଦ ଅର୍ଥ ପୈଠ :** କର୍ମଚାରୀ ମାନଙ୍କୁ କାର୍ଯ୍ୟାଳୟରେ ସୋମନଙ୍କ ସେବା ପାଇଁ ଅର୍ଥ ପୈଠ (ଅର୍ଥର ବାହ୍ୟ ପ୍ରବାହ)

**(ଙ) ଆୟକର ପୈଠ :** ବ୍ୟାବସାୟିକ ଆୟ ଉପରେ କର ପୈଠ (ଅର୍ଥର ବାହ୍ୟ ପ୍ରବାହ)

**2. ବିନିଯୋଗ କାର୍ଯ୍ୟକଳାପରୁ ଅର୍ଥ ପ୍ରବାହ**

**(ଘ) ସ୍ଥାୟୀ ପରିସମ୍ପତ୍ତି ଅଧିଗ୍ରହଣ ନିମନ୍ତେ ଅର୍ଥ ପୈଠ :** ଦୀର୍ଘ ମିଆଦୀ ପରିସମ୍ପତ୍ତିର କ୍ରୟ (ଅର୍ଥର ବାହ୍ୟ ପ୍ରବାହ)

**(ଛ) ନିବେଶ ଉପରେ ସୁଧ ପ୍ରାପ୍ତି :** ଏହା ନିବେଶ ଉପରେ ଏକ ଆୟ (ଅର୍ଥର ଅନ୍ତଃ ପ୍ରବାହ)

**3. ଅର୍ଥ ଯୋଗାଣ (ଅର୍ଥାୟନ) କାର୍ଯ୍ୟକଳାପରୁ ଅର୍ଥ ପ୍ରବାହ**

**(ଙ) ପ୍ରିମିୟମ୍‌ରେ ଅଂଶପତ୍ରର ନିର୍ଗମନରୁ ଅର୍ଥ ପ୍ରାପ୍ତି :** (ଅର୍ଥର ଅନ୍ତଃ ପ୍ରବାହ)

**(ଚ) ଲାଭାଂଶ ପ୍ରଦାନ :** ଏହା ଅଂଶ ପୁଞ୍ଜିର ନିର୍ଗମନ ସହିତ ସମ୍ବନ୍ଧିତ (ଅର୍ଥର ବାହ୍ୟ ପ୍ରବାହ)

**(ଜ) ଋଣପତ୍ର ଉପରେ ସୁଧ ପୈଠ :** ଋଣ ପୁଞ୍ଜି ସହିତ ସମ୍ବନ୍ଧିତ ପୈଠ (ଅର୍ଥର ବାହ୍ୟ ପ୍ରବାହ)

**(ଝ) ଦୀର୍ଘମିଆଦୀ ଋଣ ବାବଦ ଅର୍ଥପୈଠ :** ଋଣ ଅଥବା କରଜ ପୁଞ୍ଜିର ପରିଶୋଧନ (ଅର୍ଥର ବାହ୍ୟ ପ୍ରବାହ)

## ପାଠ୍ୟଗତ ପ୍ରଶ୍ନ 30.3

ନିମ୍ନ ଲିଖିତ ଆଇଟମ୍ ଗୁଡ଼ିକୁ (i) ସଂଚାଳନ (ii) ବିନିଯୋଗ ଏବଂ (iii) ଅର୍ଥାୟନ କାର୍ଯ୍ୟକଳାପରେ ଶ୍ରେଣୀଭୁକ୍ତ କର :

(i) ଆୟକର ଫେରସ୍ତ

(ii) ଅଂଶଧାରୀଙ୍କୁ ଲାଭାଂଶ ପ୍ରଦାନ

(iii) ଜମି ଓ କୋଠା କ୍ରୟ

(iv) ସଂଯନ୍ତ୍ର (କଳ) କ୍ରୟ

(v) ଋଣପତ୍ର ଉପରେ ସୁଧ ପୈଠ

## 30.4 ସ୍ୱତନ୍ତ୍ର ଆଇଟମ୍ ଗୁଡ଼ିକର ଉପଚାର (ଲେଖାଯୋଖା)

**(i) ମଧ୍ୟବର୍ତ୍ତୀ କାଳୀନ ଲାଭାଂଶ ପୈଠ (ପ୍ରଦାନ)**

ନିମ୍ନ ଲିଖିତ ପଦ୍ଧତି ଅନୁସୃତ ହୁଏ :

(i) ବର୍ଷ ମଧ୍ୟରେ ପୈଠ ହୋଇଥିବା ମଧ୍ୟମର୍ତ୍ତୀ କାଳୀନ ଲାଭାଂଶର ରାଶିକୁ ଅର୍ଥ ପ୍ରବାହ ବିବରଣୀରେ ବାହ୍ୟ ପ୍ରବାହ ଭାବେ ଦର୍ଶାଯାଏ ।





(ii) ସଂଚାଳନ କାର୍ଯ୍ୟରୁ ଅର୍ଥ ପ୍ରାପ୍ତିର ହିସାବ କରିବା ଉଦ୍ଦେଶ୍ୟରେ ଉକ୍ତ ରାଶିକୁ ଲାଭ ସହିତ ଯୋଗ କରି ଦିଆଯାଏ ।

(iii) ସଂଚାଳନ କାର୍ଯ୍ୟରୁ ଅର୍ଥ ପ୍ରାପ୍ତିର ହିସାବ ଯଦି ନିଟ୍ ଲାଭର ସଂଶୋଧିତ ରାଶିର ଆଧାରରେ କରାଯାଏ, ତେବେ କୌଣସି ସମାଯୋଜନର ଆବଶ୍ୟକ ହୋଇ ନ ଥାଏ ।

**(ii) ପ୍ରସ୍ତାବିତ ଲାଭାଂଶ**

ଲାଭାଂଶ ସର୍ବଦା ଉଦ୍‌ବୃତ୍ତ ପତ୍ର ପ୍ରସ୍ତୁତ କରାଯିବା ପରେ ସାଧାରଣ ସଭାରେ ଘୋଷଣା କରାଯାଏ । ତେଣୁ ଏହା ଏକ ଅଣ- ସଂଚାଳନ ଆଇଟମ୍ ଯାହା ସଂଚାଳନ କାର୍ଯ୍ୟରୁ ଉତ୍ପନ୍ନ ଅର୍ଥର ହିସାବ କଲାବେଳେ ବିଚାରକୁ ନିଆ ଯିବା ଉଚିତ ନୁହେଁ । ଅତଃ, ପ୍ରସ୍ତାବିତ ଲାଭାଂଶର ରାଶିକୁ ଚଳିତ ବର୍ଷର ଲାଭ ସହିତ ଯୋଗ କରି ଦିଆଯିବ ଏବଂ ବର୍ଷ ମଧ୍ୟରେ ଲାଭାଂଶ ବାବଦରେ ପୈଠ ଅର୍ଥକୁ ଅର୍ଥର ବାହ୍ୟ ପ୍ରବାହ ଭାବେ ଦର୍ଶାଯିବ ।

**(iii) ଅଂଶ ପୁଞ୍ଜି**

ଅଂଶ ପୁଞ୍ଜିରେ ବୃଦ୍ଧିକୁ ଅର୍ଥର ଅନ୍ତଃ ପ୍ରବାହ ଭାବେ ଧରାଯାଏ କେବଳ ସେତେବେଳେ ଯେତେବେଳେ ନଗଦ ଅର୍ଥରାଶିରେ ବୃଦ୍ଧି ପ୍ରାପ୍ତ ହୋଇଥାଏ । ଉଦାହରଣ ସ୍ୱରୂପ ଯଦି ଏକ କମ୍ପାନୀ 10,000ଟି 10 ଟଙ୍କିଆ ଅଂଶ ପତ୍ର କେବଳ ନଗଦ ଅର୍ଥ ବଦଳରେ ନିର୍ଗମନ କରେ, ତେବେ ଅର୍ଥାୟନ କାର୍ଯ୍ୟକଳାପରୁ ଅର୍ଥର ଅନ୍ତଃ ପ୍ରବାହ ଭାବେ r1,00,000 ଦର୍ଶାଯିବ । ସେହିପରି ଅଗ୍ରାଧିକାର ଯୁକ୍ତ ଅଂଶପତ୍ରର ପରିଶୋଧନ ଅର୍ଥର ଏକ ବାହ୍ୟ ପ୍ରବାହ ଅଟେ । କିନ୍ତୁ ଯେତେବେଳେ ସ୍ଥାୟୀ ପରିସମ୍ପତ୍ତିର କ୍ରୟ ବାବଦ ଅର୍ଥାୟନ ନିମନ୍ତେ ଅଂଶପୁଞ୍ଜିର ନିର୍ଗମନ କରାଯାଏ ଅଥବା ଋଣପତ୍ରକୁ ସମତା ଅଂଶରେ ପରିବର୍ତ୍ତନ କରାଯାଏ, ସେତେବେଳେ କୌଣସି ଅର୍ଥ ପ୍ରବାହ ହୋଇ ନ ଥାଏ । ଅଧିକନ୍ତୁ ବୋନସ୍ ଅଂଶପତ୍ରର ନିର୍ଗମନରେ କୌଣସି ଅର୍ଥ ପ୍ରବାହ ହୋଇ ନଥାଏ ।

**(iv) ସ୍ଥାୟୀ ପରିସମ୍ପତ୍ତିର କ୍ରୟ କିମ୍ବା ବିକ୍ରୟ**

ଦୁଇଟି ଭିନ୍ନ ତାରିଖର ତୁଳନାତ୍ମକ ଉଦ୍‌ବୃତ୍ତ ପତ୍ରରେ ସ୍ଥାୟୀ ପରିସମ୍ପତ୍ତି ବାବଦରେ ଦର୍ଶାଯାଇଥିବା ରାଶି ହୁଏତ ସୂଚାଇପାରେ ଯେ ବର୍ଷ ମଧ୍ୟରେ କୌଣସି ସ୍ଥାୟୀ ପରିସମ୍ପତ୍ତି କ୍ରୟ କରାଯାଇଛି କିମ୍ବା ବିକ୍ରୀ କରାଯାଇଛି । ଏହା ଅର୍ଥର ଅନ୍ତଃ ପ୍ରବାହ କିମ୍ବା ବାହ୍ୟ ପ୍ରବାହ ନିର୍ଦ୍ଧାରଣ କରିବାରେ ସକ୍ଷମ କରାଇବ । ଉଦାହରଣ ସ୍ୱରୂପ, ଯଦି ଯନ୍ତ୍ରପାତି ଓ କଳ କବ୍‌ଜା ଚଳିତ ବର୍ଷରେ r60,000 ରେ ଦର୍ଶାଯାଇଛି ଏବଂ ପୂର୍ବ ବର୍ଷରେ r50,000 ରେ ଦର୍ଶାଯାଇଛି, ତେବେ ଅନ୍ୟ କୌଣସି ସୂଚନାର ଅନୁପସ୍ଥିତିରେ ଏହା କେବଳ ଏକମାତ୍ର ଉପସଂହାର ହୋଇପାରେ ଯେ ବର୍ଷ ମଧ୍ୟରେ r10,000 ର ସ୍ଥାୟୀ ପରିସମ୍ପତ୍ତିର କ୍ରୟ କରାଯାଇଛି । ତେଣୁ r10,000 ଅର୍ଥର ବାହ୍ୟ ପ୍ରବାହ ଭାବେ ଦର୍ଶାଯିବ ।

**(v) କର ପାଇଁ ପ୍ରାବଧାନ**

ଏହା ଏକ ଅଣ-ସଂଚାଳନ ବ୍ୟୟ ଅଟେ ଅଥବା ଆୟ ବିବରଣୀ/ ଲାଭ-କ୍ଷତି ହିସାବରେ ବିନିଯୋଜନର ଏକ ଆଇଟମ୍ ଅଟେ ଏବଂ ସେଥିପାଇଁ ସଂଚାଳନ କାର୍ଯ୍ୟକଳାପରୁ ପ୍ରାପ୍ତ ଅର୍ଥରାଶିରୁ ଏହାକୁ ବିୟୋଗ କରିବା ଉଚିତ ନୁହେଁ । ତେଣୁ ଯଦି କର ପରେ ଲାଭ ପ୍ରଦତ୍ତ

ଅଛି ଏବଂ ବର୍ଷ ମଧ୍ୟରେ କର ପାଇଁ ପ୍ରାବଧାନର ରାଶି ପ୍ରଦତ୍ତ ଅଛି, ତେବେ ଏହାକୁ ଚଳନ୍ତି ବର୍ଷର ଲାଭ ସହିତ ଯୋଗ କରି ଦିଆଯିବ ।

ଅର୍ଥ ପ୍ରବାହ ବିବରଣୀରେ ପୈଠ କରାଯାଇଥିବା କରକୁ ଅଲଗା କରି ଅର୍ଥର ଏକ ବାହ୍ୟ ପ୍ରବାହ ଭାବେ ଲିପିବଦ୍ଧ କରାଯିବ । କରପାଇଁ ପ୍ରାବଧାନର ଆଇଟମ୍‌କୁ ଚଳନ୍ତି ପରିସମ୍ପତ୍ତି ଭାବେ ଧରାଯିବ ନାହିଁ ।

ସମୟ ସମୟରେ କର ପାଇଁ ପ୍ରାବଧାନ ସମ୍ବନ୍ଧରେ ପ୍ରାରମ୍ଭିକ ଉଦ୍‌ବୃତ୍ତ ପତ୍ର ଏବଂ ଅନ୍ତିମ ଉଦ୍‌ବୃତ୍ତ ପତ୍ରରେ ପ୍ରଦର୍ଶିତ ଦୁଇଟି ରାଶିର ସୂଚନା କେବଳ ଉପଲବ୍ଧ ଥାଏ । ଏହି କ୍ଷେତ୍ରରେ ପ୍ରାରମ୍ଭିକ ଉଦ୍‌ବୃତ୍ତ ପତ୍ରରେ ପ୍ରଦର୍ଶିତ ରାଶିକୁ ଅର୍ଥର ଏକ ବାହ୍ୟ ପ୍ରବାହ ଭାବେ ଧରାଯାଏ ଯେତେବେଳେ କି ଅନ୍ତିମ ଉଦ୍‌ବୃତ୍ତ ପତ୍ରରେ ପ୍ରଦର୍ଶିତ ରାଶିକୁ ଏକ ଅଣ-ଅର୍ଥ ତଥା ଅଣ-ସଂଚାଳନ ବ୍ୟୟ ବୋଲି ଧରାଯାଏ ଏବଂ ତେଣୁ ଏହାକୁ ନିଟ୍ ଆୟ ରାଶି ସହିତ ଯୋଗ କରାଯାଇ ସଂଚାଳନ କାର୍ଯ୍ୟରୁ ଅର୍ଥ ପ୍ରାପ୍ତି ବାହାର କରାଯାଏ ।

**ଉଦାହରଣ 5**

ବଂଶଲ ପ୍ରାଇଭେଟ୍ ଲିମିଟେଡ୍ ର ଦୁଇଟି ଭିନ୍ନ ତାରିଖର ତୁଳନାତ୍ମକ ଉଦ୍‌ବୃତ୍ତ ପତ୍ରରୁ ନିମ୍ନ ସୂଚନା ପ୍ରାପ୍ତ ହେଲା :

| ପରିସମ୍ପତ୍ତି | 2006 | 2007 |
|---|---|---|
| | ପରିମାଣ (r) | ପରିମାଣ (r) |
| ଯନ୍ତ୍ରପାତି ଓ କଳ କବ୍‌ଜା | 13,50,000 | 14,40,000 |

ଏହି ସୂଚନା ମଧ୍ୟ ଦିଆ ଯାଇଛି ଯେ ବର୍ଷ ମଧ୍ୟରେ ମୂଲ୍ୟହ୍ରାସ ବାବଦ r60,000 ପରିମାଣର ପ୍ରାବଧାନ କରାଯାଇଛି । ପରିସମ୍ପତ୍ତିରେ ହୋଇଥିବା ପରିବର୍ତ୍ତନ ବାହାର କର ଏବଂ ଅର୍ଥ ପ୍ରବାହ ଉପରେ ତା'ର ପ୍ରଭାବ ମଧ୍ୟ ଉଲ୍ଲେଖ କର ।

**ସମାଧାନ :**

ପରିସମ୍ପତ୍ତି ହିସାବକୁ ପ୍ରଭାବିତ କରିଥିବା ନେଣଦେଣକୁ ଚିହ୍ନଟ କରିବା ପାଇଁ ନିମ୍ନ ପ୍ରଦର୍ଶିତ ମତେ ଯନ୍ତ୍ରପାତି ଓ କଳକବ୍‌ଜା ହିସାବ ପ୍ରସ୍ତୁତ କରିବା ହେଉଛି ସଠିକ୍ ପ୍ରଣାଳୀ :

**ଯନ୍ତ୍ରପାତି ଓ କଳକବ୍‌ଜା ହିସାବ**

| ବିବରଣ | ପରିମାଣ (r) | ବିବରଣ | ପରିମାଣ (r) |
|---|---|---|---|
| ବଳକା ନି/ଅ | 13,50,000 | ମୂଲ୍ୟହ୍ରାସ (ଦତ୍ତ) | 60,000 |
| ବ୍ୟାଙ୍କ୍ ହିସାବ | 1, 50,000 | ବଳକା ନି/ନି | 14,40, 000 |
| (ନୂଆ ଯନ୍ତ୍ରପାତିର କ୍ରୟ) | | | |
| | 15,00,000 | | 15,00,000 |





**ଟିପ୍ପଣୀ :**

– ସ୍ୱତନ୍ତ୍ର ସୂଚନାର ଅନୁପସ୍ଥିତିରେ ଏହା ସ୍ୱୀକାର କରାଯାଇ ପାରିବ ଯେ r1,50,000ର ଏକ ଅତିରିକ୍ତ ଯନ୍ତ୍ରପାତିର କ୍ରୟ କରାଯାଇଥିଲା ।

– ଯନ୍ତ୍ରପାତି ଓ କଳକବ୍‌ଜା ଉପରେ ଖର୍ଚ୍ଚ ହୋଇଥିବା ରାଶି ଯୋଗୁ ଅର୍ଥ ଏବଂ ଏହାର ସମତୁଲ୍ୟରେ ହ୍ରାସ ହୋଇଅଛି । ସେଥିପାଇଁ ଏହା ଅର୍ଥର ବାହ୍ୟ ପ୍ରବାହର ଏକ ଉଦାହରଣ ଅଟେ ।

**ଉଦାହରଣ 6**

ୱିଲ୍‌ସନ ପ୍ରା : ଲି: ର ତୁଳନାତ୍ମକ ଉଦ୍‌ବୃତ୍ତ ପତ୍ରରେ 'କୋଠା ହିସାବ'ର ସ୍ଥିତି ନିମ୍ନମତେ ପ୍ରଦତ୍ତ ଅଛି:

| ଦାୟ | 2006 ପରିମାଣ (r) | 2007 ପରିମାଣ (r) | ପରିସମ୍ପତ୍ତି | 2006 ପରିମାଣ (r) | 2007 ପରିମାଣ (r) |
|---|---|---|---|---|---|
| ସ୍*ତ ମୂଲ୍ୟହ୍ରାସ (କୋଠା) | 7,00,000 | 7,90,000 | କୋଠା | 38,40,000 | 39, 10,000 |

**ଅତିରିକ୍ତ ସୂଚନା**

r 74, 000 ର କୋଠାର ଏକ ଅଂଶ r60,000 ରେ ବିକ୍ରୀ ହେଲା । ବିକ୍ରୀ ହୋଇଥିବା କୋଠା ଉପରେ r20,000ର ସ୍*ତ ମୂଲ୍ୟହ୍ରାସ ଥିଲା । ନେଣଦେଣର ବିଶ୍ଳେଷଣ କର ।

**ସମାଧାନ :**

ନିମ୍ନ ଲିଖିତ ହିସାବ ମାନ ପ୍ରସ୍ତୁତ କରିବା ପୂର୍ବକ କୋଠା ହିସାବକୁ ପ୍ରଭାବିତ କରିଥିବା ବିଭିନ୍ନ ନେଣଦେଣର ଚିହ୍ନଟ କରିବାକୁ ହେବ :

**କୋଠା ହିସାବ**

ଦାୟୀ ଦାତା

| ବିବରଣୀ | ପରିମାଣ (r) | ବିବରଣୀ | ପରିମାଣ (r) |
|---|---|---|---|
| ବଳକା ନି/ଅ | 38,40, 000 | ଅର୍ଥ (ଅନ୍ତଃପ୍ରବାହ) | 60, 000 |
| ଲାଭ-କ୍ଷତି ହିସାବ (ବିକ୍ରୟରେ ଲାଭ) | 6,000 | ସ୍*ତ ମୂଲ୍ୟ ହ୍ରାସ ହିସାବ | 20,000 |
| ବ୍ୟାଙ୍କ୍ ହିସାବ (କ୍ରୟ)(ବାହ୍ୟ ପ୍ରବାହ) | 1,44,000 | ବଳକା ନି/ନି | 39,10,000 |
| | 39, 90, 000 | | 39, 90, 000 |

**ସଞ୍ଚିତ ମୂଲ୍ୟହ୍ରାସ ହିସାବ**

ଦାୟୀ ଦାତା

| ବିବରଣ | ପରିମାଣ (r) | ବିବରଣ | ପରିମାଣ (r) |
|---|---|---|---|
| କୋଠା ହିସାବ | 20,000 | ବଳକା ନି/ଅ | 7,00,000 |
| ବଳକା ନି/ନି | 7, 90, 000 | ଲାଭ-କ୍ଷତି ହିସାବ | 1,10,000 |
| | 8,10,000 | | 8,10,000 |

**ଟିପ୍ପଣୀ:**

– କୋଠା ବିକ୍ରୟରୁ ଲାଭ (ଅର୍ଥାତ୍ r6,000 ) ଘୋଷିତ ଆୟ (ବା ଲାଭ)ରୁ ବିୟୋଗ କରାଯିବ ।

– କୋଠା ହିସାବର ବଳକା ପ୍ରବାହ ରାଶିକୁ r1,44,000 କୋଠା କ୍ରୟ ବାବଦ ଅର୍ଥର ଏକ ବାହ୍ୟ ପ୍ରବାହ ଭାବେ ଚିହ୍ନଟ କରାଯାଇଛି ।

– ଲାଭ-କ୍ଷତି ହିସାବରେ r1,10,000ର ପ୍ରଭାର ଏକ ଅଣ-ଅର୍ଥ ବ୍ୟୟ ଏବଂ ଏହାକୁ ଘୋଷିତ ନିଟ୍ ଆୟ (ଲାଭ) ସହିତ ଯୋଗ କରିଦିଆଯିବ ।

**ଉଦାହରଣ 7**

ମେସର୍ସ ଗିଲ୍ ପ୍ରାଇଭେଟ୍ (ପ୍ରା:)ଲିମିଟେଡ୍ (ଲିଃ) ର 2006 ଏବଂ 2007 ପାଇଁ କର ପାଇଁ ପ୍ରାବଧାନ ସମ୍ବନ୍ଧରେ ତୁମକୁ ନିମ୍ନ ସୂଚନା ମାନ ଦିଆଯାଇଛି:

| ଦାୟ | 2006 | 2007 |
|---|---|---|
| | r | r |
| କର ପାଇଁ ପ୍ରାବଧାନ | 15,000 | 20,000 |

2007 ବର୍ଷ ପାଇଁ ନିଟ୍ ଆୟ r50,000ଅଟେ ।

ଏହାକୁ ଏକ ଅଣ-ଚଳନ୍ତି ଦାୟ ବୋଲି ସ୍ୱୀକାର କରି ତୁମେ ଏହାର କିଭଳି ପ୍ରଦର୍ଶନ କରିବ ?

**ସମାଧାନ :**

2006 ବର୍ଷ ପାଇଁ ପ୍ରାବଧାନ ଅର୍ଥର ଏକ ବାହ୍ୟ ପ୍ରବାହ ଅଟେ ।

2007 ବର୍ଷ ପାଇଁ ପ୍ରାବଧାନ ପ୍ରଦର୍ଶନ ନିମ୍ନ ପ୍ରକାର କରାଯିବ :

| | |
|---|---|
| | \ |
| 2007 ବର୍ଷ ପାଇଁ ନିଟ୍ ଆୟ | 50,000 |
| ଯୁକ୍ତ : 2007 ପାଇଁ କର ପାଇଁ ପ୍ରାବଧାନ | 20,000 |
| ସଂଚାଳନ କାର୍ଯ୍ୟକଳାପରୁ ପ୍ରାପ୍ତ ଅର୍ଥ | 70,000 |

**ଉଦାହରଣ 8**

ନିମ୍ନରେ ବେଣୁ ଗୋପାଳନ୍ ଲିମିଟେଡ଼ (ଲି:)ର ବହିରୁ ଅଣାଯାଇଥିବା ଆବଶ୍ୟକ ସୂଚନା ଦିଆଗଲା :

| | 2006 | 2007 |
|---|---|---|
| | r | r |
| କର ପାଇଁ ପ୍ରାବଧାନ | 50,000 | 70,000 |



ଟିପ୍ପଣୀ

2007 ମଧ୍ୟରେ ପୈଠ ହୋଇଥିବା କର ରାଶିର ପରିମାଣ ଥିଲା r40,000 । ଏହାକୁ ଏକ ଅଣ-ଚଳନ୍ତି ଆଇଟମ୍ ସ୍ୱୀକାର ପୂର୍ବକ ତୁମେ ଏହାର କିପରି ବ୍ୟବହାର (ପ୍ରଦର୍ଶନ) କରିବ ? ତୁମକୁ କର ପରେ r80,000 ନିଟ୍ ଲାଭ ହୋଇଥିବାର ମଧ୍ୟ ଦିଆ ଯାଇଛି ।

**ସମାଧାନ :**

ଏହି ପ୍ରଶ୍ନର ସମାଧାନ କରିବା ପାଇଁ 2007 ବର୍ଷରେ ଲାଭ-କ୍ଷତି ହିସାବରେ ଚାର୍ଜ କରାଯାଇ ଥିବା (ଲେଖା ଯାଇଥିବା) କର ପାଇଁ ପ୍ରାବଧାନର ରାଶି ବାହାର କରିବାକୁ ହେବ ।

**କର ପାଇଁ ପ୍ରାବଧାନ ହିସାବ**

ଦାୟୀ | ଦାତା

| ବିବରଣ | ପରିମାଣ (r) | ବିବରଣୀ | ପରିମାଣ (r) |
|---|---|---|---|
| ବ୍ୟାଙ୍କ୍ (ପୈଠ) | 40,000 | ବଳକା ନି/ଅ | 50,000 |
| ବଳକା ନି/ନି | 70,000 | ଲାଭ-କ୍ଷତି ହିସାବ (ବଳକା ରାଶି) | 60,000 |
| | 1,10,000 | | 1,10,000 |

(i) r 40,000 ଅର୍ଥର ଏକ ବାହ୍ୟ ପ୍ରବାହ ଅଟେ ।

(ii) ସଂଚାଳନ କାର୍ଯ୍ୟକଳାପରୁ ପ୍ରାପ୍ତ ଅର୍ଥ ରାଶିର ହିସାବ ଏହିପରି ହେବ:

| | (r) |
|---|---|
| କର ପରେ ନିଟ୍ ଲାଭ | 80,000 |
| ଯୁକ୍ତ : କର ପାଇଁ ପ୍ରାବଧାନ ଯାହାକୁ ଅଣ-ଅର୍ଥ ବ୍ୟୟ ଧରାଯାଏ | 60,000 |
| | 1,40,000 |

**ଉଦାହରଣ 9**

ନିମ୍ନ ପ୍ରଦତ୍ତ ତୁଳନାତ୍ମକ ଉଦ୍‌ବୃତ୍ତ ପତ୍ରରେ କର ପାଇଁ ପ୍ରାବଧାନ ସମ୍ବନ୍ଧରେ ଆବଶ୍ୟକୀୟ ସୂଚନା ରହିଅଛି :

| ଦାୟ | 2006<br>r | 2007<br>r |
|---|---|---|
| କର ପାଇଁ ପ୍ରାବଧାନ | 20,000 | 30,000 |

ତୁମକୁ ଏହି ସୂଚନା ମଧ୍ୟ ଦିଆଯାଇଛି ଯେ 2007 ବର୍ଷ ପାଇଁ ଲାଭ-କ୍ଷତି ହିସାବକୁ r50,000 ଚାର୍ଜ କରାଯାଇଛି କେତେ ଅର୍ଥ ରାଶି ବ୍ୟବହୃତ ହୋଇଛି ହିସାବ କର ।





**ସମାଧାନ :**

**କର ପାଇଁ ପ୍ରାବଧାନ ହିସାବ**

ଦାୟୀ ଦାତା

| ବିବରଣ r | ପରିମାଣ | ବିବରଣ r | ପରିମାଣ |
|---|---:|---|---:|
| ବ୍ୟାଙ୍କ୍ (ବଳକା ରାଶି) | 40,000 | ବଳକା ନି/ଅ | 20,000 |
| ବଳକା ନି /ନି | 30,000 | ଲାଭ -କ୍ଷତି ହିସାବ | 50,000 |
| | 70, 000 | | 70,000 |

**ଟିପ୍ପଣୀ :**

– r40,000 ଅର୍ଥର ଏକ ବାହ୍ୟ ପ୍ରବାହ ଭାବେ ଦର୍ଶାଯିବ

– r50,000 କୁ ଏକ ଅଣ-ଅର୍ଥ ବ୍ୟୟ ଭାବେ ଉପଚାର କରାଯିବ ଏବଂ ନିଟ୍ ଆୟ ରାଶି ସହିତ ଯୋଗ କରି ସଂଚାଳନରୁ ଅର୍ଥ ପ୍ରାପ୍ତି ହିସାବ କରାଯିବ ।

**ଉଦାହରଣ 10**

ଏ.ବି.ସି. ଲିମିଟେଡ (ଲି:)ର ସଂକ୍ଷିପ୍ତୀକୃତ ଅର୍ଥ ହିସାବରୁ ପ୍ରତ୍ୟକ୍ଷ ପଦ୍ଧତି ଏବଂ ପରୋକ୍ଷ ବଦ୍ଧତି ବ୍ୟବହାର ପୂର୍ବକ ଏ.ଏସ୍. -3(ସଂଶୋଧିତ) ଅନୁସାରେ 31ଡିସେମ୍ବର 2006 ରେ ଶେଷ ହୋଇଥିବା ବର୍ଷ ପାଇଁ ଅର୍ଥ ପ୍ରବାହ ବିବରଣୀ ପ୍ରସ୍ତୁତ କର । କମ୍ପାନୀର କୌଣସି ଅର୍ଥ ସମତୁଲ୍ୟ ନାହିଁ :

**ସଂକ୍ଷିପ୍ତୀକୃତ ଅର୍ଥ ହିସାବ**

| ବିବରଣ | ପରିମାଣ (r000) | ବିବରଣ | ପରିମାଣ (r000) |
|---|---:|---|---:|
| 1.1.2006 ରେ ବଳକା | 50 | ଯୋଗାଣକାରୀଙ୍କୁ ପୈଠ | 2,000 |
| ସମତା ଅଂଶର ନିର୍ଗମନ | 300 | ସ୍ଥାୟୀ ପରିସମ୍ପତ୍ତିର କ୍ରୟ | 200 |
| ଗ୍ରାହକଙ୍କଠାରୁ ପ୍ରାପ୍ତି | 2, 800 | ଉପରିବ୍ୟୟ | 200 |
| ସ୍ଥାୟୀ ପରିସମ୍ପତ୍ତିର ବିକ୍ରୟ | 100 | ମଜୁରୀ ଓ ବେତନ | 100 |
| | | କର | 250 |
| | | ଲାଭାଂଶ | 50 |
| | | ବ୍ୟାଙ୍କ୍ ଋଣର ପୈଠ | 300 |
| | | 31.12.2006 ରେ ବଳକା | 150 |
| | 3,250 | | 3,250 |

ଅତିରିକ୍ତ ସୂଚନା : 2006 ବର୍ଷ ପାଇଁ କର ପୂର୍ବରୁ ନିଟ୍ ଲାଭ ଥିଲା r5,00,000





**ସମାଧାନ :**

**ଏ.ବି.ସି.ଲି: ର ଅର୍ଥ ପ୍ରବାହ ବିବରଣୀ**

**31 ଡିସେମ୍ବର 2006 ରେ ସମାପ୍ତ ହୋଇଥିବା ବର୍ଷ ପାଇଁ (ପରୋକ୍ଷ ପଦ୍ଧତି)**

| | r 000 | r000 |
|---|---|---|
| (କ) ସଂଚାଳନ କାର୍ଯ୍ୟକଳାପରୁ ଅର୍ଥ ପ୍ରବାହ : | | |
| କର ପୂର୍ବରୁ ନିଟ୍ ଲାଭ | 500 | |
| ଆୟକର ପୈଠ | (250) | |
| ସଂଚାଳନ କାର୍ଯ୍ୟକଳାପରୁ ନିଟ୍ ଅର୍ଥ | | 250 |
| (ଖ) ବିନିଯୋଗ କାର୍ଯ୍ୟକଳାପରୁ ଅର୍ଥ ପ୍ରବାହ : | | |
| ସ୍ଥାୟୀ ପରିସମ୍ପତ୍ତିର କ୍ରୟ | (200) | |
| ସ୍ଥାୟୀ ପରିସମ୍ପତ୍ତିର ବିକ୍ରୟ | 100 | |
| ବିନିଯୋଗ କାର୍ଯ୍ୟକଳାପରେ ବ୍ୟବହୃତ ନିଟ୍ ଅର୍ଥ | | (100) |
| (ଗ) ଅର୍ଥାୟନ କାର୍ଯ୍ୟକଳାପରୁ ଅର୍ଥ ପ୍ରବାହ : | | |
| ସମତା ଅଂଶ ପତ୍ରର ନିର୍ଗମନ | 300 | |
| ବ୍ୟାଙ୍କ୍ ଋଣ ପରିଶୋଧ | (300) | |
| ଲାଭାଂଶ ପ୍ରଦାନ | (50) | |
| ଅର୍ଥାୟନ କାର୍ଯ୍ୟକଳାପରେ ବ୍ୟବହୃତ ନିଟ୍ ଅର୍ଥ | | (50) |
| ନଗଦ ଅର୍ଥରେ ନିଟ୍ ବୃଦ୍ଧି (କ+ଖ+ଗ) | | 100 |
| (ଅର୍ଥାତ୍ କାର୍ଯ୍ୟକଳାପରୁ ନିଟ୍ ଅର୍ଥର ଅନ୍ତଃ ପ୍ରବାହ) | | |
| ପ୍ରାରମ୍ଭିକ ବଳକା ଅର୍ଥ | | 50 |
| ଅନ୍ତିମ ବଳକା ଅର୍ଥ | | 150 |

**ଏ.ବି.ସି. ଲିଃ ର ଅର୍ଥ ପ୍ରବାହ ବିବରଣୀ (ପ୍ରତ୍ୟକ୍ଷ ପଦ୍ଧତି)**

**31 ଡ଼ିସେମ୍ବର 2006 ରେ ଶେଷ ହୋଇଥିବା ବର୍ଷ ପାଇଁ**

| | r 000 | r000 |
|---|---|---|
| (କ) ସଂଚଳାନ କାର୍ଯ୍ୟକଳାପରୁ ଅର୍ଥ ପ୍ରବାହ : | | |
| ଗ୍ରାହକଙ୍କ ଠାରୁ ଅର୍ଥ ପ୍ରାପ୍ତି | 2,800 | |
| ଯୋଗାଣକାରୀଙ୍କୁ ଅର୍ଥ ପୈଠ | (2000) | |



ଟିପ୍ପଣୀ

| | | | |
|---|---|---|---|
| | ମଜୁରୀ ଏବଂ ଦରମା ବାବଦ ଅର୍ଥ ପୈଠ | (100) | |
| | ଉପରିବ୍ୟୟ ବାବଦ ଅର୍ଥ ପୈଠ | (200) | |
| | ଆୟକର ପୈଠ | (250) | |
| | ସଂଚାଳନ କାର୍ଯ୍ୟକଳାପରୁ ନିଟ୍ ଅର୍ଥ | | 250 |
| (ଖ) | ବିନିଯୋଗ କାର୍ଯ୍ୟକଳାପରୁ ଅର୍ଥ ପ୍ରବାହ: | | |
| | ନଗଦ ଅର୍ଥରେ ସ୍ଥାୟୀ ପରିସମ୍ପତ୍ତିର କ୍ରୟ | (200) | |
| | ସ୍ଥାୟୀ ପରିସମ୍ପତ୍ତିର ବିକ୍ରୟରୁ ନଗଦ ଅର୍ଥ | 100 | |
| | ବିନିଯୋଗ କାର୍ଯ୍ୟକଳାପରେ ବ୍ୟବହୃତ ନିଟ୍ ଅର୍ଥ | | (100) |
| (ଗ) | ଅର୍ଥାୟନ କାର୍ଯ୍ୟକଳାପରୁ ଅର୍ଥ ପ୍ରବାହ : | | |
| | ସମତା ଅଂଶ ପତ୍ରର ନିର୍ଗମନରୁ ଅର୍ଥ ପ୍ରାପ୍ତି | 300 | |
| | ବ୍ୟାଙ୍କ୍ ଋଣ ପରିଶୋଧ | (300) | |
| | ଲାଭାଂଶ ପ୍ରଦାନ | (50) | |
| | ଅର୍ଥାୟନ କାର୍ଯ୍ୟକଳାପରେ ବ୍ୟବହୃତ ନିଟ୍ ଅର୍ଥ | | (50) |
| | ନଗଦ ଅର୍ଥରେ ନିଟ୍ ବୃଦ୍ଧି (କ +ଖ +ଗ) | 100 | |
| | (ଅର୍ଥାତ୍ କାର୍ଯ୍ୟକଳାପରୁ ନିଟ୍ ଅର୍ଥ) | | |
| | ପ୍ରାରମ୍ଭିକ ଅର୍ଥ ବଳକା | 50 | |
| | ଅନ୍ତିମ ଅର୍ଥ ବଳକା | 150 | |

**ଉଦାହରଣ 11**

ନିମ୍ନ ସୂଚନାରୁ 31 ମାର୍ଚ୍ଚରେ ଶେଷ ହୋଇଥିବା ବର୍ଷ ପାଇଁ କ୍ଲାସିକ୍ ଲିଃର ଅର୍ଥ ପ୍ରବାହ ବିବରଣୀ ପ୍ରସ୍ତୁତ କର (ଉଭୟ ପଦ୍ଧତିରେ) :

**ଉଦ୍‌ବୃତ୍ତ ପତ୍ର**

**31 ମାର୍ଚ୍ଚ ର**

| ଦାୟ | 2005 r | 2006 r | ପରିସମ୍ପତ୍ତି | 2005 r | 2006 r |
|---|---|---|---|---|---|
| ଅଂଶ ପୁଞ୍ଜି | 70,000 | 70,000 | ସ୍ଥାୟୀ ପରିସମ୍ପତ୍ତି | 50,000 | 91,000 |
| ସୁରକ୍ଷିତ ଋଣ | – | 40,000 | ସାମଗ୍ରୀ (ମହଜୁଦ) | 15,000 | 40,000 |
| ଉଧାର ଦାତା | 14,000 | 39,000 | ଉଧାର ଗ୍ରହୀତା | 5,000 | 20,000 |



ଟିପ୍ପଣୀ

| | | | | | |
|---|---|---|---|---|---|
| ଦେୟ କର | 1,000 | 3,000 | ଅର୍ଥ | 20,000 | 7,000 |
| ଲାଭ-କ୍ଷତି ହିସାବ | 7,000 | 10,000 | ପୂର୍ବପ୍ରଦତ୍ତ ବ୍ୟୟ | 2,000 | 4,000 |
| | 92,000 | 1,62,000 | | 92,000 | 1,62,00 |

**ଲାଭ-କ୍ଷତି ହିସାବ**

**31 ମାର୍ଚ୍ଚ 2006 ରେ ସମାପ୍ତ ହୋଇଥିବା ବର୍ଷ ପାଇଁ**

ଦାୟୀ ଦାତା

| ବିବରଣ | ପରିମାଣ r | ବିବରଣ | ପରିମାଣ r |
|---|---|---|---|
| ପ୍ରାରମ୍ଭିକ ମହଜୁଦ | 15,000 | ବିକ୍ରୟ | 1,00,000 |
| କ୍ରୟ | 98, 000 | ଅନ୍ତିମ ମହଜୁଦ ସାମଗ୍ରୀ | 40, 000 |
| ସ୍ଥୁଳ ଲାଭ ନି/ନି | 27,000 | | |
| | 140, 000 | | 140,000 |
| ସାଧାରଣ ବ୍ୟୟ | 11, 000 | ସ୍ଥୁଳ ଲାଭ ନି/ଅ | 27,000 |
| ମୂଲ୍ୟ ହ୍ରାସ | 8,000 | | |
| କର ପାଇଁ ପ୍ରାବଧାନ | 4,000 | | |
| ନିଟ୍ ଲାଭ ନି/ନି | 4,000 | | |
| | 27,000 | | 27,000 |
| ଲାଭାଂଶ (ଅନ୍ତରୀଣ) | 1,000 | ବଳକା ନି/ଅ | 7,000 |
| ବଳକା ନି/ନି | 10,000 | ନିଟ୍‌ଲାଭ ନି/ଅ | 4, 000 |
| | 11,000 | | 11,000 |

**ସମାଧାନ :**

**ଅର୍ଥ ପ୍ରବାହ ବିବରଣୀ (ପ୍ରତ୍ୟକ୍ଷ ପଦ୍ଧତି )**

**ମାର୍ଚ୍ଚ 31, 2006 ରେ ସମାପ୍ତ ହୋଇଥିବା ବର୍ଷ ପାଇଁ**

| ବିବରଣୀ | ପରିମାଣ r |
|---|---|
| (କ) ସଂଚାଳନ କାର୍ଯ୍ୟକଳାପରୁ ଅର୍ଥ ପ୍ରବାହ : | |
| ଉଧାର ଗ୍ରହୀତାଙ୍କଠାରୁ ଅର୍ଥ ପ୍ରାପ୍ତି (ଉଧାରଗ୍ରହୀତାଙ୍କ ହିସାବ ଦେଖ) | 85,000 |







| | | |
|---|---|---|
| ଅର୍ଥ ପୈଠ : | | |
| ଯୋଗାଣ କାରୀଙ୍କୁ ଅର୍ଥ ପୈଠ (ଉଧାରଦାତାଙ୍କ ହିସାବ ଦେଖ) | (73,000) | |
| ସାଧାରଣ ବ୍ୟୟ | (13,000) | (86,000) |
| ସଂଚାଳନ କାର୍ଯ୍ୟକଳାପରୁ ନଗଦ ଅର୍ଥ | | (1,000) |
| କର ପୈଠ | | (2,000) |
| ସଂଚାଳନ କାର୍ଯ୍ୟକଳାପରୁ ନିଟ୍ ଅର୍ଥ | | (3,000) |
| (ଖ) ବିନିଯୋଗ କାର୍ଯ୍ୟକଳାପରୁ ଅର୍ଥ ପ୍ରବାହ : | | |
| ସ୍ଥାୟୀ ପରିସମ୍ପତ୍ତିର କ୍ରୟ | (49,000) | |
| ବିନିଯୋଗ କାର୍ଯ୍ୟକଳାପରୁ ବ୍ୟବହୃତ ନିଟ୍ ଅର୍ଥ | | (49,000) |
| (ଗ) ଅର୍ଥାୟନ କାର୍ଯ୍ୟକଳାପରୁ ଅର୍ଥ ପ୍ରବାହ : | | |
| ସୁରକ୍ଷିତ ଋଣ ଉଠାଣରୁ ନଗଦ ଅର୍ଥ | 40,000 | |
| ଲାଭାଂଶ ପୈଠ | (1,000) | |
| ଅର୍ଥାୟନ କାର୍ଯ୍ୟକଳାପରୁ ନିଟ୍ ଅର୍ଥ | | 39,000 |
| ନଗଦ ଅର୍ଥରେ ନିଟ୍ ହ୍ରାସ (−3,000- 49,000 + 39,000) [କ+ଖ+ଗ] | | (13,000) |

**କାର୍ଯ୍ୟକାରୀ ଟିପ୍ପଣୀ :**

**ଉଧାର ଗ୍ରହୀତାଙ୍କ ହିସାବ**

ଦାୟୀ — ଦାତା

| ବିବରଣ | ପରିମାଣ r | ବିବରଣ | ପରିମାଣ r |
|---|---|---|---|
| ବଳକା ନି/ଅ | 5,000 | ଅର୍ଥ ହିସାବ (ପ୍ରାପ୍ତ) (ବଳକା ରାଶି) | 85,000 |
| ବିକ୍ରୟ ହିସାବ (ଦାତା) | 1,00,000 | ବଳକା ନି/ନି | 20,000 |
| | 1,05,000 | | 1,05,000 |

**ଉଧାର ଦାତାଙ୍କ ହିସାବ**

ଦାୟୀ — ଦାତା

| ବିବରଣ | ପରିମାଣ r | ବିବରଣ | ପରିମାଣ r |
|---|---|---|---|
| ଅର୍ଥ ହିସାବ (ବଳକା ରାଶି) | 73,000 | ବଳକା ନି/ଅ | 14,000 |
| ବଳକା ନି/ନି | 39,000 | କ୍ରୟ ହିସାବ | 98,000 |
| | 1,12,000 | | 1,12,000 |





**ସ୍ଥାୟୀ ପରିସମ୍ପତ୍ତି ହିସାବ**

ଦାୟୀ — ଦାତା

| ବିବରଣ | ପରିମାଣ r | ବିବରଣ | ପରିମାଣ r |
|---|---|---|---|
| ବଳକା ନି/ଅ | 50,000 | ମୂଲ୍ୟହ୍ରାସ | 8,000 |
| ସ୍ଥାୟୀ ପରିସମ୍ପତ୍ତି କ୍ରୟ | 49,000 | ବଳକା ନି/ନି | 91,000 |
| | 99,000 | | 90,000 |

**ଅର୍ଥ ପ୍ରବାହ ବିବରଣୀ (ପରୋକ୍ଷ ପଦ୍ଧତି)**

**ମାର୍ଚ୍ଚ 31, 2006 ରେ ସମାପ୍ତ ହୋଇଥିବା ବର୍ଷ ପାଇଁ**

| ବିବରଣ | | ପରିମାଣ r |
|---|---|---|
| (କ) ସଂଚାଳନ କାର୍ଯ୍ୟକଳାପରୁ ଅର୍ଥ ପ୍ରବାହ : | | |
| ଲାଭ -କ୍ଷତି ହିସାବ ଅନୁସାରେ ନିଟ୍ ଲାଭ | | 4,000 |
| ଯୁକ୍ତ: କର ପାଇଁ ପ୍ରାବଧାନ (କର ପାଇଁ ପ୍ରାବଧାନ ହିସାବ ଦେଖ) | | 4,000 |
| କର ପୂର୍ବରୁ ନିଟ୍ ଲାଭ | | 8,000 |
| ଯୁକ୍ତ : ମୂଲ୍ୟହ୍ରାସ | | 8,000 |
| କାର୍ଯ୍ୟକାରୀ ପୁଞ୍ଜିରେ ପରିବର୍ତ୍ତନ ପୂର୍ବରୁ ସଂଚାଳନ ଲାଭ | | 16,000 |
| ଯୁକ୍ତ : ଚଳନ୍ତି ପରିସମ୍ପତ୍ତିରେ ହ୍ରାସ କିମ୍ବା | | |
| ଚଳନ୍ତି ଦାୟରେ ବୃଦ୍ଧି | | |
| ଉଧାରଦାତାରେ ବୃଦ୍ଧି | 25,000 | |
| ବିଯୁକ୍ତ:ଚଳନ୍ତି ପରିସମ୍ପତ୍ତିରେ ବୃଦ୍ଧି କିମ୍ବା | | |
| ଚଳନ୍ତି ଦାୟରେ ହ୍ରାସ | | |
| ଉଧାର ଗ୍ରହୀତାରେ ବୃଦ୍ଧି | (15,000) | |
| ମହଜୁଦ ସମାଗ୍ରୀରେ ବୃଦ୍ଧି | (25, 000) | |
| ପୂର୍ବ ପ୍ରଦତ୍ତ ବ୍ୟୟରେ ବୃଦ୍ଧି | (2,000) | (17,000) |
| ସଂଚାଳନ କାର୍ଯ୍ୟକଳାପରୁ ଅର୍ଥ | | (1,000) |
| କର ପୈଠ | | (2,000) |
| ସଂଚାଳନ କାର୍ଯ୍ୟକଳାପରୁ ନିଟ୍ ଅର୍ଥ | | (3,000) |







| | | |
|---|---|---|
| (ଖ) ବିନିଯୋଗ କାର୍ଯ୍ୟକଳାପରୁ ଅର୍ଥ ପ୍ରବାହ : | | |
| ସ୍ଥାୟୀ ପରିସମ୍ପତ୍ତିର କ୍ରୟ (ସ୍ଥାୟୀ ପରିସମ୍ପତ୍ତି ଦେଖ) | (49,000) | |
| ବିନିଯୋଗ କାର୍ଯ୍ୟକାଳପରେ ବ୍ୟବହୃତ ନିଟ୍ ଅର୍ଥ | | (49,000) |
| (ଗ) ଅର୍ଥାୟନ କାର୍ଯ୍ୟକଳାପରୁ ଅର୍ଥ ପ୍ରବାହ : | | |
| ସୁରକ୍ଷିତ ଋଣ ଉଠାଣରୁ ନଗଦ ଅର୍ଥ | 40,000 | |
| ଲାଭାଂଶ ପୈଠ | (1,000) | |
| ଅର୍ଥାୟନ କାର୍ଯ୍ୟକଳାପରୁ ନିଟ୍ ଅର୍ଥ ପ୍ରବାହ | | 39,000 |
| ଅର୍ଥ କିମ୍ବା ଅର୍ଥତୁଲ୍ୟରେ ନିଟ୍ ହ୍ରାସ | | (13,000) |

**କାର୍ଯ୍ୟକାରୀ ଟିପ୍ପଣୀ :**

**1. ସ୍ଥାୟୀ ପରିସମ୍ପତ୍ତି ହିସାବ**

ଦାୟୀ ଦାତା

| ବିବରଣ | ପରିମାଣ r | ବିବରଣ | ପରିମାଣ r |
|---|---|---|---|
| ବଳକା ନି/ଅ | 50,000 | ମୂଲ୍ୟହ୍ରାସ ହିସାବ (ଦତ୍ତ) | 8,000 |
| ଅର୍ଥ ହିସାବ (କ୍ରୟ) (ବଳକା ରାଶି) | 49,000 | ବଳକା ନି/ନି | 91,000 |
| | 99,000 | | 99,000 |

**2. କର ପାଇଁ ପ୍ରାବଧାନ ହିସାବ (ଦେୟ କର ହିସାବ)**

ଦାୟୀ ଦାତା

| ବିବରଣ | ପରିମାଣ r | ବିବରଣ | ପରିମାଣ r |
|---|---|---|---|
| ଅର୍ଥ ହିସାବ (କର ପୈଠ) (ବଳକା ରାଶି) | 2,000 | ବଳକା ନି/ଅ (ଦତ୍ତ) | 1,000 |
| ବଳକା ନି/ନି (ଦତ୍ତ) | 3,000 | ଲାଭ-କ୍ଷତି ହିସାବ (ବର୍ଷ ମଧ୍ୟରେ ରଖାଯାଇଥିବା ପ୍ରାବଧାନ) | 4,000 |
| | 5,000 | | 5,000 |

### ଅର୍ଥ ପ୍ରବାହ ବିବରଣୀର ସୀମାବଦ୍ଧତା

ଯଦିଓ ଏହା ସତ୍ୟ ଯେ ଆଜି କାଲି ଅର୍ଥ ପ୍ରବାହ ବିବରଣୀ ବହୁତ ଉପଯୋଗୀ ସାବ୍ୟସ୍ତ ହୋଇଥାଏ ଏବଂ ଅନେକ ଉଦ୍ଦେଶ୍ୟ ସାଧନ କରି କରିଥାଏ, ତଥାପି ଏହି ଗୁରୁତ୍ୱପୂର୍ଣ୍ଣ ସାଧନୀକୁ ବ୍ୟବହାର କଲାବେଳେ କେତେକ ନିର୍ଦ୍ଦିଷ୍ଟ ସତର୍କତା ଅବଲମ୍ବନ କରିବା ଆବଶ୍ୟକ ହୋଇଥାଏ । ଏହାର କାରଣ ହେଉଛି ନିଟ୍ ଆୟ ରାଶିକୁ ଅର୍ଥ ପ୍ରବାହ ସହିତ ଠିକ୍ ଭାବେ ସମ୍ବନ୍ଧିତ ନ କରିବା ଦ୍ୱାରା ତ୍ରୁଟିପୂର୍ଣ୍ଣ ଉପସଂହାର ଗ୍ରହଣ କରାଯାଇ ପାରେ । ଅର୍ଥ ପ୍ରବାହ ବିବରଣୀର କେତେକ ଗୁରୁତ୍ୱପୂର୍ଣ୍ଣ ସୀମାବଦ୍ଧତା ନିମ୍ନରେ ପ୍ରଦତ୍ତ ହେଲା :

- 'ଅର୍ଥ' ଶବ୍ଦର ସଠିକ୍ ସଂଜ୍ଞା (ପରିଭାଷା) ନିର୍ଣ୍ଣୟ କରିବା ବହୁତ କଠିନ ହୋଇଥାଏ ।
- ଏପରି କେତେ ଗୁଡ଼ିଏ ଆଇଟମ୍ ଅଛି ଯେଉଁ ଗୁଡିକ ବିବଦମାନ ଅଟେ, ଯଥା ଚେକ୍ ଡାକ ଟିକଟ୍,ପୋଷ୍ଟାଲ୍ ଅର୍ଡର ଇତ୍ୟାଦିକୁ ଅର୍ଥରେ ଅନ୍ତର୍ଭୁକ୍ତ କରାଯିବ କି ନାହିଁ ।
- ଯେହେତୁ ସାମ୍ପ୍ରତିକ ବ୍ୟବସାୟ ଅର୍ଥ ଆଧାରିତ ସ୍ଥାନରେ ଅର୍ଜିତ (ଉଦ୍‌ଗମ) ଆଧାରିତ ଅଟେ, ପୂର୍ବ ପ୍ରଦତ୍ତ ଏବଂ ଉଧାରୀ ନେଣଦେଣ ଗୁଡ଼ିକୁ ଚଳନ୍ତି ପୁଞ୍ଜିରେ ବୃଦ୍ଧି ଆକାରରେ ଉପସ୍ଥାପନା କରାଯାଇ ପାରେ । ଫଳତଃ, ନିଟ୍ ଆୟକୁ ଅର୍ଥ ପ୍ରବାହର ସମକକ୍ଷ ଭାବେ ମାନି ନେବା ମଧ ତ୍ରୁଟି ପୂର୍ଣ୍ଣ ହେବ କାରଣ କେତେକ ଅଣ-ଅର୍ଥ ଆଇଟମ୍ ନିଟ୍ ଆୟକୁ ପ୍ରଭାବିତ କରିବ ।

### ପାଠ୍ୟଗତ ପ୍ରଶ୍ନ 30.4

ଉପଯୁକ୍ତ ଶବ୍ଦ / ଶବ୍ଦାବଳୀ ବ୍ୟବହାର କରି ଶୂନ୍ୟସ୍ଥାନ ପୂରଣ କର

(i) କର ପାଇଁ ପ୍ରାବଧାନ. . . . . . . . ବ୍ୟୟ ଅଟେ ।

(ii) ଅଶଂ ପୁଞ୍ଜିରେ ବୃଦ୍ଧି . . . . . . . . ଅଟେ ।

(iii) ସ୍ଥାୟୀ ପରିସମ୍ପତ୍ତିର କ୍ରୟ. . . . . . . . ଅଟେ ।

(iv) ଅଂଶ ପୁଞ୍ଜିରେ ହ୍ରାସ . . . . . . . . ଅଟେ ।

(v) ସ୍ଥାୟୀ ପରିସମ୍ପତ୍ତିର ବିକ୍ରୟ . . . . . . . . ଅଟେ ।

(iv) ଋଣ ପତ୍ରର ନିର୍ଗମନ . . . . . . . . ଅଟେ ।

### ତୁମେ ଯାହା ଶିଖିଲ

- ଅର୍ଥ ପ୍ରବାହ ବିବରଣୀ ଅର୍ଥର ପ୍ରବାହ ସହିତ ସଂଶ୍ଳିଷ୍ଟ ଯେଉଁଥିରେ ଅର୍ଥ ଏବଂ ଅର୍ଥ ସମତୁଲ୍ୟ ଅନ୍ତର୍ଭୁକ୍ତ ଥାଏ ।
- ଅର୍ଥ ପ୍ରବାହ ବିବରଣୀ ଏକ ନିର୍ଦ୍ଦିଷ୍ଟ ଅବଧି ମଧ୍ୟରେ ହୋଇଥିବା ସମସ୍ତ ଅର୍ଥ ପ୍ରାପ୍ତି ଏବଂ ପୈଠଗୁଡ଼ିକର ଏକ ସାରାଂଶ ଅଟେ ।
- ଅର୍ଥ ପ୍ରବାହ ବିବରଣୀ ଏ.ଏସ୍-3 (ସଂଶୋଧିତ) ଅନୁସାରେ ପ୍ରସ୍ତୁତ କରାଯାଏ ।

- ଅର୍ଥ ପ୍ରବାହ ବିବରଣୀ ପ୍ରସ୍ତୁତ କରିବା ପାଇଁ ଦୁଇଟି ପଦ୍ଧତି ଅଛି : (i) ପ୍ରତ୍ୟକ୍ଷ ପଦ୍ଧତି (ii) ପରୋକ୍ଷ ପଦ୍ଧତି ।
- ଅର୍ଥ ପ୍ରବାହ ବିବରଣୀ ଅର୍ଥର ଅନ୍ତଃ ପ୍ରବାହ ଏବଂ ବାହ୍ୟ ପ୍ରବାହର ତିନୋଟି ବର୍ଗ (ଶ୍ରେଣୀ) ଦର୍ଶାଇ ଥାଏ, ଅର୍ଥାତ୍ (i)ସଂଚାଳନ କାର୍ଯ୍ୟକଳାପ (ii) ବିନିଯୋଗ କାର୍ଯ୍ୟ କଳାପ (iii) ଅର୍ଥାୟନ କାର୍ଯ୍ୟକଳାପ ।
- ସଂଚାଳନ କାର୍ଯ୍ୟକଳାପ ଗୁଡ଼ିକ ପ୍ରତିଷ୍ଠାନ (ଉଦ୍ୟୋଗ)ର ଆଗମ(ରାଜସ୍ୱ) ସୃଜନ କାରୀ କାର୍ଯ୍ୟକଳାପ ଅଟେ ।
- ବିନିଯୋଗ କାର୍ଯ୍ୟକଳାପରେ ଦୀର୍ଘ ମିଆଦୀ ପରିସମ୍ପତ୍ତିର ଏବଂ ଅର୍ଥ ଓ ଅର୍ଥ ସମତୁଲ୍ୟରେ ଅନ୍ତର୍ଭୁକ୍ତ ହୋଇ ନ ଥିବା ଅନ୍ୟାନ୍ୟ ବିନିଯୋଗର ଅଧିଗ୍ରହଣ (କ୍ରୟ) ଏବଂ ବିକ୍ରୟ ଅନ୍ତର୍ଭୁକ୍ତ ଥାଏ ।
- ଅର୍ଥାୟନ କାର୍ଯ୍ୟକଳାପ ହେଉଛି ସେହି ସବୁ କାର୍ଯ୍ୟ କଳାପ ଯାହାର ଫଳ ସ୍ୱରୂପ ଉଦ୍ୟୋଗର ଅଂଶ ପୁଞ୍ଜି ଏବଂ କରଜ (ଋଣ)ର ଆକାର ଓ ସଂରଚନାରେ ପରିବର୍ତ୍ତନ ହୋଇଥାଏ ।
- ଅସାଧାରଣ ଆଇଟମ୍ ଗୁଡ଼ିକରୁ ଅର୍ଥ ପ୍ରବାହ ଗୁଡ଼ିକୁ ଅଲଗା ଅଲଗା ଭାବେ ସଂଚାଳନ, ବିନିଯୋଗ ଏବଂ ଅର୍ଥାୟନ କାର୍ଯ୍ୟକଳାପରୁ ଉତ୍ପନ୍ନ ଭାବେ ଉଲ୍ଲେଖ କରାଯିବ ।

## ପାଠ୍ୟାନ୍ତ ପ୍ରଶ୍ନ

1. ଅର୍ଥ ପ୍ରବାହ ବିବରଣୀ କ'ଣ ? ଅର୍ଥ ପ୍ରବାହ ବିବରଣୀର ମୁଖ୍ୟ ଉଦ୍ଦେଶ୍ୟ ଗୁଡ଼ିକ ଉଲ୍ଲେଖ କର ।
2. ଏ.ଏସ୍-3 (ସଂଶୋଧିତ) ଅନୁସାରେ ଅର୍ଥର ସଂଜ୍ଞା ନିରୂପଣ କର । ଅର୍ଥପ୍ରବାହ ବିବରଣୀ ପ୍ରସ୍ତୁତ କରିବା ସମୟରେ ଏ.ଏସ୍-3 (ସଂଶୋଧିତ) ଅନୁସାରେ ବିଭିନ୍ନ କାର୍ଯ୍ୟକଳାପକୁ କିପରି ଶ୍ରେଣୀ ଭୁକ୍ତ କରାଯାଏ ?
3. ସଂଚାଳନ କାର୍ଯ୍ୟକଳାପର ତିନୋଟି ଉଦାହରଣ ଦିଅ ।
4. ବିନିଯୋଗ କାର୍ଯ୍ୟକଳାପର ଦୁଇଟି ଉଦାହରଣ ଦିଅ ।
5. ନିମ୍ନରେ ଅଞ୍ଜଳି ଲିଃର 31 ମାର୍ଚ୍ଚ 2007 ର ତୁଳନାତ୍ମକ ଉଦ୍‌ବୃତ୍ତ ପତ୍ର ପ୍ରଦତ୍ତ ଅଛି ।

| ବିସ୍ତୁତ ବିବରଣୀ | 2007 ପରିମାଣ r | 2006 ପରିମାଣ r |
|---|---|---|
| ନଗଦ ଅର୍ଥ | 40,000 | 57,000 |
| ପ୍ରାପ୍ୟ ହିସାବ | 77,000 | 64,000 |
| ମହଜୁଦ ସାମଗ୍ରୀ | 1,32,000 | 140, 000 |



ଟିପ୍ପଣୀ

| | | |
|---|---|---|
| ପୂର୍ବଦତ୍ତ ବ୍ୟୟ | 12,140 | 16,540 |
| ଜମି | 1, 25, 000 | 1,50,000 |
| ଉପକରଣ | 2,00,000 | 1, 75,000 |
| ସ୍*ତ ମୂଲ୍ୟ ହ୍ରାସ (ଉପକରଣ) | (60,000) | (42,000) |
| କୋଠା | 2,50,000 | 2,50, 000 |
| ସ୍*ତ ମୂଲ୍ୟହ୍ରାସ (କୋଠା) | (75,000) | (50,000) |
| | 7, 01,140 | 7,60,540 |
| ଦେୟ ହିସାବ | 33,000 | 45,000 |
| ଦେୟ ବଣ୍ଡ୍ (ଋଣପତ୍ର) | 2, 35,000 | 2, 65, 000 |
| ସମତା ଅଂଶ ପୁଞ୍ଜି (ଅଂଶ ପ୍ରତି ୨10) | 2,80, 000 | 2, 50,000 |
| ସ୍*ତ ଉପାର୍ଜନ | 1, 53, 140 | 2,00 540 |
| | 7,01,140 | 7, 60, 540 |

## ପାଠ୍ୟଗତ ପ୍ରଶ୍ନର ଉତ୍ତର

**ପାଠ୍ୟଗତ ପ୍ରଶ୍ନ 30.1**

(i) ଅର୍ଥ ସମତୁଲ୍ୟ
(ii) ଆର୍ଥିକ
(iii) ଅନ୍ତଃ ପ୍ରବାହ, ବାହ୍ୟ ପ୍ରବାହ
(iv) ଅର୍ଥ ସମତୁଲ୍ୟ

**ପାଠ୍ୟଗତ ପ୍ରଶ୍ନ 30.2**

(i) ତାଲିକା
(ii) ପରୋକ୍ଷ
(iii) ବିନିଯୋଗ
(iv) ପ୍ରତ୍ୟକ୍ଷ

**ପାଠ୍ୟଗତ ପ୍ରଶ୍ନ 30.3**

(i) ସଂଚାଳନ କାର୍ଯ୍ୟକଳାପ
(ii) ଅର୍ଥାୟନ କାର୍ଯ୍ୟକଳାପ
(iii) ବିନିଯୋଗ କାର୍ଯ୍ୟକଳାପ
(iv) ବିନିଯୋଗ କାର୍ଯ୍ୟ କଳାପ
(v) ବିନିଯୋଗ କାର୍ଯ୍ୟକଳାପ

**ପାଠ୍ୟଗତ ପ୍ରଶ୍ନ 30.4**

(i) ଅଣ-ସଂଚାଳନ
(ii) ଅର୍ଥର ଅନ୍ତଃ ପ୍ରବାହ
(iii) ଅର୍ଥର ବାହ୍ୟ ପ୍ରବାହ
(iv) ଅର୍ଥର ବାହ୍ୟ ପ୍ରବାହ
(v) ଅର୍ଥର ଅନ୍ତଃ ପ୍ରବାହ
(vi) ଅର୍ଥର ଅନ୍ତଃ ପ୍ରବାହ



ଟିପ୍ପଣୀ



## କାର୍ଯ୍ୟ

ଗୋଟିଏ ଯୌଥ ପୁଞ୍ଜି କମ୍ପାନୀର କାର୍ଯ୍ୟାଳୟ ପରିଦର୍ଶନ କର ଏବଂ କମ୍ପାନୀ ଦ୍ୱାରା ପ୍ରସ୍ତୁତ ଅର୍ଥ ପ୍ରବାହ ବିବରଣୀର ଅଧ୍ୟୟନ କର । ଲେଖା ଯାଇଥିବା ଆଇଟମ୍ ଗୁଡ଼ିକରୁ ସେହି ସବୁ ସମ୍ଭାବ୍ୟ ଆଇଟମ୍ (ପ୍ରତ୍ୟେକରୁ ଦୁଇଟି) ଗୁଡ଼ିକର ଏକ ତାଲିକା ପ୍ରସ୍ତୁତ କର ଯେଉଁ ଗୁଡ଼ିକ ନିମ୍ନ ଲିଖିତ କାର୍ଯ୍ୟକଳାପରୁ କୋଷ ବୃଦ୍ଧି ଏବଂ ହ୍ରାସ କରି ପାରିବ

(କ) ସଂଚାଳନ କାର୍ଯ୍ୟ କଳାପ

(ଖ) ବିନିଯୋଗ କାର୍ଯ୍ୟ କଳାପ

(ଗ) ଅର୍ଥାୟନ କାର୍ଯ୍ୟ କଳାପ

| କାର୍ଯ୍ୟ | | |
|---|---|---|
| ସଂଚାଳନ | 1. | 1. |
| | 2. | 2. |
| ବିନିଯୋଗ | 1. | 1. |
| | 2. | 2. |
| ଅର୍ଥାୟନ | 1. | 1. |
| | 2. | 2. |

❒